ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୫୩
୧୯ ଜାନୁଆରୀ, ୨୦୨୬ ସୋମବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 253
19th January, 2026 Monday
Kendrapara

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଅଶକ୍ତସ୍ତୁ ଭବେତ୍‌ସାଧୁ-ର୍ବ୍ରହ୍ମଚାରୀ ଚ ନିର୍ଦ୍ଧନଃ
ବ୍ୟାଧିଷ୍ଟୋ ଦେବଭକ୍ତଶ୍ଚ ବୃଦ୍ଧାନାରୀ ପତିବ୍ରତା ।**

ଶକ୍ତି-ସାମର୍ଥ୍ୟହୀନ ପୁରୁଷ ସାଧୁ ହୋଇଥାଏ, ନିର୍ଦ୍ଧନ ହୁଏ ବ୍ରହ୍ମଚାରୀ, ରୋଗାକ୍ରାନ୍ତ ବ୍ୟକ୍ତି ଦେବଭକ୍ତ ହୋଇଥାଏ ଏବଂ ବୃଦ୍ଧା ସ୍ତ୍ରୀ ହୋଇଥାଏ ପତିବ୍ରତା ।

## ଢଗଢମାଳି

**... ବାଜିଗଲେ ଦୋଷ ନାହିଁ**

**ରାଜା ମିଛ କହିଲେ ବାଘ ଡରିଯାଏ**

# ମାଳମାଳ ଫେକ୍ ପଲ୍ୟୁସନ ସେଣ୍ଟର

### ୭୨ ଜଣଙ୍କ ବିରୋଧରେ ଆକ୍ସନ: ୫୨ ସେଣ୍ଟରର ଲାଇସେନ୍ସ ରଦ୍ଦ



ଭୁବନେଶ୍ୱର,୧୮।୧
ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟରେ ପ୍ରଦୂଷଣ ପ୍ରମାଣପତ୍ର ବା ପିୟୁସିସିକୁ ନେଇ ଚାଲିଥିବା କେଲେଙ୍କାରୀର ପର୍ଦ୍ଦାଫାଶ କରିଛି ପରିବହନ ବିଭାଗ। ଗାଡ଼ି ଯାଞ୍ଚ ନକରି କେବଳ ଫଟୋ ଦେଖି ନକଲି ସାର୍ଟିଫିକେଟ୍ ପ୍ରଦାନ କରୁଥିବା ଅଭିଯୋଗରେ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ମାମଲାରେ ଏପର୍ଯ୍ୟନ୍ତ ୪୨ରୁ ୫୨ଟି ଟେଷ୍ଟିଂ ସେଣ୍ଟରର ଲାଇସେନ୍ସ ରଦ୍ଦ କରାଯାଇଥିବା ବେଳେ ୭୨ ଜଣଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯାଇଛି।

ତଦନ୍ତରୁ ଜଣାପଡ଼ିଛି ଯେ, ଅନେକ ପଲ୍ୟୁସନ ସେଣ୍ଟର ଗାଡ଼ିରୁ ନିର୍ଗତ ଧୂଆଁ ଯାଞ୍ଚ ନକରି ମାତ୍ର ୧ ମିନିଟ୍ ମଧ୍ୟରେ ସାର୍ଟିଫିକେଟ୍ ପ୍ରଦାନ କରୁଥିଲେ। ସାଧାରଣତଃ ଏହି ପ୍ରକ୍ରିୟା ପାଇଁ ୫ରୁ ୭ ମିନିଟ୍ ସମୟ ଲାଗୁଥିବା ବେଳେ, ଏହି କେନ୍ଦ୍ରଗୁଡ଼ିକ କେବଳ ଗାଡ଼ିର ଫଟୋ ଉଠାଇ ନକଲି ଡାଟା 'ବାହନ' ପୋର୍ଟାଲରେ ଅପଲୋଡ୍ କରୁଥିଲେ। କିଛି ସେଣ୍ଟର ଓଡ଼ିଶା ବାହାରେ ଥାଇ ମଧ୍ୟ ଓଡ଼ିଶା ଗାଡ଼ି ପାଇଁ ସାର୍ଟିଫିକେଟ୍ ବାହାର କରୁଥିବା ଦେଖିବାକୁ ମିଳିଛି।

ଅତିରିକ୍ତ ପରିବହନ କମିଶନର ଦୀପ୍ତି ରଞ୍ଜନ ପାତ୍ରଙ୍କ ସୂଚନା ଅନୁଯାୟୀ, ଏହି ସେଣ୍ଟରଗୁଡ଼ିକର ୟୁଜର୍ ଆଇଡିକୁ ବ୍ଲକ୍ କରାଯାଇଛି। ଏଥିସହ ସାଇବର ପୋଲିସରେ ଅପରାଧିକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡାଟା ଆନାଲିଟିକ୍ସ ମାଧ୍ୟମରେ ଏହି ସନ୍ଦେହଜନକ କାର୍ଯ୍ୟକଳାପ ଧରାପଡ଼ିଥିଲା।

# ପୁଲିସ ଉପରକୁ ଗୁଳି

### ପୁଣି ସକ୍ରିୟ 'ଡି-ବ୍ରଦର୍ସ' ଗ୍ୟାଙ୍ଗ !



କଟକ,୧୮।୧
ଏକ୍ସପ୍ରେସ୍ ନ୍ୟୁଜ୍

ଅପରାହ୍ଣର ଶାନ୍ତ ପରିବେଶକୁ ଥରାଇ ଦେଲା ବନ୍ଧୁକର ଗର୍ଜନ। ଚନ୍ଦକା ନିକଟସ୍ଥ ତ୍ରିଶୁଳିଆରେ ଘଟିଯାଇଛି ଏକ ଗୁଳିକାଣ୍ଡ। ଦୁଇ ବିଲଡର ସଂସ୍ଥାଙ୍କ ମଧ୍ୟରେ ଚାଲିଥିବା 'ରାସ୍ତା' ବିବାଦ ଶେଷରେ ରକ୍ତମୁଖା ରୂପ ନେଇଛି। ଘଟଣାଟି ଏତିକିରେ ସରିନାହିଁ, ବରଂ ଏଥିରେ ଓଡ଼ିଶା ଅପରାଧ ଜଗତର ସବୁଠାରୁ ଭୟଙ୍କର ଗ୍ୟାଙ୍ଗ 'ଡି-ବ୍ରଦର୍ସ'ର ସଂପୃକ୍ତି ପୁଣି ଥରେ ପୋଲିସର ନିଦ ହଜାଇ ଦେଇଛି।

କୁହ୍ନେଇପଡ଼ା ମୌଜାରେ ଦୁଇଟି ବିଲଡର ସଂସ୍ଥା ମଧ୍ୟରେ ଏକ ରାସ୍ତାକୁ ନେଇ ଦୀର୍ଘ ଦିନରୁ ବିବାଦ ଚାଲିଥିଲା। ଆଜି ଅପରାହ୍ଣରେ ବିବାଦ ଚରମ ସୀମାରେ ପହଞ୍ଚିଥିଲା। ଅଭିଯୋଗ ଅନୁସାରେ, ଗୋଟିଏ ସଂସ୍ଥା ପକ୍ଷରୁ କିଛି ବନ୍ଧୁକଧାରୀ ଗୁଣ୍ଡା ଦଳ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଗୋଷ୍ଠୀକୁ ଧମକ ଚମକ ଦେବା ଆରମ୍ଭ କରିଥିଲେ। ଖବର ପାଇ ବାରଙ୍ଗ ଥାନା ଆଇଆଇସି ଦେବେନ୍ଦ୍ର କୁମାର ବିଶ୍ୱାଳ ସଦଳବଳେ ସେଠାରେ ପହଞ୍ଚିଥିଲେ।

ପୋଲିସକୁ ଦେଖି ଦୁର୍ବୃତ୍ତମାନେ ଭୟ କରିବା ପରିବର୍ତ୍ତେ ଆକ୍ରମଣାତ୍ମକ ରୂପ ଧାରଣ କରିଥିଲେ। ଖସି ପଳାଇବା ପାଇଁ ସେମାନେ ସିଧାସଳଖ ପୋଲିସ ଉପରକୁ ଫାଙ୍କା ଗୁଳି ଚାଳନା କରିଥିଲେ। ତଥାପି ପୋଲିସ ନିଜ ଜୀବନକୁ ବାଜି ଲଗାଇ ସେମାନଙ୍କୁ ପିଛା କରିଥିଲା। ଜଣେ ଦୁର୍ବୃତ୍ତକୁ ପୋଲିସ ମାଡ଼ିବସିଥିବା ବେଳେ ଅନ୍ୟମାନେ ଛତ୍ରଭଙ୍ଗ ଦେଇଥିଲେ।

ଧରାପଡ଼ିଥିବା ଅଭିଯୁକ୍ତକୁ ପଚରାଉଚରା (ଶେଷ ପୃଷ୍ଠା ଦେଖନ୍ତୁ)

# ବାରହା ଆକ୍ରମଣରେ ପୁଣି ଜଣେ ଆହତ

ରାଜନଗର,୧୮।୧: ଏକ୍ସପ୍ରେସ୍ ନ୍ୟୁଜ୍

ରାଜନଗର ବ୍ଲକ ଡାଙ୍ଗମାଳ ଗ୍ରାମର ତ୍ରିଲୋଚନ କୁଅଁର ରବିବାର ସକାଳ ପ୍ରାୟ ୫ଟା ସମୟରେ ଶୌଚ ହେବାକୁ ଯାଉଥିବା ବେଳେ ବାରହା ଆକ୍ରମଣର ଶିକାର ହୋଇଥିଲେ । ବାରହାଟି ଆକ୍ରମଣ କରିବା ସମୟରେ ସେ ତଳେ ପଡିଯାଇଥିଲେ । ତାଙ୍କ ହାତ, ଦୁଇ ଗୋଡ ଓ ମୁହଁକୁ ଆକ୍ରମଣ କରି କ୍ଷତାକ୍ତ କରୁଥିବା ବେଳେ ତ୍ରିଲୋଚନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଦୌଡି ଆସିବାରୁ ବାରହା ପଳାଇ ଯାଇଥିଲା । ଲୋକମାନେ ତାଙ୍କୁ ଉଦ୍ଧାର କରି ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା କରିବା ପରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ସେଠାରୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି । ସୂଚନା ଥାଉକି, ଶନିବାର ଦିନ ଖମାରସାହି ପଚାଂୟତ ରଗଡାପାଟିଆ ଗ୍ରାମର ସଂନ୍ଧ୍ୟାରାଣୀ ଗିରିଙ୍କୁ ଆକ୍ରମଣ କରି ଲହୁଲୁହାଣ କରିବା ପରେ ସେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ସନ୍ଧ୍ୟାରାଣୀଙ୍କୁ ବାରହା ଆକ୍ରମଣ କରିବା ପରେ ବନବିଭାଗ ବାରହାଟିକୁ ଜାଲ ସାହାଯ୍ୟରେ ଧରିବା ପରେ ଡାଙ୍ଗମାଳ ଫରେଷ୍ଟ ବ୍ଲକରେ ଛାଡି ଦେଇଥିଲେ । ସେହି ବାରହା ପୁନର୍ବାର ରବିବାର ଦିନ ତ୍ରିଲୋଚନ କୁଅଁରଙ୍କୁ ଆକ୍ରମଣ କରିବା ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଜାତୀୟ ଉଦ୍ୟାନ ଜଙ୍ଗଲ ପାର୍ଶ୍ୱରେ ତାରବାଡ ଦିଆଯାଇଥିଲେ ମଧ୍ୟ ସ୍ଥାନେ ସ୍ଥାନେ ତାରବାଡ ଭାଙ୍ଗି ଯାଇଛି । ଯାହାଫଳରେ ବାରହା ଜନବସତି ମୁହାଁ ହୋଇ ମଣିଷଙ୍କୁ ଆକ୍ରମଣ କରୁଥିବା ଅଭିଯୋଗ ହୋଇଛି ।

# ପାରିବାରିକ କଳହରୁ ନଦୀକୁ ଡେଇଁଲେ ବୃଦ୍ଧ

ରାଜନଗର,୧୮।୧: ଏକ୍ସପ୍ରେସ୍ ନ୍ୟୁଜ୍

ରାଜନଗର ବ୍ଲକ ବନ୍ଧପଡା ପଚାଂୟତ ଟାଙ୍ଗଣଡେିଳା ଗ୍ରାମର ଦର୍ପନାରାୟଣ ରାଉତ(୬୦) ହଂସୁଆ ସେତୁ ଉପରୁ ଦିନ ପ୍ରାୟ ୧୧ଟା ସମୟରେ ନଦୀକୁ ଡେଇଁ ପଡିଥିଲେ । ସ୍ଥାନୀୟ ଯୁବକମାନେ ମତ୍ସ୍ୟଜିବୀଙ୍କ ଡଙ୍ଗା ନେଇ ତାଙ୍କୁ ଉଦ୍ଧାର କରିଥିଲେ । ପୋଲିସ ପହଂଚି ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ପାରିବାରିକ କଳହ କାରଣରୁ ଦର୍ପନାରାୟଣ ନଦୀକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା ସୂଚନା ମିଳିଛି ।

# ଲକ୍ଷ୍ୟ ନିକେତନ କାର୍ଯ୍ୟକ୍ରମ ମାଧ୍ୟମରେ ସିଭିଲ ସର୍ଭିସ କୋଚିଂ

### ଗଞ୍ଜାମ ଜିଲ୍ଲା ପ୍ରଶାସନର ପ୍ରୟାସ ରାଜ୍ୟରେ ପ୍ରଥମ




ବ୍ରହ୍ମପୁର,୧୮।୧
ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟରେ ପ୍ରଥମଥର ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ନିକେତନ କାର୍ଯ୍ୟକ୍ରମ ମାଧ୍ୟମରେ ସିଭିଲ ସର୍ଭିସ କୋଚିଂ ପ୍ରଦାନ କରାଯାଇଛି। ରବିବାର ବ୍ରହ୍ମପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗଞ୍ଜାମ ଲକ୍ଷ୍ୟ ନିକେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାର ଯୁବକ ଓ ଯୁବତୀଙ୍କୁ ୟୁପିଏସସି ଓ ଓପିଏସସି ଭଳି ବିଭିନ୍ନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ଟିପ୍ସ ଓ କୋଚିଂ ପ୍ରଦାନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଆଇଏଏସ ଓ ଆଇପିଏସ ଅଫିସରମାନେ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆଇଏଏସ ଅଫିସର ତଥା ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଉପଜିଲ୍ଲାପାଳ ଅବିନାଶ କୁମାର, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଆଇପିଏସ ଅଫିସର ତଥା ଦକ୍ଷିଣାଞ୍ଚଳ ଆଇ.ଜି ନୀତି ଶେଖର, ବ୍ରହ୍ମପୁର ଏସପି ଶ୍ରବଣା ବିବେକ ଏମ ପ୍ରମୁଖ ଉପସ୍ଥିତ ରହି ଅନଲାଇନ ମାଧ୍ୟମରେ ପିଲାଙ୍କୁ ସାକ୍ଷାତକାର ଶୈଳୀ, ପରୀକ୍ଷା ପଦ୍ଧତି ଭଳି ଅନେକ ଟିପ୍ସ ଏବଂ କୌଶଳ କୋଚିଂ ଦେଇଥିଲେ।

ପୂର୍ବରୁ ୪ ଜଣ ଆଗ୍ରହୀ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ଚଳିତ ରବିବାର ୫ ଜଣ ଛାତ୍ରଛାତ୍ରୀ ଦେଇଛନ୍ତି। ଆଗାମୀ ଦିନରେ ଆହୁରି ଅଧିକ ଆଶାୟୀ ପରୀକ୍ଷାର୍ଥୀ ଯୋଗ ଦେବା ନେଇ ଆଶା କରୁଥିବା କହିଛନ୍ତି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ। ଏହା ଦ୍ୱାରା ଗଞ୍ଜାମ ଜିଲ୍ଲାର ବହୁ ଯୁବକ ଯୁବତୀ ଆଇଏଏସ ଓ ଆଇପିଏସ ଅଫିସର ହୋଇପାରିବା ଲକ୍ଷ୍ୟ ରଖାଯାଇଛି। ଆଗାମୀ ଦିନରେ ଅଫ ଲାଇନରେ କୋଚିଂ ଦେବା ଲକ୍ଷ୍ୟ ରଖା ଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। ଏଭଳି କାର୍ଯ୍ୟକ୍ରମ ଆଶାୟୀ ପରୀକ୍ଷାର୍ଥୀଙ୍କ ପାଇଁ ବେଶ ସହାୟକ ହେବ ବୋଲି କହିଛନ୍ତି ବ୍ରହ୍ମପୁର ଏସ.ପି ସର୍ବଣା ବିବେକ. ଏମ।

# ଓଏସସିବି ଅଧିକାରୀଙ୍କୁ କେନ୍ଦ୍ର ସରକାରଙ୍କ ପ୍ରଶଂସା

ଭୁବନେଶ୍ୱର,୧୮।୧: ଏକ୍ସପ୍ରେସ୍ ନ୍ୟୁଜ୍

ଖରିଫ୍ ଓ ରବିରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର କାର୍ଯ୍ୟାନ୍ୱୟନରେ ସାମଗ୍ରିକ ଭାବେ ସଫଳତା ହାସଲ କରିଥିବାରୁ ରାଜ୍ୟର ନାମୀ ଶୀର୍ଷ ସମବାୟ ସଂସ୍ଥା ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କକୁ କେନ୍ଦ୍ର ସରକାର ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ଉଲ୍ଲେଖନୀୟ ଯେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଦେଶର ବୃହତ ରାଜ୍ୟ ସମବାୟ ବ୍ୟାଙ୍କମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ କେନ୍ଦ୍ର ସରକାରଙ୍କ କୃଷକ ଓ କୃଷି କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ଏହି ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ୨୦୨୪-୨୫ ଖରିଫ୍ ଓ ରବି ଫସଲ ବର୍ଷରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ରୂପାୟନରେ ଓଏସ୍‌ସିବି ବିଶେଷ ପାରଦର୍ଶିତା ହାସଲ କରିବା ସହ ସହାୟତା ପ୍ରଦାନ କରିଥିବାରୁ କେନ୍ଦ୍ର ସରକାର ଉଚ୍ଚ ପ୍ରଶଂସା କରିଛନ୍ତି। ବିଶେଷ ଭାବରେ ବ୍ୟାଙ୍କର ଅଧିକାରୀମାନଙ୍କ ଏହି ଯୋଜନାର କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ସକ୍ରିୟ ଅବଦନା ଲାଗି କେନ୍ଦ୍ର ସରକାରଙ୍କ କୃଷକ ଓ କୃଷି କଲ୍ୟାଣ ବିଭାଗ ସେମାନଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସିଇଓ ମୁକ୍ତାନନ୍ଦ ଅଗ୍ରୱାଲ୍ ଗତ ୧୪ ତାରିଖ ଦିନ ବ୍ୟାଙ୍କ ଏହି ପ୍ରଶସ୍ତିପତ୍ର ପ୍ରଦାନ କରିଛନ୍ତି।


Government of India
Ministry of Agriculture & Farmers Welfare
Department of Agriculture & Farmers Welfare

No. 11016/01/2020-Credit-II Dated: 14th January, 2026

CERTIFICATION OF COMMENDATION

This certificate of Commendation is awarded to the Odisha State Co-Operative Bank Ltd. for securing First Rank in the category of "Cooperative Banks-Large States" in the overall performance ranking of the Banks supporting the implementation of Pradhan Mantri Fasal Bima Yojana (PMFBY) for Kharif 2024 and Rabi 2024-25.

This Department appreciates the efforts made by the Bank and its team of officers in the implementation of the scheme.

(Muktanand Agrawal)
CEO-PMFBY

# ବରଯାତ୍ରୀ ବସ୍ ଓଲଟି ୫ ମୃତ

ଲତେହାର,୧୮।୧
ଏକ୍ସପ୍ରେସ୍ ନ୍ୟୁଜ୍

ଝାଡଖଣ୍ଡର ଲତେହାର ଜିଲ୍ଲାରେ ରବିବାର ବଡଧରଣର ସଡକ ଦୁର୍ଘଟଣା ଘଟିଛି। ବରଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସର ବ୍ରେକ୍ ଫେଲ୍ ହୋଇ ଏହା ନିୟନ୍ତ୍ରଣ ହରାଇ ଓଲଟି ପଡିବାରୁ ୪ ମହିଳାଙ୍କ ସମେତ ୫ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ୨୫ ଜଣ ଯାତ୍ରୀ ଆହତ ହୋଇଥିବାବେଳେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଲତେହାର ଜିଲ୍ଲାର ମହୁଆଦାନର୍ ପୁଲିସ ଷ୍ଟେସନ ଅନ୍ତର୍ଗତ ଓର୍ସା ବଙ୍ଗଲାଦାରା ଉପତ୍ୟାକାରେ ହୋଇଥିଲା।

ଏକ ବସ୍ ବରଯାତ୍ରୀଙ୍କୁ ନେଇ ଛତିଶଗଡର ବଲରାମପୁର ଜିଲ୍ଲାରୁ ମହୁଆଦାନର୍ଙ୍କୁ ଅନୁଷ୍ଠିତ ହେଉଥିବା ବିବାହ ଉତ୍ସବ କାର୍ଯ୍ୟକ୍ରମକୁ ଯାଉଥିବାବେଳେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି। ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ 'ଏକ୍ସ'ରେ ଏକ ପୋଷ୍ଟ କରି ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଲତେହାର ଡେପୁଟି କମିସନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବସ୍‌ରେ ପାଖାପାଖି ୭୦ ଯାତ୍ରୀ ଥିବା ଡ୍ରାଇଭର ବିକାଶ ପାଠକ ସୂଚନା ଦେଇଛନ୍ତି। ପାଠକ ସୂଚନା ଦେଇଛନ୍ତି ଯେ, ବସ୍ର ବ୍ରେକ୍ ଫେଲ୍ ହୋଇଯାଇଥିଲା। ସେ ହ୍ୟାଣ୍ଡବ୍ରେକ୍ ମାରି ଗାଡିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବସ୍ ନିୟନ୍ତ୍ରଣକୁ ଆସିନଥିଲା ଓ ଏହା ଓଲଟି ପଡିଥିଲା।

# କୋଟେରୀକୁ ଆହ୍ୱାନ: ଗଣମାଧ୍ୟମରେ ଶସ୍ତା ଗପ ନଗପି ତଥ୍ୟ ଥିଲେ ସ୍ପଷ୍ଟ କର



ଅରବିନ୍ଦଙ୍କ ନିଲମ୍ବନକୁ ନେଇ ସ୍ଥାନୀୟ ବିଜେଡି ନେତା ଅସନ୍ତୁଷ୍ଟ

ଡେରାବିଶ,୧୮।୧
ଏକ୍ସପ୍ରେସ୍ ନ୍ୟୁଜ୍

ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳରୁ ନିଲମ୍ବନ କରିବା ନେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେ଼ରାବିଶ ବ୍ଲକ୍‌ର ବିଜେଡ଼ି ନେତା ଓ କର୍ମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଆଜି ବହୁ ପ୍ରମୁଖ ସ୍ଥାନୀୟ ନେତା ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀମହାପାତ୍ରଙ୍କ ନିଲମ୍ବନ କୋଟେରୀ ଗୃପ୍‌ର ଏକ ହୀନ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିବା ସହିତ ବିଜେଡ଼ି ସୁପ୍ରିମୋ ଏହାର ପୁନଃବିଚାର କରିବାକୁ ଅନୁରୋଧ କରିଛନ୍ତି । ବରିଷ୍ଠ ବିଜେଡି ନେତା ମହେନ୍ଦ୍ର କୁମାର ସିଂହ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷତା କରି କହିଥିଲେ ଗତ ଗୁରୁବାର ସଂଧ୍ୟାରେ ରାଜ୍ୟ ବିଜେଡି ସଭାପତିଙ୍କ ସ୍ୱାକ୍ଷରରେ ବିଧାୟକ ଅରବିନ୍ଦଙ୍କୁ ଦଳବିରୋଧି କାର୍ଯ୍ୟ ପାଇଁ ନିଲମ୍ବନ କରାଯାଇଥିବା ଖବର ସମସ୍ତ ଦଳୀୟ କର୍ମୀଙ୍କୁ ଚକିତ କରିଛି । ୧୮ ମାସ ମଧ୍ୟରେ ବିଧାୟକ କେଉଁ ଦଳ ବିରୋଧି କାର୍ଯ୍ୟ କରିଛନ୍ତି ଓ କେଉଁ ଦୁର୍ନୀତିରେ (ଶେଷ ପୃଷ୍ଠା ଦେଖନ୍ତୁ)

## ନବୀନଙ୍କୁ ଭେଟିଲା ପରେ ଜବାବ ରଖିବି



ଭୁବନେଶ୍ୱର,୧୮।୧
ଏକ୍ସପ୍ରେସ୍ ନ୍ୟୁଜ୍

ବିଜେଡି ଆଣିଥିବା ଅଭିଯୋଗର ଉତ୍ତର ରଖିଲେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର। ସେ କହିଲେ, ପ୍ରତିଦିନ ନୂଆ ନୂଆ ଅଭିଯୋଗ ଆଣୁଛି ବିଜେଡି। କ'ଣ ଅଭିଯୋଗ ଅଛି କାଗଜରେ ଗୋଟିଏ ତାଲିକା ପ୍ରସ୍ତୁତ କରି ଗଣମାଧ୍ୟମରେ ଦିଅନ୍ତୁ। ନବୀନ ବାବୁଙ୍କ ସହ କଥା ହେବାକୁ ଚେଷ୍ଟା କରିବି। ଏହାପରେ ଉତ୍ତର ଦେବି ବୋଲି ଅରବିନ୍ଦ କହିଛନ୍ତି। ଦିଲ୍ଲୀରୁ ଫେରିଲେ ସାମ୍ବାଦିକ ସମ୍ମିଳନୀ କରି ଜବାବ ଦେବି।

ସାଂସଦ ପ୍ରାର୍ଥୀଙ୍କୁ ହରାଇବା ପାଇଁ ଚେଷ୍ଟା କରୁଥିବା ନେଇ ବିଜେଡିର ଅଭିଯୋଗ ଉପରେ ଅରବିନ୍ଦ କହିଲେ, ସାଂସଦ ପ୍ରାର୍ଥୀଙ୍କୁ ପଚାରିଲେ ସେ କହିପାରିବେ। (ଶେଷ ପୃଷ୍ଠା ଦେଖନ୍ତୁ)

# ୨୨ରେ ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର,୧୮।୧: ଏକ୍ସପ୍ରେସ୍ ନ୍ୟୁଜ୍

ଆସନ୍ତା ୨୨ତାରିଖରେ ମିଳିବ ସୁଭଦ୍ରା ଟଙ୍କା। ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା। ପୂର୍ବରୁ ଜାନୁଆରୀ ୧୮ରେ ସୁଭଦ୍ରା ଟଙ୍କା ମିଳିବ ବୋଲି କହିଥିଲେ ବିଭାଗୀୟ ମନ୍ତ୍ରୀ। ୧୮ ବଦଳରେ ୨୨ତାରିଖରେ ସୁଭଦ୍ରା ସହାୟତା ଅର୍ଥ ରାଶି ପ୍ରଦାନ କରାଯିବା ନେଇ ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏଯାବତ ସୁଭଦ୍ରା ଯୋଜନାରେ ମୋଟ ୪ ଲକ୍ଷ ୫୭ ହଜାର ୬୮୧ଜଣ ମହିଳା ସାମିଲ ହୋଇସାରିଛନ୍ତି। ତାଙ୍କ ଭିତରୁ ନୂଆକରି ୧ ଲକ୍ଷ ୭୮ ହଜାର ୩୯୮ ଜଣ ମହିଳାଙ୍କୁ ସାମିଲ କରାଯାଇଛି । ଯେଉଁମାନେ କି ପ୍ରଥମ ଥର ପାଇଁ ସୁଭଦ୍ରା କିସ୍ତି ପାଇବେ।

ପ୍ରଥମ ଏବଂ ଦ୍ୱିତୀୟ କିସ୍ତିରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣଙ୍କୁ ଏଥର ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି। ସେମାନେ ଏଥର ଏକାବେଳକେ ଦୁଇଟି କିସ୍ତିର ଟଙ୍କା ପାଇବେ। ମିଳିଥିବା ସୂଚନା ଅନୁସାରେ, ଅଭିଯୋଗ ଶୁଣାଣି ପରେ ୨୪ ହଜାର ୧୮ ଜଣ ହିତାଧିକାରୀଙ୍କୁ ସୁଭଦ୍ରାରେ ସାମିଲ କରାଯାଇଥିବା ନେଇ ଉପ-ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

# ପ୍ରଭାବଶାଳୀଙ୍କ ଦଖଲରେ ପଞ୍ଚାୟତ ରାସ୍ତା

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ପଟ୍ଟାମୁଣ୍ଡାଇ,୧୮।୧: ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧିନ ବାଛରା ପଂଚାୟତକୁ ସଂଯୋଗ କରୁଥିବା ମୂଖ୍ୟ ଆରଡି ରାସ୍ତାକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଅବରୋଧ କରିଛନ୍ତି । ଫଳରେ ଲୋକେ ଯାତାୟତରେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବାରମ୍ବାର ସ୍ଥାନୀୟ ପ୍ରଶାସନଙ୍କୁ ଅବଗତ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଦିନକୁ ଦିନ ପ୍ରଭାବଶାଳୀ ମାନେ ରାସ୍ତାକୁ ମଡାଇ ପାଚେରୀ କଲେଣି ତ ଆଉ କିଏ ଶୌଚାଳୟ ଟାଙ୍କି ନର୍ମାଣ କରି ଆବର୍ଜନା ରାସ୍ତାକୁ ନିଷ୍କାସନ କରୁଛନ୍ତି । ଫଳରେ ସେହି ରାସ୍ତା ଦେଇ ସ୍କୁଲକୁ ଯାତାୟତ କରୁଥିବା ଛାତ୍ରୀଛାତ୍ର ମାନେ ଆବର୍ଜନା ପାଣିରେ ପସି ବିଭିନ୍ନ ସଂକ୍ରମକ ରୋଗରେ ପଡୁଛନ୍ତି । ରାସ୍ତା ସଙ୍କୁଚିତ ହେବା ସହିତ ଗାଡି ମୋଟର ଓ ଆମ୍ବୁଲାନ୍ସ ଯାତାୟତ କରିପାରୁ ନାହିଁ । ଯାହାକୁ ନେଇ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏଥିନେଇ ଗ୍ରମାବାସୀ ଶ୍ରୀକାନ୍ତ ବେହେରା, ବରାହ ଚରଣ ସାମଲ, ନାରାୟଣ ପ୍ରଶାଦ ରାଉତ, ବିଜୟ ସାହୁ, ସୁଦ୍ଧାଶଂୁ ସାମଲ, ଆଶୋକ ସାହୁ, ଅଜୟ ସାହୁ ସମେତ ଶତାଧିକ ଦସ୍ତଖତ ସହିତ କେନ୍ଦ୍ରାପଡା ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ପଟ୍ଟାମୁଣ୍ଡାଇ ତହସିଲଦାର ଓ ପଟ୍ଟାମୁଣ୍ଡାଇ ଆରଡି ବିଭାଗ ସହକାରୀ ଯନ୍ତ୍ରୀକୁ ଅଭିଯୋଗ କରିଛନ୍ତି । ଯଦି ଉକ୍ତ ଘଟଣା ଉପରେ ବିହତ ପଦେକ୍ଷେପ ନିଆନଯାଏ ତାହାହେଲେ ଗ୍ରାମବାସୀ ମାନେ ଆଇନର ଦ୍ୱରସ୍ଥ ହେବାକୁ ଚେତାଇ ଦେଇଛନ୍ତି ।

# ଭାଙ୍ଗି ଚାଲିଛି ବିଜେଡି: ବାଟବଣା ନେତା

କେନ୍ଦ୍ରାପଡ଼ା,୧୮।୧: ଏକ୍ସପ୍ରେସ୍ ନ୍ୟୁଜ୍

କ୍ଷମତାରୁ ଯିବାର ଦୁଇ ବର୍ଷ ନପୁରୁଣୁ ବିଜେଡ଼ି ଭାଙ୍ଗି ଭାଙ୍ଗି ଚାଲିଛି । ପ୍ରତ୍ୟେହ କେଉଁଠି ନା' କେଉଁଠି ବିଜେଡିର ସ୍ଥାନୀୟ ନେତା ଓ କର୍ମୀ ଦଳ ଛାଡ଼ି ବିଜେପିରେ ଯୋଗଦାନ କରୁଥିବାର ଖବର ପ୍ରସାରିତ ହେଉଛି । କେଉଁଠି ବିଜେଡ଼ିରେ କେହି ଯୋଡ଼ି ହେଉଥିବାର ଆଉ ନଜରକୁ ଆସୁନାହିଁ । କେବଳ ସେତିକି ନୁହେଁ ଦଳର ପ୍ରମୁଖ ନେତାମାନଙ୍କ ମଧ୍ୟରେ ନିଜ ନିଜର ଭବିଷ୍ୟତ ନେଇ ଆଶଙ୍କା ବଢିବାରେ ଲାଗିଛି । ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ବିଭିନ୍ନ ସମୟରେ ସମ୍ପର୍କରେ ଥିବା ନେତାମାନେ ପୃଥକ୍ ପୃଥକ୍ ଭାବେ ମେଳି କରୁଥିବା ଦେଖାଯାଉଛି । ଅନେକ ବରିଷ୍ଠ ନେତା ଦଳ ପରିଚାଳନା ନେଇ ବିଭିନ୍ନ ସମୟରେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ମୁଖ୍ୟତଃ ଦଳରେ ପାଣ୍ଡିଆନ ସିଣ୍ଡ୍ରୋମକୁ ନେଇ ଦଳଏଭଳି ବିପର୍ଯ୍ୟୟମୁଖୀ ହେଉଥିବାବେଳେ ଦଳ ଉପରୁ ନିୟନ୍ତ୍ରଣ ହରାଉଛନ୍ତି ଖୋଦ୍ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ । ତଥାପି ତାଙ୍କର ଚେତା ପଶୁନାହିଁ । ପାଣ୍ଡିଆନ ଓ ତାଙ୍କ କୋଟେରୀଙ୍କ କାନକୁହା କଥାରେ ନବୀନ ବାଟ ହୁଡ଼ି ଚାଲିଛନ୍ତି ବୋଲି ରାଜନୀତି ତଥ୍ୟାଭିଜ୍ଞ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି ।

ଅନେକଙ୍କ କହିବା କଥାଯେ, ନିଜର ତ୍ରୁଟି ସୁଧାରି ସରକାରଙ୍କ ଦୋଷତୃଟିକୁ ନେଇ ରାଜ୍ୟବାସୀଙ୍କ ପାଇଁ ଲଢେଇ କରିବା ପରିବର୍ତ୍ତେ ବିଜେଡ଼ି ସୁପ୍ରିମୋ ୨୬ବର୍ଷ ପରେ ପୁଣି ପୂର୍ବତନ ମନ୍ତ୍ରୀ ତଥା ବିଜେଡ଼ିର ପ୍ରମୁଖ ପ୍ରତିଷ୍ଠାତା ସଦସ୍ୟ କେନ୍ଦ୍ରାପଡ଼ା ଜିଲ୍ଲାର ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପଛରେ ପଡ଼ିଯାଇଛନ୍ତି । ଜଣେ ବରିଷ୍ଠ ରାଜନେତା ଭାବରେ ବିଜୟ ମହାପାତ୍ର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଜିଲ୍ଲା ତଥା ଅଂଚଳକୁ ଯାଇ ବିଭିନ୍ନ ବର୍ଗର ଲୋକଙ୍କ ନାନାଦି ସମସ୍ୟା ଓ ଏହାର ସମାଧାନର ରାସ୍ତା ତିଆରି ନେଇ ଆଲୋଚନା କରିଥାନ୍ତି । ହେଲେ ନିକଟରେ ତାଙ୍କର ଝାରସୁଗୁଡ଼ା ଗସ୍ତ ସବୁ ବିଗାଡ଼ି ଦେଲା । ତାଙ୍କ ଗସ୍ତ କାଳରେ ରାଜ୍ୟ ବିଜେଡ଼ିର ବହୁ ବଡ଼ ବଡ଼ ନେତା ତାଙ୍କୁ ଭେଟିବାରେ ଅସହିଷ୍ଣୁ ନବୀନ, ପାଣ୍ଡିଆନ୍ ଓ ତାଙ୍କର କୋଟେରୀ ଗ୍ରୁପ୍ ତାକୁ ସହିପରିଲେ ନାହିଁ । ତେଣୁ ପାଟକୁରାର ଲୋକପ୍ରିୟ ବିଧାୟକ ପୁଅ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ବିଦାକରି ବିଜୟଙ୍କ ବିଜେଡ଼ି ଲିଙ୍କ୍‌କୁ ସମାପ୍ତ କରିଦେବାକୁ ଯୋଜନା କରି ଅରବିନ୍ଦଙ୍କୁ ଦଳରୁ ସସ୍‌ପେଣ୍ଡ କରିଦେଲେ । ହେଲେ ଏହା ଏବେ ବାଟବଣା ବିଜେଡ଼ି ପାଇଁ ବୁମେରାଂ ହୋଇଛି । ଅରବିନ୍ଦଙ୍କୁ ବିଶ୍ୱାସଘାତକ ଓ ଦୁର୍ନୀତିଗ୍ରସ୍ତ କହି ସସ୍‌ପେଣ୍ଡ କରିବା ବିଜେଡ଼ିକୁ ଭାରି ପଡ଼ିଛି । ଅରବିନ୍ଦଙ୍କ ସ୍ୱଚ୍ଛ ଭାବମୂର୍ତ୍ତୀ, ଦଳପ୍ରତି ଆନୁଗତ୍ୟ ଓ ଦକ୍ଷତା ସମଗ୍ର ରାଜ୍ୟବାସୀଙ୍କ ଆଗରେ ଥିବାବେଳେ ବିଜେଡ଼ିର ଅଭିଯୋଗ ଶୁଣି ରାଜନୀତି ସଚେତନ ଲୋକେ ହୁଅନ୍ତୁ କି ସାଧାରଣ ଲୋକେ ହୁଅନ୍ତୁ ବିଜେଡ଼ର ତଥ୍ୟ ବିହୀନ ଅଭିଯୋଗକୁ ମିଛ କାହାଣୀ କହି ବାଏଁ ବାଏଁ ଉଡ଼ାଇ ଦେଉଛନ୍ତି ।

ଅନ୍ୟପକ୍ଷରେ ଅରବିନ୍ଦଙ୍କ ପ୍ରତି ଜନ ସମର୍ଥନ ବଢିବାରେ ଲାଗିଛି । ଅନ୍ୟପକ୍ଷରେ ଦେଖିଲେ କେନ୍ଦ୍ରାପଡ଼ା ଜିଲ୍ଲାର ବିଜେଡ଼ି ନେତାମାନେ ମଧ୍ୟ ଅନୁରୂପ ଭାବେ ବାଟବଣା ହୋଇପଡ଼ିଛନ୍ତି । ରାଜନଗର ବ୍ଲକ୍ ବିଡ଼ିଓଙ୍କୁ ସ୍ଥାନୀୟ ବିଜେପି ନେତାଙ୍କ ଦୁର୍ବ୍ୟବହାର ଘଟଣା ରେ ସଂପୃକ୍ତ ନେତାଙ୍କ କ୍ଷମା ପ୍ରାର୍ଥନା ଏବଂ ବିଡ଼ିଓଙ୍କ ସ୍ୱାଭାବିକ ବ୍ଲକ୍ କାର୍ଯ୍ୟ ପରିଚାଳନା ପରେ ଏହି ପ୍ରସଙ୍ଗ ର ଅବସାନ ଘଟି ସାରିଥିଲା । ହେଲେ ଜିଲ୍ଲାବାସୀଙ୍କ ମୌଳିକ ସମସ୍ୟାକୁ ନେଇ ହେଉ କି ବିକାଶର କଥାକୁ ନେଇ ହେଉ ଦିନେ ଆନ୍ଦୋଳନକୁ ଓହ୍ଲାଇ ନଥିବା ବିଜେଡ଼ି ନେତାମାନେ ଏକାଠି ହୋଇ ରାଜନଗର ବ୍ଲକ୍ ପ୍ରସଙ୍ଗରେ ଏସପି ଅଫିସ୍ ଘେରାଉ କଲେ । ଯାହା କେବଳ ଶିର ନାସ୍ତି ଶିର ପୀଡ଼ା । ଏଥିରେ ଜିଲ୍ଲାବାସୀ କାହାରି କୌଣସି ସ୍ୱାର୍ଥ ସାଧନ ହେବାର ସମ୍ଭାବନା ନଥିବାରୁ ଦଳ ଯାହା ସାଧାରଣରେ (ଶେଷ ପୃଷ୍ଠା ଦେଖନ୍ତୁ)

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୯ ଜାନୁଆରୀ ୨୦୨୬ । ସୋମବାର




# ବାଜପୁରା ସଂଘବଦ୍ଧ ଆକ୍ରମଣ ଘଟଣା : ୫ କୋର୍ଟ ଚାଲାଣ

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ମାହାଙ୍ଗା ଥାନା କୁମୁଡାଜୟପୁର ଫାଣ୍ଡି ଅନ୍ତର୍ଗତ ବାଜପୁରା ଗ୍ରାମରେ ଶୁକ୍ରବାର ଦିନ ଠାକୁରାଣୀଙ୍କ ମାଗଣ ଏବଂ ପୂର୍ବ ଶତୃତାକୁ ନେଇ ଘଟି ଯାଇଥିବା ସଂଘବଦ୍ଧ ଆକ୍ରମଣ ଘଟଣାରେ ମାହାଙ୍ଗା ପୋଲିସ ପିଡିତ ପରିବାରର ଏତଲା ଆଧାରରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ମାହାଙ୍ଗା ଆଇଆଇସି ତପନ କୁମାର ରାଉତଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବାଜପୁରା ଗ୍ରାମର ଦିଲୀପ ସାହୁଙ୍କ ସମେତ ସୂର୍ଯ୍ୟକାନ୍ତ ସାହୁ, ଗୌରୀପ୍ରସନ୍ନ ବେହେରା, ଦେବୀ ପ୍ରସନ୍ନ ବେହେରା ଏବଂ ବଡଚଣା ଥାନା ଅଧିନ ପୁରୁଷୋତମପୁର ଗ୍ରାମର ଘନଶ୍ୟାମ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି । ବାଜପୁରା ଗ୍ରାମର ଆହତ ସୌମ୍ୟରଞ୍ଜନ ରାଉତଙ୍କ ବାପା ଅଜୟ କୁମାର ରାଉତଙ୍କ ଲିଖିତ ଅଭିଯୋଗ କ୍ରମେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି ଥାନା କେସ ନଂ ୧୩/୨୬ରେ ଏକ ମାମଲା ରୁଜୁ କରି ୫ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି । ଅପର ପକ୍ଷେ ପ୍ରତିପକ୍ଷଙ୍କ ପକ୍ଷରୁ ମଧ ଏକ ପାଲଟା ଅଭିଯୋଗ କରାଯାଇଥିବା ଜଣାଯାଇଛି । ଗ୍ରାମରେ ଆଇନଶୃଙ୍ଖଳା ନିୟନ୍ତ୍ରଣ ଧିନ ରହିଥିଲାବେଳେ ପୋଲିସ ପଇଁତରା ଜାରୀ ରଖିଛି । ତେବେ ଏହି ଘଟଣାରେ ସଂପୃକ୍ତ ଥିବା କେତେକ ବ୍ୟକ୍ତି ଫେରାର ଥିବା ଜଣାଯାଇଛି ।

## ଦୁର୍ଘଟଣାରେ ଜଳିଗଲା ଅଟୋ-କାର, ଜଣେ ଜୀବନ୍ତ ଦଗ୍ଧ

**କନ୍ଧମାଳ: ଏକ୍ସପ୍ରେସ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀ ଠାରୁ ୪ କିମି ଦୁରରେ ଥିବା ଦାଦପାଙ୍ଗୁରେ ନିକଟରେ ଭୟଙ୍କର ସଡକ ଦୁର୍ଘଟଣା ଘଟି ଗୋଟିଏ କାର ଏବଂ ଗୋଟିଏ ଯାତ୍ରୀ ବାହୀ ଅଟୋରେ ଭୟଙ୍କର ଭାବେ ନିଆଁ ଲାଗି ଘଟଣା ସ୍ଥଳରେ ହିଁ ଅଟୋ ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଯାଇଛି । ତେବେ କାର ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ବେଳେ କାର ଭିତରେ ଥିବା ଜଣେ ବ୍ୟକ୍ତି ଜଳି ଯାଇଥିବା ଜଣାପଡିଛି । ଖବର ପାଇ ଫୁଲବାଣୀ ଅଗ୍ନିଶମ ବାହୀନୀ ଘଟଣା ସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିକୁ ଉଦ୍ଧାର କରିବା ସହିତ ଉଭୟ ଗାଡିରେ ଲିଗିଥିବା ନିଆଁକୁ ଆୟତ କରିଥିଲେ । ତେବେ ଉଭୟ ଗାଡି ବାବଦରେ ତଥ୍ୟ ପ୍ରାପ୍ତ ହୋଇନାହିଁ । ଫୁଲବାଣୀ ସଦର ଥାନା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଛାନଭିନ୍ କରୁଥିବା ଜଣାପଡିଛି । ତେବେ ଦୁର୍ଘଟଣା ଗ୍ରସ୍ତ ଅଟୋରେ ଅତ୍ୟନ୍ତ ଜ୍ୱଳନଶୀଳ ପଦାର୍ଥ ଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଆନନ୍ଦପୁର: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ବିରିଡିହା ଗ୍ରାମର ମହିଳା ନଦୀକୁ ଶୌଚ ହେବାପାଇଁ ଯାଇ ନିଖୋଜ ଥିବା ବେଳେ ରବିବାର ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି । ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅଧିନ କଣ୍ଟିପାଳ ପଞ୍ଚାୟତ ବିରିଡିହା ଗ୍ରାମର ମିନତୀ ବେହେରା (୪୨) ଗୁରୁବାର ସକାଳ ୮ଟା୩୦ ସମୟରେ ଶଶୁରଙ୍କୁ ଚା'ପିଇବାକୁ ଦେଇ ଘଣ୍ଟିଆ ନାଳକୁ ଶୌଚ ପାଇଁ ଯାଇଥିଲେ ।

ବୋହୂ ମିନତୀ ଫେରିବା ବିଳମ୍ବ ହେବାରୁ ଶଶୁର ଚେମଣ ବେହେରା (୭୦) ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ ହେଲେ ସ୍ଥାନୀୟ ଲୋକ ଗ୍ରାମବାସୀ ବୋହୂ ଖୋଜା ଖୋଜି କରିଥିଲେ ଏବଂ ବନ୍ଧୁ ବାନ୍ଧବ ଲୋକଙ୍କୁ ଫୋନ କରି ପଚାରିଥିଲେ ସୁଦ୍ଧା ମିନତୀର ସନ୍ଧାନ ମିଳିନଥିଲା । ପରିବାରରେ କେବଳ ଶଶୁର ବୋହୂ ରହୁଥିବା ବେଳେ ଶଳା ଭାଉଜର ନିଖୋଜ ଖବର ଶୁଣି ବେଲବାହାଲୀ ଡିହ ସାହି ଗ୍ରାମର ଜ୍ୱାଇଁ ଅଭିମନ୍ୟୁ ଦେହୁରୀ ଗୁରୁବାର ସନ୍ଧ୍ୟାରେ ଆନନ୍ଦପୁର ଥାନାରେ ଅଭିଯୋଗ କରିଥିଲେ ।

ମିନତୀଙ୍କ ଖୋଜ ଖବର ମିଳିନଥିବା ବେଳେ ରବିବାର ବାରୁଆଁ ଜଙ୍ଗଲକୁ ସ୍ଥାନୀୟ ଲୋକେ ଯାଇଥିବା ବେଳେ ମହିଳାଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ମହିଳାଙ୍କୁ ଚିହ୍ନଟ କରି ଆନନ୍ଦପୁର ପୋଲିସକୁ ଖବର ଦେଇଥିଲେ ।

# ବୁଧବାର ମହାପ୍ରଭୁଙ୍କ ପଦ୍ମ ବେଶ, ଅନ୍ତିମ ପର୍ଯ୍ୟାୟରେ ପ୍ରସ୍ତୁତି

**ପୁରୀ: ଏକ୍ସପ୍ରେସ ନ୍ୟୁଜ୍**

ଆସନ୍ତା ୨୧ ତାରିଖ ବୁଧବାର ମହାପ୍ରଭୁଙ୍କ ପଦ୍ମ ବେଶ । ଏଣୁ ଦୟଣାମାଳି ସେବକ ବସନ୍ତ କୁମାର ରଣା ଓ ସହଯୋଗୀ ମିଶି ଠାକୁରଙ୍କ ବେଶ ପ୍ରସ୍ତୁତ କରୁଛନ୍ତି । ଶ୍ରୀମୁଖ ପଦ୍ମ, କରପଲ୍ଲଭ, ହଂସ, ଗଛ, ଡାଳିଲତା ଆଦି ବେଶ ସାମଗ୍ରୀ ତିଆରି ଚାଲିଛି । ରତ୍ନସିଂହାସନକୁ ପଦ୍ମ ପୁଷ୍କରିଣୀ ଜ୍ଞାନ କରାଯାଇ ସେଠାରେ ପଦ୍ମ ଗଛ ସ୍ଥାନିତ ହେବା ସହ ୪ ହଂସ ଖେଳିବେ । ରତ୍ନସିଂହାସନରେ ପଦ୍ମ ବେଶରେ ଉଭା ହେବେ ଶ୍ରୀବିଗ୍ରହ । ପ୍ରସ୍ଫୁଟିତ ବିଶାଳ ପଦ୍ମର କେଶର ଭାଗରେ କଳା ଶ୍ରୀମୁଖ ଶୋଭା ପାଇବ । ଠାକୁରଙ୍କ ପଦ୍ମ ବେଶ ଦେଖି ଶ୍ରଦ୍ଧାଳୁମାନେ ଧନ୍ୟ ହେବେ ।

ପରମ୍ପରା କ୍ରମେ ଦୋଳମଣ୍ଡପ ସାହିସ୍ଥିତ ବଡଛତା ମଠରୁ ଏହି ବେଶ ସାମଗ୍ରୀ ଶ୍ରୀମନ୍ଦିରକୁ ଆସିଥାଏ । ବେଶ ପ୍ରସ୍ତୁତକାରୀ ୩ଟି ଶ୍ରୀମୁଖ ପଦ୍ମ, ୮୦ ଗୋଟି ପଦ୍ମଫୁଲ, ୭ଟି ଗଛ ଓ ୪ଗୋଟି ହଂସ ତିଆରି କରୁଛନ୍ତି । ଆଗକୁ ମାଳଚୂଳ, କରପଲ୍ଲବ ଓ ପଦ୍ମକଢି ନିର୍ମାଣ କରାଯିବ । ସୋଲକୁ କାଗଜ ଭଳି କାଟି ଯୋଡି ବଡ ଫର୍ଦ୍ଦ କରାଯାଇ ବିଭିନ୍ନ ଆକୃତି ପରେ ଏଥିରେ ଜରି ଜମ୍ବୁରା ଖଞ୍ଜା ଯାଉଛି । କଳାକାରମାନେ ନିଖୁଣ ଚିତ୍ର କରି ଠାକୁରଙ୍କ ସାଜକୁ ସୌନ୍ଦର୍ଯ୍ୟପୂର୍ଣ୍ଣ କରୁଛନ୍ତି । ପ୍ରାକୃତିକ ଉପକରଣ ହିଙ୍ଗୁଳ, ହରତାଳ, ଦୀପକଳା ଓ କଇଁଥ ଅଠା ବ୍ୟବହାର କରାଯାଉଛି । ଏବେ ଠାକୁରଙ୍କ ସେବା ପୂଜା କରିବା ଭାବନାରେ କାରିଗରମାନେ ଶୁଦ୍ଧପୂତ ଭାବେ ଏହାକୁ ତିଆରି କରୁଛନ୍ତି ।



ତେବେ କିମ୍ବଦନ୍ତୀ କୁହେ ମହାପ୍ରଭୁଙ୍କ ପଦ୍ମ ବେଶର ଆରମ୍ଭ ହୋଇଥିଲା ଏହିଭଳି । ମନୋହର ଦାସ ନାମକ ଜଣେ ହିନ୍ଦୀ ଭାଷୀ ସାଧୁ ଚାଲି ଚାଲି ଶହ ଶହ ମାଇଲ୍ ଅତିକ୍ରମ କରି ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସିଥିଲେ । ବାଟରେ ସାଧୁଙ୍କୁ ଭୀଷଣ ଶୋଷ ହେଲା । କ'ଣ କରିବେ ଭାବି ଶୋଷରେ ବାଟ ଚାଲୁଥାନ୍ତି ମନୋହର । ହଠାତ୍ ଏକ ଜଳାଶୟ ତାଙ୍କ ଦୃଷ୍ଟି ଆକର୍ଷଣ କଲା । ସେଠାରେ ମନଭରି ପାଣି ପିଇଲେ ସାଧୁ । ଜଳାଶୟରେ ସଦ୍ୟ ପ୍ରସ୍ଫୁଟିତ ପଦ୍ମ ଫୁଲ ଦେଖି ଠାକୁରଙ୍କୁ ଲାଗି କରିବାକୁ ମନ କଲେ । ଏଣୁ ପଦ୍ମଫୁଲ ତୋଳି ନିଜ ଗାମୁଛାରେ ସଂଗ୍ରହ କରି ଶ୍ରୀମନ୍ଦିରରେ ପହଞ୍ଚିଲେ ।

ସେତେବେଳକୁ ପଦ୍ମ ଫୁଲ ସବୁ ମଳିନ ପଡି ଗଲାଣି । ମଇଳା ଗାମୁଛାରେ ମଉଳା ପଦ୍ମ ଫୁଲ ଦେଖି ପଣ୍ଡାମାନେ ତାଙ୍କୁ ଫେରାଇ ଦେଲେ । ସେହି ରାତିରେ ଗଜପତି ମହାରାଜାଙ୍କୁ ସ୍ୱପ୍ନାଦେଶ ହେଲା, ସମ୍ପୃକ୍ତ ଭକ୍ତଙ୍କ ପଦ୍ମରେ ବେଶ ହେବ । ପରେ ମହାପ୍ରଭୁ ମନୋହରଙ୍କ ସେହି ମଉଳା ପଦ୍ମ ଧାରଣ କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ସେବେଠାରୁ ଶ୍ରୀବିଗ୍ରହଙ୍କୁ ଏହି ତିଥିରେ ପଦ୍ମବେଶ କରାଯାଉଛି । ମାଘ ମାସ ଅମାବାସ୍ୟାଠାରୁ ବସନ୍ତ ପଞ୍ଚମୀ ମଧ୍ୟରେ ଶନିବାର କିମ୍ବା ବୁଧବାର ଦିନ ଏହି ବେଶ ଅନୁଷ୍ଠିତ ହୋଇଥାଏ । କୁହାଯାଏ ସପ୍ତଦଶ ଶତାବ୍ଦୀରେ ବଡଛତା ମଠର ମହନ୍ତ ସନ୍ଥ ରଘୁବର ଦାସ ଏହି ବେଶ ପ୍ରବର୍ତ୍ତନ କରିଥିଲେ । ଏହି ଦିନ ଠାକୁରଙ୍କୁ ଖୀରି ଓ ଅମାଲୁ ଭୋଗ ଲାଗେ ।

## ଗଞ୍ଜେଇ ସହ କାର ଓ ନଗଦ ଟଙ୍କା ଜବତ

**ସମ୍ବଲପୁର: ଏକ୍ସପ୍ରେସ ନ୍ୟୁଜ୍**

ସମ୍ବଲପୁର ଏସପି ମୁକେଶ କୁମାର୍ ଭାମୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ବେଆଇନ୍ ନିଶାଦ୍ରବ୍ୟ ଚୋରା ଚାଲାଣକୁ ରୋକ୍ ଲଗାଇବା ପାଇଁ ପୁଲିସ୍ ଧରପଗଡ ଅଭିଯାନ ଚଳାଇଛି । ଏହି ଅଭିଯାନକୁ ଜୋରଦାର କରି ଜମନକିରା ପୁଲିସ୍ ଏକ ବଡ଼ ସଫଳତା ହାସଲ କରିଛି । ରବିବାର ଅପରାହ୍ନରେ ଜମନକିରା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁଚିଣ୍ଡା ଏସଡିପିଓ ପ୍ରଦୀପ୍ତ କୁମାର ଦାଶ ସୂଚନା ଦେଇ କହିଥିଲେ ଯେ ଗତ ଦୁଇ ମାସ ହେଲା ଜିଲ୍ଲାରେ ବ୍ୟାପକ ପରିମାଣର ନିଶାଦ୍ରବ୍ୟ ଚୋରା ଚାଲାଣ ହେଉଛି ।

ଗତ ୧୭ ତାରିଖ ଅପରାହ୍ନ ଦେଢ଼ଟାରେ ଜମନକିରା ଥାନା ଆଇଆଇସି ପଦ୍ମାଳୟା ସାହୁଙ୍କ ନିର୍ଦ୍ଦେଶରେ ଏସଆଇ ସନ୍ତୋଷ ସ୍ୱାଇଁ ଏବଂ ପୁଲିସ ଟିମ୍ (ଏନ୍ଏଚ୍ ୫୩) ଉପରେ ଚେପଟାମ୍ବ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ । ପୁଲିସକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ସୂଚନା ମିଳିଥିଲା । ସେହି ରାସ୍ତା ଦେଇ ଯାଉଥିବା ଏକ ସିଲଭର୍ ରଙ୍ଗର ଏକ କାର (ଓଡ଼ି ୦୨ଭି ୦୯୧୯)କୁ ପୁଲିସ ଟିମ୍ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଦୁଇଟି ପ୍ଲାଷ୍ଟିକ୍ ବ୍ୟାଗରେ ମୋଟ୍ ୨୫ କିଲୋ ୪୫୦ ଗ୍ରାମ ଗଞ୍ଜେଇ ରହିଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓ ସ୍ଥାନୀୟ ସାକ୍ଷୀମାନଙ୍କ ସମ୍ମୁଖରେ ଓଜନ କରିବାରୁ ଗୋଟିଏ ପ୍ଲାଷ୍ଟିକ ବ୍ୟାଗରେ ୧୬ କିଲୋ ୫୦୦ ଗ୍ରାମ ଥିବାବେଳେ ଅନ୍ୟ ଏକ ବ୍ୟାଗରେ ୮ କିଲୋ ୯୫୦ ଗ୍ରାମ ଗଞ୍ଜେଇ ଭର୍ତ୍ତି ଥିବା ଜଣା ପଡିଥିଲା ।

ତେବେ କାରକୁ ଦୀପକ ପାଣ୍ଡେ ଚଳାଉ ଥିଲା ବୋଲି ଏସଡିପିଓ ଶ୍ରୀ ଦାଶ ସୂଚନା ଦେଇଛନ୍ତି । ଘଟଣାସ୍ଥଳରୁ ୪ ଜଣ ପେଶାଦାର ଗଞ୍ଜେଇ ମାଫିଆ ଯଥା-ସମ୍ବଲପୁର କ୍ଷେତରାଜପୁର ବାସିନ୍ଦା ରୋଶନ୍ ସିଂ (୨୪), ତିୱାରୀଗଳିର ଦୀପକ ପାଣ୍ଡେ (୨୨), ଧନୁପାଲି ଥାନା ଅଧୀନ ମୋତିଝରନର ମହମ୍ମଦ ଦାନିସ (୨୦) ଏବଂ କ୍ଷେତରାଜପୁର ଥାନା ଅଧୀନ ଦୁର୍ଗାପାଲିର ଉତ୍ତମ ବରର୍ତ୍ତୀ (୩୦)ଙ୍କୁ ଥାନାକୁ ଧରି ଆଣି ପଚରା ଉଚୁରା କରିଥିଲା ।

## ହାଇୱା ଧକ୍କାରେ ସାଇକେଲ ଚାଳକ ମୃତ୍ୟୁ

**ଧର୍ମଶାଳା: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜିଲା ଜେନାପୁର ଥାନା ଅଂଚଳରେ ପୁଣି ହାଇୱା ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି । ଏହି ଘଟଣା ଘଟିବା ପରେ ସ୍ଥାନୀୟ ଉତ୍ୟକ୍ତ ଲୋକେ ହାଇୱାରେ ନିଆଁ ଲଗାଇ ଦେଇଥିବା ଜଣାପଡିଛି । ଏଭଳି ଦୁଃଖଦ ଘଟଣା ଘଟିଛି ଜେନାପୁର ଥାନା ଅନ୍ତର୍ଗତ କାଦୁଆମାଗୁରା ଛକ ନିକଟରେ । କାଦୁଅମୁଗୁରା ଗ୍ରାମର ବାସୁଦେବ ସାହୁ(୭୫) ସାଇକେଲ ଯୋଗେ ଯିବା ସମୟରେ ତାଙ୍କ ଉପରେ ହାଇୱା ଚଢ଼ି ଯାଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଜେନାପୁର ପୁଲିସ ଘଟଣାସ୍ଥଳରେ ଖବର ପାଇ ପଂହଚି ତଦନ୍ତ ଜାରି ରଖିଛି । ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ଫଳରେ ଯାତାୟତ ଠପ୍ ହୋଇଯାଇଛି । ପୂର୍ବରୁ ଏହି ରାସ୍ତାରେ କଳାପଥର ବୋଝେଇ ହାଇୱା ଧକ୍କାରେ ଜଣେ କଲେଜ ଛାତ୍ରଙ୍କ ଜୀବନ ଯାଇଥିବା ବେଳେ ଉତ୍ୟକ୍ତ ଲୋକେ ୪ଟି ହାଇୱାରେ ନିଆଁ ଲଗାଇ ଦେଇଥିଲେ । ବିଶେଷ କରି ଏହି ରାସ୍ତାରେ ବେଆଇନ ଭାବେ ଭାରୀ ଯାନ ଚଳାଚଳ ଯୋଗୁଁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିଲେ ମଧ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନାହିଁ । ଯାହାକି ଦୁର୍ଘଟଣାରେ ଅନେକ ଧନ ଜୀବନ ଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି ।

## 'ବୁଢ଼ା ପାହାଡ଼ର ପାରିପାର୍ଶ୍ୱିକ ଉନ୍ନୟନ କରାଯିବ'

**ମୁରିବାହାଲ: ଏକ୍ସପ୍ରେସ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ବାରପାଲି ହଳଦୀ ଡଙ୍ଗର ବୁଢ଼ା ପାହାଡ ଉପରେ ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବା ବ୍ଲକସ୍ତରୀୟ ତୃତୀୟ ବର୍ଷ ମକର ମେଳା ମହୋତ୍ସବ ଓ ଷୋହଳ ପ୍ରହରୀ ନାମଯଜ୍ଞ ଉଦଯାପିତ ହୋଇଯାଇଛି । ନାମଯଜ୍ଞରେ କର୍ତ୍ତା ରୂପେ ଆୟୋଜକ କମିଟି ସଭାପତି ନିତ୍ୟାନନ୍ଦ ମହାକୁର ଓ ତାଙ୍କ ଧର୍ମପତ୍ନୀ ସୁଚିତା ମହାକୁର, ପୂଜକ ରୂପେ ଦାଶରଥି ଷଡ଼ଙ୍ଗୀ, ଜପକ ଦୁର୍ଯୋଧନ ପାଣିଗ୍ରାହୀ, ଷଡ଼ବୈଷ୍ଣବ ରୂପେ ବ୍ରଜମୋହନ ମହାକୁର, ଦେବେନ୍ଦ୍ର ପଧାନ, ନଟବର ମେର୍ଲି, ରାଏଧର ଶିକା, ଉଦ୍ରାଧର ମହାକୁର, ଯେହେରୁ ମହାକୁର, ବସନ୍ତ ପଧାନ, ପ୍ରସନ୍ନ କର୍ମୀ ଓ ଲଳିତ ସାହୁ ସପତ୍ନିକ ଦାୟିତ୍ୱ ନିର୍ବାହ କରୁଥିଲେ । ହଳଦୀ ସରପଞ୍ଚ ସୌମିନା ସେଠ ଅତିଥି ରୂପେ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯମୁନାର ଉଭୟ ଦଳ, ପାତଳପଡ଼ା, ପୁଡ଼ିସରା, ଡଙ୍ଗରପଡ଼ା, କର୍ଲାପିଟା, ଜାମକି, ପଟାମରା, ଘଣ୍ଟବାହାଲି, ହଳଦୀ, ସେମେଲପାଲି, ଇଚ୍ଛାପଡ଼ା ଓ ନାରେନ ଦଳ ନାମ



ପରିବେଷଣ କରିଥିଲେ । ମହୋତ୍ସବକୁ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ରୂପେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ପୂର୍ବ ବିଧାୟକ ହାଜି ମହମ୍ମଦ ଆୟୁବ ଖାଁ, ବ୍ଲକ ଅଧକ୍ଷ ହରିବନ୍ଧୁ ମେହେର, ବିଡ଼ିଓ ବାସନ୍ତୀ ସେଠୀ, ତହସିଲଦାର ଜଗଦୀଶ କର୍ତ୍ତାମୀ, ଜିଲ୍ଲା ପରିଷଦ ସଦସ୍ୟ ଗୋପୀନାଥ ପାଣିଗ୍ରାହୀ, ବିଜେପି ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ପୂର୍ବ ବ୍ଲକ ଅଧକ୍ଷ ହଂସରାଜ ଜୈନ, ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ନାରୀନେତ୍ରୀ ନିରୁପମା ମାଝୀ, ସମିତି ସଭ୍ୟ ଚୁନାମଣି ମହାନନ୍ଦ, ଚକ୍ରଧର ହେର୍ଣ୍ଣା, ବୁଦ୍ଧଦେବ ମହାକୁରଙ୍କ ସହ ବହୁ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷ ଓ ବ୍ଲକ ବିକାଶ ମଞ୍ଚ କର୍ମକର୍ତ୍ତା ପ୍ରେସ କ୍ଲବ୍‌ର ସଭାପତି ପ୍ରଫୁଲ୍ଲ କୁମାର ବଘାର, ଉପସଭାପତି ରାଜୀବ ମହାନ୍ତି, ଯୋଗଦେଇଥିଲେ । ମହୋତ୍ସବ ଅନୁଷ୍ଠିତ ହେଉଥିବା ଯମୁନା ପାହାଡକୁ ଇକୋ ଟୁରିଜିମରେ ସାମିଲ ସହ ରାସ୍ତା, ବିଦ୍ୟୁତ୍ ଓ ପାନୀୟ ଜଳ ଭଳି ସମ୍ପୂର୍ଣ୍ଣ ପାରିପାର୍ଶ୍ୱିକ ଉନ୍ନୟନ କରାଯିବ ବୋଲି ବିଧାୟକଙ୍କ ସହ ଅନ୍ୟ ଅତିଥିମାନେ ନିଶ୍ଚିତ ପ୍ରତିଶ୍ରୁତି ଦେଇଥିଲେ । ଆୟୋଜକ ବ୍ଲକସ୍ତରୀୟ ମକର ମେଳା ମହୋତ୍ସବ କମିଟିର ବରିଷ୍ଠ ସଦସ୍ୟ ଡ ପୂର୍ଣ୍ଣାନନ୍ଦ କମ୍ପ, କରୁଣାକର କୁମୁରା, ରମେଶ ଭୋଇ, ସଂକିର୍ତ୍ତନ୍ୟ ଶିକା, ଗାନ୍ଧିଲାଲ ମହାକୁର, ଦୁର୍ଗାନନ୍ଦ ମହାକୁର, ମାର୍କଣ୍ଡ ମହାକୁର, ଚୈତନ୍ୟ ଶିକା, ସୁଶିଳ ମେର୍ଲି, ହୃଦାନନ୍ଦ କର୍ଣ୍ଣ, ବନମାଳୀ ମେର୍ଲିଙ୍କ ସହ ସମସ୍ତ ଯମୁନା ଗ୍ରାମବାସୀ, ବାରପାଲି ହଳଦୀ ତଥା ମୁରିବାହାଲ ବ୍ଲକ ଅଞ୍ଚଳର ଜନସାଧାରଣ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ମହୋତ୍ସବ ଦେଖିବା ପାଇଁ ପାହାଡ ଉପରେ ଶ୍ରଦ୍ଧାଳୁଙ୍କ ଅସମ୍ଭବ ଭିଡ ଦେଖିବାକୁ ମିଳିଥିଲା ।

## ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣା, ମୁଖ୍ୟ ଅଭିଯୁକ୍ତଙ୍କୁ କୋର୍ଟରେ ଜିମା ଦେଲା ପୋଲିସ

**ଧର୍ମଶାଳା: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜିଲା ଦୁର୍ଲ୍ଲଭ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣାରେ ଗିରଫ ମୁଖ୍ୟ ଅଭିଯୁକ୍ତ ଉତ୍ତର ପ୍ରଦେଶର ବିକାଶ ଯାଦବକୁ ଧର୍ମଶାଳା ଥାନା ପୁଲିସ୍ କୋର୍ଟରୁ ୩ଦିନିଆ ରିମାଣ୍ଡରେ ଆଣିଛି । ପଚ଼ରାଉଚ଼ରା ସମୟରେ ଅସୁସ୍ଥତା ଅନୁଭବ କରିବାରୁ ପୁଲିସ୍ ଅଭିଯୁକ୍ତକୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଛି । ତିନିଦିନ ଥାନାରେ ରଖି ବିକାଶକୁ ପଚ଼ରାଉଚ଼ରା କରି ପୁଲିସ ବିକାଶକୁ କୋର୍ଟ ଜିମା ଦେଇଛି । ତେବେ ରିମାଣ୍ଡରେ ଅଣାଯାଇଥିବା ଅଭିଯୁକ୍ତ ବିକାଶ ପାଖରୁ ଅଷ୍ଟଧାତୁ ଚୋରି ସମ୍ପର୍କିତ ତଥ୍ୟ ହାସଲ କରିବାରେ କିଛିଟା ସଫଳ ହୋଇଛି । ସୂଚ଼ନା ଅନୁସାରେ, ପାଟପୁର ପଞ୍ଚାୟତ ବଡବାରିସାହି ଗ୍ରାମସ୍ଥିତ ଶ୍ରୀ ସିଦ୍ଧବଳଦେବ ଜିଉ ମନ୍ଦିରରୁ ୨୦୨୨ ନଭେମ୍ବର ୧୧ତାରିଖ ରାତିରେ ୬ଟି ଦୁର୍ଲ୍ଲଭ ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା । ଏନେଇ ମନ୍ଦିରର ଟ୍ରଷ୍ଟି ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ । ଧର୍ମଶାଳା ପୁଲିସ ଏନେଇ ୬୦୯/୨୨ରେ ଏକ ମାମଲା ରୁଜୁ କରି ଲୋକଦେଖାଣିଆ ତଦନ୍ତ କରି ଚୁପ ହୋଇ ବସିରହିଥିଲା । ଏବେ ଥାନାରେ ନୂତନ ଅଧିକାରୀଙ୍କ ଯୋଗଦନ ପରେ ମନ୍ଦିର ଚୋରି ଘଟଣାର ତଦନ୍ତ କରାଯାଇ କିଛି ଦିନ ତଳେ ଉତରପ୍ରଦେଶରୁ ପୁଲିସ ବିକାଶକୁ ଗିରଫ କରିଆଣି କୋର୍ଟଚ଼ାଲାଣ କରିଥିଲା ।

## ବାଣିଜ୍ୟ

### 'ସିଡି ଅନୁପାତ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଋଣ ବୃଦ୍ଧି ଆକାଂକ୍ଷାକୁ ବାଧା ଦେବ ନାହିଁ'

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଏଫୱାଇ୨୬ର ତୃତୀୟ ତ୍ରୟମାସରେ ଏହାର କ୍ରେଡିଟ୍-ଡିପୋଜିଟ୍ (ସିଡି) ଅନୁପାତ ୯୮ ପ୍ରତିଶତ ଉପରେ ଥିବା ସତ୍ତ୍ୱେ, ଭାରତର ସର୍ବବୃହତ ଘରୋଇ କ୍ଷେତ୍ରର ଋଣଦାତା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ସୂଚ଼ିତ କରିଛି ଯେ ଉକ୍ତ ଅନୁପାତ ଏଫୱାଇ୨୬ରେ ଋଣ ବୃଦ୍ଧିକୁ ବାଧା ଦେବ ନାହିଁ, ଏବଂ ଏଫୱାଇ୨୭ରେ ଅଭିବୃଦ୍ଧି ଶିଳ୍ପ ସହିତ ମେଳ ଖାଇବ ଏବଂ ଏହାକୁ ପଛରେ ପକାଇବ ବୋଲି ଆଶା କରାଯାଉଛି । ସେହି ସମୟରେ, ବ୍ୟାଙ୍କ ସିଡି ଅନୁପାତ ପାଇଁ ନିମ୍ନଗାମୀ ପଥ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି, ଏଫୱାଇ୨୬ ଶେଷ ସୁଦ୍ଧା ୯୦-୯୬ ପ୍ରତିଶତ ଏବଂ ଏଫୱାଇ୨୭ ସୁଦ୍ଧା ୮୫-୯୦ ପ୍ରତିଶତ ପରିସରକୁ ଲକ୍ଷ୍ୟ ରଖିଛି - ଏହା ଏହାର ମିଶ୍ରଣ ପୂର୍ବ ହାରାହାରି ସହିତ ବ୍ୟାପକ ଭାବରେ ସମାନ ।

'ବର୍ତ୍ତମାନର ପରିସ୍ଥିତିରେ, ଆମେ ଭାବୁନାହୁଁ ଯେ ଆମେ ସିଡି




ଅନୁପାତ ଦ୍ୱାରା ବାଧିତ ହେବୁ । ପୁଣି ଥରେ କହିବାକୁ ଗଲେ, ଆମେ ନିଶ୍ଚିତ ଯେ ଏହା ନିମ୍ନଗାମୀ ପଥକୁ ଗତି କରିବ । ମୁଁ ଏହା ମଧ ପୁନରାବୃତ୍ତି କରିବାକୁ ଚାହେଁ ଯେ ଆମେ ଆମର ଶୀର୍ଷ-ଲାଇନ୍ ଅଭିବୃଦ୍ଧି ଦୃଷ୍ଟିରୁ ପୂର୍ବରୁ ସୂଚ଼ିତ ଗ୍ଲାଇଡ୍ ପଥ ପୂରଣ କରିବୁ, ଯାହା ଏହି ଆର୍ଥିକ ବର୍ଷ (ଏଫ୍‌ୱାଇ୨୬) ସିଷ୍ଟମ ସହିତ ସମନ୍ୱିତ ଏବଂ ପରବର୍ତ୍ତୀ ଆର୍ଥିକ ବର୍ଷ (ଏଫ୍‌ୱାଇ୨୭) ସିଷ୍ଟମ ଅପେକ୍ଷା ଦ୍ରୁତ, 'ଏଚଡିଏଫସି ବ୍ୟାଙ୍କର ପରିଚ଼ାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶଶିଧର ଜଗଦୀଶନ ବ୍ୟାଙ୍କର ୩ ତ୍ରୈମାସିକ ଆୟ ପରେ ବିଶ୍ଳେଷକମାନଙ୍କ ସହିତ ଏକ ଆଲୋଚ଼ନାରେ କହିଛନ୍ତି ।

୩ ତ୍ରୈମାସିକ ଆର୍ଥିକ ବର୍ଷ ୨୬ରେ, ବ୍ୟାଙ୍କ ଅଗ୍ରୀମରେ ପ୍ରାୟ ୧୨ ପ୍ରତିଶତ (ୱାଇଓୱାଇ) ଅଭିବୃଦ୍ଧି ରିପୋର୍ଟ କରିଛି, ଯେତେବେଳେ ଜମା ୧୧.୬ ପ୍ରତିଶତ ଶକ୍ତଣ ବୃଦ୍ଧି ପାଇଛି । ଅନେକ ତ୍ରୈମାସିକ ପରେ, ବ୍ୟାଙ୍କ ଜମା ବୃଦ୍ଧି ଅପେକ୍ଷା ଋଣ ଅଭିବୃଦ୍ଧି ଅଧିକ ରିପୋର୍ଟ କରିଛି । ତଦନୁସାରେ, ବ୍ୟାଙ୍କର ସିଡି ଅନୁପାତରେ ୬୦ ବେସିସ୍ ପଏଣ୍ଟ (ବିପିଏସ) କ୍ରମିକ ବୃଦ୍ଧି ହୋଇଥିଲା, ଯାହା ୯୮.୫ ପ୍ରତିଶତ ଥିଲା । ବ୍ୟାଙ୍କ ଏହାର ତୃତୀୟ ତ୍ରୟମାସିକ ବ୍ୟବସାୟ ଅପଡେଟ୍ ପ୍ରକାଶ କରିବା ପରଠାରୁ ଏହାର ସେୟାର ମୂଲ୍ୟ ୬ ପ୍ରତିଶତରୁ ଅଧିକ ହ୍ରାସ ପାଇଛି, ଯାହା ଦର୍ଶାଉଛି ଯେ କ୍ରେଡିଟ୍ ଅଭିବୃଦ୍ଧି ଜମା ଅଭିବୃଦ୍ଧିକୁ ପଛରେ ପକାଇଥିବାରୁ ସିଡି ଅନୁପାତ ପୁଣି ଥରେ ବୃଦ୍ଧି ପାଇଛି ।

'ମୁଁ ଭାବୁଛି କ୍ରେଡିଟ୍ ଅଭିବୃଦ୍ଧି ବୃଦ୍ଧି ଅତ୍ୟନ୍ତ ଉତ୍ସାହଜନକ ହୋଇଛି । ଆମେ ଗ୍ରାହକ ବିଭାଗଗୁଡ଼ିକରେ ବହୁତ ସନ୍ତୁଳିତ କ୍ରେଡିଟ୍ ଉପରେ ଆମର ଦୃଷ୍ଟି ରଖିଛୁ । ସହଜ ହାର ଚକ୍ର ଏବଂ ସୌଜନ୍ୟ କ୍ରେଡିଟ୍ ପରିବେଶ କ୍ରେଡିଟ୍ ଅଭିବୃଦ୍ଧି ପାଇଁ ଉତ୍ପ୍ରେରକ ଯୋଗାଇଛି । ସିଆରଆର ପ୍ରକାଶନ ଆମର ଆଶାଠାରୁ ଟିକେ ଆଗକୁ କ୍ରେଡିଟ୍ ନିୟୋଜନକୁ ସକ୍ଷମ କରିଛି, 'ଜଗଦୀଶନ କହିଛନ୍ତି, ପାଣ୍ଠି ଦିଗରେ, ବ୍ୟାଙ୍କ ଜମା ଉପରେ ହାର ଶୃଙ୍ଖଳା ବଜାୟ ରଖିଛି, ଯାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

'ତଥାପି, ଆମେ ଆମର ଦୃଢ଼ ମହତ୍ୱାକାଂକ୍ଷାରୁ ବଞ୍ଚିତ ହୋଇଥିଲୁ, କିନ୍ତୁ ଆମେ ନିଶ୍ଚିତ ଯେ ଆମର ଶକ୍ତି ଉପରେ ନିରନ୍ତର ଧ୍ୟାନ ଦେବା ଆଶାକରା ଫଳାଫଳ ଆଣିବ,' ବୋଲି ସେ କହିଛନ୍ତି ।

## 'ବିକଶିତ ଭାରତ ଜୀ ରାମ ଜୀ ଗ୍ରାମୀଣ ନିଯୁକ୍ତି ଓ ଜୀବିକାକୁ ମଜଭୁତ କରିବ'

**ଝାରସୁଗୁଡା: ଏକ୍ସପ୍ରେସ ନ୍ୟୁଜ୍**

ଝାରସୁଗୁଡା ଜିଲ୍ଲା ବିଜେପି ପକ୍ଷରୁ ଏକ ଘରୋଇ ହୋଟେଲରେ ରବିବାର ପୂର୍ବାହରେ କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ଜୀ ରାମ ଜୀ ଗ୍ରାମୀଣ ନିଯୁକ୍ତି ନୂତନ ଗ୍ୟାରେଣ୍ଟି ଯୋଜନା ବିଷୟରେ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା । ସମ୍ମିଳନୀରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା ପ୍ରମୁଖ ରହି ଜୀ ରାମ ଜୀ ଯୋଜନା ବିଷୟରେ ସୂଚ଼ନା ପ୍ରଦାନ କରିଥିଲେ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ମହାଲିଙ୍ଗ ଓ ବିଧାୟକ ତ୍ରିପାଠୀ ବିଗତ ୟୁପିଏ ସରକାର ସମୟରେ ଆରମ୍ଭ ହୋଇଥିବା ଏମଜିଏନଏରଇଜିଏ ଯୋଜନା ଭ୍ରଷ୍ଟାଚ଼ାର, କୁଶାସନ, ଖରାପ ସମ୍ପତ୍ତି ସୃଷ୍ଟି ଏବଂ ସର୍ବନିମ୍ନ ସର୍ବକାଳୀନ ପ୍ରଭାବ ଦ୍ୱାରା ଜର୍ଜରିତ ଥିଲା । କେନ୍ଦ୍ରରେ ଥିବା ବିଜେପି ସରକାର ଏମଜି ଏନଆର ଇଜିଏ ସ୍ଥାନରେ ଗ୍ରାମୀଣ ନିଯୁକ୍ତିକୁ ଏକ ନୂତନ ପରିଭାଷା ପ୍ରଦାନ କରି ଭିବି ଜୀ ରାମ ଆଇନ ୨୦୨୫ କାର୍ଯ୍ୟକାରୀ କରିଛନ୍ତି । ଏହାଦ୍ୱାରା ଗ୍ରାମୀଣ ସ୍ୱାବଲମ୍ବନ, ନିଯୁକ୍ତି ଏବଂ ଜୀବିକାକୁ ସୁଦୃଢ କରିବା ସହିତ ଗରିବ ବ୍ୟକ୍ତିଙ୍କୁ ନିଯୁକ୍ତି କରିବ । ଏହି ନୂତନ ଯୋଜନାରେ ପୂର୍ବରୁ



ଥିବା ୧୦୦ ଦିନରୁ ୧୨୫ ଦିନ କାର୍ଯ୍ୟାଦିବାସକୁ ଗ୍ୟାରେଣ୍ଟି ସହ ବୃଦ୍ଧି କରାଯାଇଛି । ଏହାସହ ବାର୍ଷିକ ଋତୁରେ ୬୦ ଦିନ କାର୍ଯ୍ୟ ବନ୍ଦ କରାଯିବା ନେଇ ନିଷ୍ପତ୍ତି ହୋଇଛି । ଏପରିକି ଏହି ଯୋଜନାରେ ଶ୍ରମିକଙ୍କୁ ୭ ଦିନରେ ମଜୁରୀ ପ୍ରଦାନ ସହ ୧୫ ଦିନରେ କାର୍ଯ୍ୟ ପ୍ରଦାନ ଏବଂ ନ ହେଲେ ବେକାରୀ ଭତ୍ତା ପ୍ରଦାନ ନେଇ ନିୟମ ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ ମହାଲିଙ୍ଗ ସୂଚ଼ନା ଦେଇଛନ୍ତି । ଏହାସହ ଭିବିଜିରାମର ଚ଼ାରୋଟି ପ୍ରାଥମିକତା ଉପରେ ସୂଚ଼ନା ଦେଇଥିଲେ । ଏଥିରେ ଜଳ ସୁରକ୍ଷା, ଗ୍ରାମୀଣ ଭିତ୍ତିଭୂମି, ଜୀବିକା ଭିତ୍ତିଭୂମି ଓ ବିପର୍ଯ୍ୟୟ ପ୍ରଶମନ ଉପରେ ପ୍ରାଧାନ୍ୟ ଦିଆଯିବ । ଏହାସହ ଏଥିରେ ନିରପେକ୍ଷ ସମ୍ବଳ ବଣ୍ଟନ ସହ ଯେପରି ଦୁର୍ନୀତି ନ ହୁଏ ସେଥିପାଇଁ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ କରାଯିବ ବୋଲି ମନ୍ତ୍ରୀ ମହାଲିଙ୍ଗ ସୂଚ଼ନା ଦେଇଥିଲେ । ଏହାସହ ପ୍ରଧାନମନ୍ତ୍ରୀ ଦେଖିଥିବା ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡିଶା ୨୦୩୬ ସ୍ୱପ୍ନ ସାକାର ହୋଇପାରିବ । ଏପରିକି ଭିଜିଜିରାମକୁ ଦୁର୍ନୀତି ମୁକ୍ତ କରିବା ଏବଂ ଶତ ପ୍ରତିଶତ ସ୍ଥାନୀୟ ବିକାଶକୁ ସୁଦୃଢ କରିବ । ଏହାସହ ପଂଚ଼ାୟତ ଗୁଡିକ ଜିଆଇଏସ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବ ସହ ଏହି ଯୋଜନାକୁ ପିଏମ ଗତିଶକ୍ତି ସହ ଯୋଡ଼ାଯିବ ବୋଲି ମନ୍ତ୍ରୀ ମହାଲିଙ୍ଗ ସୂଚ଼ନା ଦେଇଥିଲେ ।

## ସିନେମାଫିନେମା ଟିଭିଫିବି

### ଏଆର ରେହମାନଙ୍କ ବିବାଦୀୟ ବୟାନ

ଓସ୍କାର ବିଜେତା ସଂଗୀତଜ୍ଞ ଏଆର ରେହମାନଙ୍କ ବଲିଉଡରେ ସାମ୍ପ୍ରଦାୟିକତା ସମ୍ପର୍କରେ ବୟାନକୁ ନେଇ ବିବାଦ ଦେଖାଦେଇଛି । ଏକ ସାକ୍ଷାତକାରରେ ସେ କହିଛନ୍ତି କି ଗତ ଆଠ ବର୍ଷ ଧରି ବଲିଉଡରେ ନିଜକୁ ଏକଲା ଅନୁଭବ କରୁଛନ୍ତି ଏବଂ ତାଙ୍କୁ କାମ ମିଳୁନି । ସେ ଏହାକୁ ସିଧାସଳଖ ଅନୁଭବ କରିନାହାଁନ୍ତି, କିନ୍ତୁ ସେ ଗୁଜବ ଶୁଣିଛନ୍ତି ଯେ ଏହା ପଛରେ ଏକ ସାମ୍ପ୍ରଦାୟିକ ଦୃଷ୍ଟିକୋଣ ଥାଇପାରେ ।

ଯେତେବେଳେ ସେ ବଲିଉଡରେ କାମ କରିବା ଆରମ୍ଭ କରିଥିଲେ, ସେ ଏପରି ଅନୁଭବ କରିନଥିଲେ, କିନ୍ତୁ ଗତ ଆଠ ବର୍ଷ ମଧ୍ୟରେ, କ୍ଷମତା ଗତିଶୀଳତା ବଦଳି ଯାଇଛି, ଏବଂ ଯେଉଁମାନେ ସୃଜନଶୀଳ ନୁହଁନ୍ତି ସେମାନଙ୍କ ପାଖରେ ଏବେ ବଲିଉଡରେ ନିଷ୍ପତ୍ତି ନେବାର କ୍ଷମତା ଅଛି । ରେହମାନ କହିଛନ୍ତି ଯେ ତାଙ୍କୁ ଏଥିରେ କୌଣସି ଚିନ୍ତା ନାହିଁ । ସେ କାମ ଖୋଜନ୍ତି ନାହିଁ, ବରଂ କାମ ତାଙ୍କ ପାଖକୁ ଆସିବା ଉଚ଼ିତ, ଯାହାକୁ ସେ ସଫଳତା ପାଇବା ପାଇଁ ସଚ୍ଚୋଟତାର ସହ ପୂରଣ କରିବେ । ତେବେ ଅନେକ ବଲିଉଡ ବ୍ୟକ୍ତିତ୍ୱ ରେହମାନଙ୍କ ଏହି ବକ୍ତବ୍ୟକୁ ନେଇ ଭିନ୍ନ ମତ ଦେଇଛନ୍ତି, କହିଛନ୍ତି ଯେ ଚ଼ଳଚ୍ଚିତ୍ର ଶିଳ୍ପରେ ଏପରି କୌଣସି ସାମ୍ପ୍ରଦାୟିକତା ନାହିଁ ।



ଏଥିସହିତ ଏକ ପ୍ରଶ୍ନର ଉତ୍ତରରେ, ରେହମାନ କହିଛନ୍ତି ଯେ ହିଟ୍ ଫିଲ୍ମ 'ଛାୱା' ଏକ ବିଭାଜନକାରୀ ଫିଲ୍ମ । ଏହା ସାମ୍ପ୍ରଦାୟିକ ବିଭାଜନକୁ ଶୋଷଣ କରିଛି, କିନ୍ତୁ ଏହାର ଉଦ୍ଦେଶ୍ୟ ସାହସିକତା ପ୍ରଦର୍ଶନ କରିବା । ମୁଁ ଏହି ଫିଲ୍ମ ପାଇଁ ସଙ୍ଗୀତ ରଚ଼ନା କରିଥିବାରୁ ଗର୍ବିତ କାରଣ ଏହା ପ୍ରତ୍ୟେକ ମରାଠାଙ୍କ ହୃଦୟ ଏବଂ ଆତ୍ମାକୁ ପ୍ରତିଫଳିତ କରେ । କିଛି ଫିଲ୍ମ ମନ୍ଦ ଉଦ୍ଦେଶ୍ୟ ନେଇ ତିଆରି ହୋଇଥାଏ ଏବଂ ମୁଁ ସେଗୁଡ଼ିକଠାରୁ ଦୂରରେ ରହିବାକୁ ଚ଼ାହୁଁଛି ।

ସେହିପରି ରାମାୟଣ ଫିଲ୍ମର ସଙ୍ଗୀତ ଉପରେ ଓସ୍କାର ବିଜେତା ସଂଗୀତଜ୍ଞ ହଂସ ଜିମରଙ୍କ ସହ କାମ କରିବା ବିଷୟରେ ଆଲୋଚ଼ନା କରି ରେହମାନ କହିଛନ୍ତି ଯେ ସେ ଏକ ବ୍ରାହ୍ମଣ ବିଦ୍ୟାଳୟରେ ପଢ଼ିଥିଲେ ଯେଉଁଠାରେ ସେମାନଙ୍କୁ ପ୍ରତିବର୍ଷ ରାମାୟଣ ଏବଂ ମହାଭାରତ ପଢ଼ାଯାଉଥିଲା । ମୁଁ କାହାଣୀଟି ସହିତ ପରିଚ଼ିତ । ମୁଁ ଭାବୁଛି ଆମକୁ ସଂକୀର୍ଣ୍ଣତା ଏବଂ ସ୍ୱାର୍ଥପରତାରୁ ଉପରକୁ ଉଠିବାକୁ ପଡିବ ।

ତେବେ ରେହମାନଙ୍କ ମନ୍ତବ୍ୟକୁ ନେଇ ବିଶ୍ୱ ହିନ୍ଦୁ ପରିଷଦର ମୁଖପାତ୍ର ବିନୋଦ ବଂଶଲ କହିଛନ୍ତି ଯେ ରେହମାନ ଥରେ ସମସ୍ତ ଭାରତୀୟ ଏବଂ ହିନ୍ଦୁଙ୍କ ପ୍ରିୟ ଥିଲେ, କିନ୍ତୁ ଏବେ କାମ ନ ପାଇବାର କାରଣ ଉପରେ ଚିନ୍ତନ କରିବା ପରିବର୍ତ୍ତେ ସେ ସିଷ୍ଟମର ସମାଲୋଚ଼ନା କରୁଛନ୍ତି ଏବଂ ସମଗ୍ର ଶିଳ୍ପକୁ ବଦନାମ କରୁଛନ୍ତି । ସେ କାହିଁକି ଇସଲାମ ଧର୍ମ ଗ୍ରହଣ କଲେ ଏବେ, ନିଜ ଘରକୁ ଫେରି ଯାଆନ୍ତୁ । ହୁଏତ ପୁଣି କାମ ପାଇବା ଆରମ୍ଭ କରିବେ । ଏପରି ମନ୍ତବ୍ୟ ରାଜନେତାଙ୍କୁ ଶୋଭାଦିଏ କିନ୍ତୁ ଜଣେ କଳାକାରଙ୍କୁ ନୁହେଁ ।

ଅନ୍ୟପକ୍ଷରେ ଗୀତିକାର ଜାଭେଦ ଅଖତର କହିଛନ୍ତି, 'ମୁଁ ଭାବୁନାହିଁ ଯେ ଏଥିରେ କୌଣସି ସାମ୍ପ୍ରଦାୟିକ ଦୃଷ୍ଟିକୋଣ ଅଛି । ରେହମାନଙ୍କୁ ବଲିଉଡରେ ବହୁତ ସମ୍ମାନ କରାଯାଏ । ପ୍ରଯୋଜକମାନେ ତାଙ୍କ ପାଖକୁ ଯିବାକୁ ସଂକୋଚ଼ କରନ୍ତି କାରଣ ସେମାନେ ଭାବନ୍ତି ଯେ ସେ ଅନ୍ତର୍ଜାତୀୟ ପ୍ରକଳ୍ପରେ ବ୍ୟସ୍ତ ରହିବେ । ସେମାନଙ୍କୁ ତାଙ୍କ ପାଖକୁ ଯିବା ଉଚ଼ିତ ।'

# ମନରେଗା ଉଚ୍ଛେଦ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

୧୮।୧: ଏକ୍ସପ୍ରେସ ନ୍ୟୁଜ୍

ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ଜୀବନ ସାର୍ଥକ ଦାସଙ୍କ ନେତୃତ୍ୱରେ ରବିବାର ମନରେଗା ଉଚ୍ଛେଦ,

ବିଜୁଳି ଚ଼କ୍ରାନ୍ତ, ଧାନକିଣା ଅବ୍ୟବସ୍ଥା ବିରୋଧରେ ଝାରସୁଗୁଡ଼ାରେ କଂଗ୍ରେସର ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ଭକ୍ତ ଚ଼ରଣ ଦାସ ଏବଂ ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ଦଳୀୟ କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ପୁରୁଣା ବସଷ୍ଟାଣ୍ଡ ଛକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ବେହେରାମାଲ ଛକ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏମ୍‌ସିଏଲ ପ୍ରେକ୍ଷାଳୟରେ ପହଞ୍ଚିଥିଲା । ସଭାରେ ପିସିସି ସଭାପତି ଶ୍ରୀ ଦାସ କହିଥିଲେ ଯେ, ଝାରସୁଗୁଡ଼ା ଜିଲ୍ଲାର ଲୋକେ ଏକ ବିଷାକ୍ତ ପରିବେଶରେ ବଞ୍ଚୁଛନ୍ତି। ବାୟୁମଣ୍ଡଳ ଏତେ ଦୂଷିତ ହୋଇଛି ଯେ ବିଜୁଳି ବତି ଜଳି ବି ରାତିରେ ସହରର ରାସ୍ତା ଦିଶୁନି। ଶିଳ୍ପରୁ ନିର୍ଗତ ପାଉଁଶ ଜିଲ୍ଲାର କୃଷି ପରିବେଶକୁ ସଂପୂର୍ଣ୍ଣ ନଷ୍ଟ କରିବାକୁ ବସିଲାଣି। କଂଗ୍ରେସ ଝାରସୁଗୁଡ଼ାରେ ଶିଳ୍ପାୟନ କରିଛି। ଶିଳ୍ପ ବିକାଶ ପାଇଁ ସମସ୍ତ ସୁଯୋଗ ଦେଇଛି। କିନ୍ତୁ ଶିଳ୍ପପତିମାନେ ଝାରସୁଗୁଡ଼ାବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରିଛନ୍ତି। ଝାରସୁଗୁଡ଼ାରୁ ପ୍ରଚୁର ଖଣିଜ ଦ୍ରବ୍ୟ ଉତ୍ତୋଳନ ହେଉଛି। ଶିଳ୍ପପତିମାନେ



ଲାଭବାନ ହେଉଛନ୍ତି, ମାତ୍ର ଝାରସୁଗୁଡ଼ାବାସୀ ଏଥିରୁ ବଞ୍ଚିତ ଯଦି ଆମେ ପରିବେଶ ପାଇଁ ଲଢେଇ ନକରିବା ରହିବ। ଜାଗ୍ରତ ନହେବା ଝାରସୁଗୁଡ଼ା ଭବିଷ୍ୟତରେ ମଣିଷ ପାଇଁ ଆଉ ବାସପୋଯୋଗୀ ହୋଇ ନାହିଁ। ଝାରସୁଗୁଡ଼ାବାସୀଙ୍କ ପାଇଁ ଏଠାରେ ଏକ ଭଲ ଡାକ୍ତରଖାନା ହୋଇ ନପାରିବା ଦୁର୍ଭାଗ୍ୟଜନକ। ସାରା ରାଜ୍ୟରେ କଂଗ୍ରେସ ଦଳ ମନରେଗା ଉଚ୍ଛେଦ, ବିଜୁଳି ଉପଭୋକ୍ତା ଓ ଚ଼ାଷୀଙ୍କୁ ପ୍ରତାରଣା ପ୍ରତିବାଦରେ ଲଢେଇ କରୁଛି। କଂଗ୍ରେସ ଦଳ ମନରେଗା ଯୋଜନାର ପୁନଃ ପ୍ରଚ଼ଳନ ପାଇଁ ଦାବି କରୁଛି।

ସେହିଭଳି ନିର୍ବାଚ଼ନ ବେଳେ ୩୦୦ ୟୁନିଟ ବିଜୁଳି ଦେବାପାଇଁ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାର ଏବେ ମାଗଣା ବିଜୁଳି ଦେବ କ'ଣ ଏ ରାଜ୍ୟର ୧ କୋଟି ଉପଭୋକ୍ତାଙ୍କୁ ଶୋଷଣ କରିବାକୁ ଷଡ଼ଯନ୍ତ୍ର କରିଛନ୍ତି। ଧାନ ସଂଗ୍ରହରେ ସରକାରଙ୍କର ଶଠତା ଜଳ ଜଳ ଦିଶୁଛି। ମିଲ ମାଲିକ ଏବଂ ସରକାରଙ୍କର ଭିତିରି ବୁଝାମଣାରେ ଚ଼ାଷୀ କ୍ଷତିଗ୍ରସ୍ତ ଚ଼ାଷୀର ସମସ୍ତ ଧାନକୁ କିଣିବାକୁ ନିର୍ବାଚ଼ନ ପ୍ରତିଶ୍ରୁତି ଦେଇଥିଲେ। ଏବେ ସେ ପ୍ରତିଶ୍ରୁତି ପ୍ରତାରଣରେ ପରିଣତ ହୋଇଛି ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି। ସେହିପରି ଓଡ଼ିଶା ପ୍ରଭାରୀ ଲଲ୍ଲୁ ଓଡ଼ିଶା ସରକାରଙ୍କ ବିଜୁଳି ଉପଭୋକ୍ତା, ଚ଼ାଷୀ ଏବଂ ମଟରଗାଡ଼ି ଚ଼ାଳକ ମାରଣ ନୀତିକୁ ଦୃଢ଼ ସମାଲୋଚ଼ନା କରିଥିଲେ। ଏମାନଙ୍କର ସ୍ୱର ଆଜି କଂଗ୍ରେସର ସୁର ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବ ବାଚ଼ସ୍ପତି କିଶୋର ପଟେଲ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ସିଦ୍ଧାର୍ଥ ଦାସ, ହମିଦ ହୁସେନ, ଅମିତା ବିଶ୍ୱାଳ, ଯଶୋବନ୍ତ ସିଂ ଲାଗୁରି, ଅରବିନ୍ଦ ଦାସ, ମାନସ ମଲ୍ଲିକ, ସସ୍ମିତା ପଣ୍ଡା, ସୁବ୍ରତ ଦାସ, ମିଳନ ପଟ୍ଟନାୟକ, ଅମିତ ଗୁରୁ, ସଂଜୟ ମହାପାତ୍ର, ଦେବାନନ୍ଦ ବାରିକ, ଲିଙ୍ଗରାଜ ବଢେଇ, ସଲିମ ଖାନ, କାଜଲ ଘୋଷ, ଗୁଡୁ ଅଗସ୍ତି ପ୍ରମୁଖ -ଅଂଶଗ୍ରହଣ କରିଥିଲେ।

## ଆଜିର ରାଶିଫଳ

| ତାରିଖ | ସୋମବାର– ପ୍ରତିପଦା |
|---|---|
| ୧୯.୧.୨୦୨୬ | ନକ୍ଷତ୍ର– ଉତ୍ତରାଷାଢାଦ, ମକରଚନ୍ଦ୍ର |

| | |
|---|---|
| ମେଷ | : କାର୍ଯ୍ୟେ ଖୁସି ହେବେ। |
| ବୃଷ | : ବନ୍ଧୁଙ୍କ ଂରୁ ସାହାର୍ଯ୍ୟ ମିଳିବ। |
| ମିଥୁନ | : ଆଘାତପ୍ରାପ୍ତ ମିଳିପାରେ। |
| କର୍କଟ | : ପ୍ରସନ୍ନତା ହୋଇପାରିବେ। |
| ସିଂହ | : ଭଲ ଆୟ ହୋଇହେବ। |
| କନ୍ୟା | : ଖୁସି ଖବର ମିଳିବ। |
| ତୁଳା | : ମାନସିକ କ୍ଲେଶ ହେବେ। |
| ବିଛା | : ସ୍ୱାସ୍ଥ୍ୟ ଲାଭ ହେବେ। |
| ଧନୁ | : ସମ୍ମାନିତ ହେବେ। |
| ମକର | : ସଫଳତା ମିଳିବ। |
| କୁମ୍ଭ | : ଅଶାନ୍ତି ହୋଇପାରେ। |
| ମୀନ | : ଭ୍ରମଣ ଯୋଗ ରହିଛି। |

# ଇଟାଭାଟିରେ ଚଢ଼ାଉ



ସୋର,୧୮।୧: ଏକ୍ସପ୍ରେସ ନ୍ୟୁଜ୍

ସୋରର ବିଭିନ୍ନ ଜଙ୍ଗଲ ଜମିରେ ଓ ସରକାରୀ ଜାଗାରେ ଗଢି ଉଠିଥିବା ବେଳେ ପ୍ରଶାସନ ପକ୍ଷରୁ ଚଢାଉ କରାଯାଉନାହିଁ। ସ୍ଥାନୀୟ ଲୋକେ ବିଭିନ୍ନ ଅସୁବିଧାକୁ ସମ୍ମୁଖିନ ହେଉଥିବା ବେଳେ ଇଟା ମାଫିଆ ମାନେ ମାଲେମାଲ ହେଉଛନ୍ତି। ଏନେଇ ବାରମ୍ବାର ଖବର ପ୍ରକାଶିତ ହେବା ପରେ ଗତ କିଛିଦିନ ତଳେ ସୋର ତହସିଲ ପକ୍ଷରୁ ବିଭିନ୍ନ ସ୍ଥାନରେ ଗଢିଉଠିଥିବା ଏହି ଇଟା ଭାଟିଗୁଡିକର କାଗଜପତ୍ର ଯାଞ୍ଚ କରାଯାଇଥିଲା। ଅପରାହ୍ଣରେ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ଏକ ଟିମ ସହ ସୋର ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ସହଯୋଗରେ ବନ୍ଧସାହିରେ ଗଢିଉଠିଥିବା ଚଦର ଇଟାଭାଟି ଉପରେ ଚଢାଉ କରି ପାଣି ମାରିବା ସହିତ ଗଢାଯାଇଥିବା ଇଟା ଓ ପୋଡା ଯାଉଥିବା ଇଟାକୁ ନଷ୍ଟ କରିଥିଲେ।

# ବ୍ରାଉନ୍ ସୁଗାର ଜବତ, ଦୁଇ ଗିରଫ

ଖୋର୍ଦ୍ଧା,୧୮।୧: ଏକ୍ସପ୍ରେସ ନ୍ୟୁଜ୍

ଖୋର୍ଦ୍ଧା ପୋଲିସ ପକ୍ଷରୁ ଖୋର୍ଦ୍ଧା ସହରକୁ ନିଶା କାରବାରରୁ ମୁକ୍ତ କରିବା ନିମନ୍ତେ ରହିଛି। ଯଦିଓ ନିଶା କାରବାର ପୌରପରିଷଦ ଏହାର ଆଖପାଖ ଗ୍ରାମ ଗୁଡିକରେ ମାତ୍ରାଧିକ ଭାବରେ ବଢି ଚ଼ାଲିଛି। ତେବେ ଜିଲ୍ଲା ପୋଲିସ ମଧ୍ୟ ଏହାକୁ ରୋକିବା ପାଇଁ ପ୍ରୟାସ ଜାରି ରଖିଛି। ବିଶେଷ ସୂତ୍ରରୁ ଖବର ପାଇ ଏସପି ବିବେକାନନ୍ଦ ଶର୍ମା, ଆଇପିଏସ୍, ଖୋର୍ଦ୍ଧାଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଶେଷ ସୂତ୍ରରୁ ସୂଚ଼ନା ପାଇବା ପରେ ନିହାର ରଞ୍ଜନ ପ୍ରଧାନ (ଓପିଏସ୍), ଏସଡିପିଓ ଖୋର୍ଦ୍ଧା ଏବଂ ସଞ୍ଜୟ କୁମାର ନାୟକ, ଆଇଆଇସି, ମଡେଲ ପିଏସ୍, ଖୋର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ଏସଆଇ ଦିନେଶ କୁମାର ପିଙ୍ଗୁଆଙ୍କ ନେତୃତ୍ୱରେ ଏକ



ଦଳ ଗଠନ କରାଯାଇଥିଲା, ଯେଉଁଥିରେ ଏଏସଆଇ ଜିବି ରାଉତ, ହାବିଲଦାର ଏନ.ଚୌଧୁରୀ ମଲ୍ଲିକ, ସି/୧୭୬ ଆରକେ ମୁଦୁଲି ଏବଂ ଓଏପିଏଫ/୪୦ ଏସ ହନ୍ତାଲ ସାମିଲ ଥିଲେ। ପୂର୍ବ ସୂଚ଼ନା ମୁତାବକ ଖୋର୍ଦ୍ଧା ପୌରପରିଷଦର ଗାନ୍ଧୀ ପଡ଼ିଆ, ନବୀନାବାଗ ଅଂଚ଼ଳରେ ନିଶା କାରବାର ହେଉଥିବା ବେଳେ ଦୁଇ ଯୁବକଙ୍କୁ ସନ୍ଦେହରେ ଅଟକାଇ ତଦନ୍ତ କରିଥିଲେ। ତେବେ ତଦନ୍ତ ସମୟରେ ଯୁବକଙ୍କ ନିକଟରୁ ୨୦ ଗ୍ରାମ ଚୋରା ବ୍ରାଉନ୍ ସୁଗାର ପୋଲିସ ଟିମ ଜବତ କରିଥିଲେ ଏବଂ ତାଙ୍କ ନିକଟରୁ ଗୋଟିଏ ବଜାଜ୍ ଡୋମିନର ଏମ୍/ସି ଯାହାର ରେଜିଷ୍ଟ୍ରେସନ୍ ନଂ ଓଡି ୩୩ ଏ ଏନ ୪୯୮୬ ଜବତ କରିବା ସହିତ ଗୋଟିଏ ବଜାଜ୍ ପଲସର ଏମ୍/ସି ଯାହାର ରେଜିଷ୍ଟ୍ରେସନ୍ ନଂ ଓଡି ୦୨ ଡି ସି ୦୯୧୭ ଏବଂ ଚ଼ାରୋଟି ଆଣ୍ଡ୍ରଏଡ୍ ଫୋନ୍ ସମେତ ନଗଦ ୩୯୦୦୦ ଟଙ୍କା ଜବତ କରି ଗିରଫ ହୋଇଥିବା ନିଶା ବ୍ୟବସାୟୀ ସୁନୀଲ କୁମାର ସାହୁ ବୟଷ ୨୬ ପିତା କାର୍ତ୍ତିକ କୁମାର ସାହୁ ଖୋର୍ଦ୍ଧା କ୍ରିଷ୍ଟ୍ୟାନ ସାହିର ହୋଇଥିବା ବେଳେ ଅନ୍ୟ ଜଣେ ଯୁବକ ଖୋର୍ଦ୍ଧା କୋଣାର୍କ ନଗର ପଲ୍ଲୀ ଅଞ୍ଚଳର ସିଦ୍ଧାର୍ଥ ଶଙ୍କର ଦାସ ଓରଫ ବୁନୁ ବୟସ ୨୬ ପିତା କାର୍ତ୍ତିକେଶ୍ୱର ଦାସଙ୍କୁ ଗିରଫ କରି ଏନଡିପିଏସ ମାମଲା ରୁଜୁ କରିବା ସହିତ ତାଙ୍କୁ କୋର୍ଟ ଚ଼ାଲାଣ କରିଥିବା ଜିଲ୍ଲା ପୋଲିସ ପକ୍ଷରୁ ସୂଚ଼ନା ମିଳିଛି।

## ଘରେ ପଶି ମା' ଓ ଦୁଇ ଝିଅଙ୍କୁ ହାଣିଲା ଯୁବକ




ଦିଗପହଣ୍ଡି,୧୮।୧: ଏକ୍ସପ୍ରେସ ନ୍ୟୁଜ୍

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ବି.ତୁରୁବୁଡ଼ି ପଞ୍ଚାୟତ କାଣ୍ଡେଶ୍ୱର ଗ୍ରାମ ଇନ୍ଦିରା ଆବାସ କଲୋନୀରେ ଅଭାବନୀୟ ଘଟଣା ଘଟିଛି। କଲୋନୀରେ ରହୁଥିବା କୁମାରୀ ସେଠୀ(୫୮) ଏବଂ ତାଙ୍କ ଦୁଇ ଅବିବାହିତ କନ୍ୟା ସବିତା ସେଠୀ(୩୨), ଝିଲି ସେଠୀ(୨୪)ଙ୍କୁ କିଛି ଦୁର୍ବୃତ୍ତ ବେକ ଓ କାନ କାଟି ହତ୍ୟା ଉଦ୍ୟମ କରିଛନ୍ତି।

ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ସ୍ୱର୍ଗତ ପାଣ ସେଠୀଙ୍କ ସ୍ତ୍ରୀ କୁମାରୀ ତାଙ୍କ ଦୁଇ ଝିଅ ସହ ରାତ୍ରି ଭୋଜନ ସାରି ଶୋଇଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କ ଘରର କବାଟ ବାଡ଼ାଇ ଥିଲେ। କୁମାରୀ କବାଟ ଖୋଲିବା ପରେ ଜଣେ ଦୁର୍ବୃତ୍ତ ଘର ଭିତରେ ପଶି ଅତର୍କିତ ଭାବେ ଏକ ଧାରୁଆ ଛୁରିରେ ତାଙ୍କ ବେକକୁ କାଟି ଦେଇଥିଲେ। ଦୁଇ ଝିଅ ନିଦରୁ ଉଠି ମା'କୁ ଉଦ୍ଧାର କରିବା ବେଳେ ସେ ଦୁହିଁଙ୍କ ବେକକୁ ମଧ ଛୁରିରେ କାଟି ବାଇକ ଯୋଗେ ଚ଼ମ୍ପଟ ମାରିଥିଲେ। ମା' ଓ ଦୁଇ ଝିଅଙ୍କ କାନ୍ଦ ବୋବାଳି ଶୁଣି ପାଖ ପଡୋଶୀ ଆସି ସେମାନଙ୍କୁ ଉଦ୍ଧାର କରିଥିଲେ। ଏନେଇ ସୂଚ଼ନା ପାଇବା ପରେ ଦିଗପହଣ୍ଡି ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଆହାତମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

ସେଠାରେ ପ୍ରାଥମିକ ଚ଼ିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଝିଲିଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପୃକ୍ତ ଅଞ୍ଚଳରେ ଚ଼ାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ରହସ୍ୟଜନକ ହତ୍ୟା ଉଦ୍ୟମ ଘଟଣାର କାରଣ ଜଣାପଡିନାହିଁ।

## ଅଜଣା ଗାଡି ଧକ୍କାରେ ଚ଼ାଲିଗଲା ଦୁଇ ଯୁବକଙ୍କ ଜୀବନ

ଜଳେଶ୍ୱର,୧୮।୧: ଏକ୍ସପ୍ରେସ ନ୍ୟୁଜ୍

ଜଳେଶ୍ୱର -ଚ଼ନ୍ଦନେଶ୍ୱର ୫୭ ନମ୍ବର ଜାତୀୟ ରାଜପଥର ନାମ୍ପୋ ଛକ ନିକଟରେ ଅଜଣା ଗାଡି ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତ ଦୁଇ ଯୁବକ ହେଲେ ନାଚ଼ିନ୍ଦା ପଞ୍ଚାୟତ ବାଗ ଗ୍ରାମର ଧନଞ୍ଜୟ ସାହୁଙ୍କ ପୁତ୍ର ଗୌତମ ସାହୁ (୧୮) ଓ ଅଦ୍ୱୈତ ମହାପାତ୍ରଙ୍କ ପୁତ୍ର ଚ଼ନ୍ଦ୍ର ଶେଖର ମହାପାତ୍ର (୨୨)।

ଏହି ଦୁଇ ଯୁବକ ଏକ ବାଇକ୍‌ରେ ଜଳେଶ୍ୱର ଷ୍ଟେସନକୁ ଯାଉଥିବା ବେଳେ ଭୋର ସାଢେ ୪ଟା ସମୟରେ କୌଣସି ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି। ନାମ୍ପୋ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଯୁବକଙ୍କୁ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲକୁ ନେଇଥିବା ବେଳେ ସେଠାରେ ଔପଚ଼ାରିକ ଭାବେ ମୃତ ଘୋଷଣା କରାଯାଇଥିଲା। ଦୁଇ ଯୁବକଙ୍କ ମୃତ୍ୟୁରେ ନାଚ଼ିନ୍ଦା ପଞ୍ଚାୟତ ସମେତ କମର୍ଦ୍ଦା ଥାନା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ୨୫ରେ ମାଘ ସପ୍ତମୀ ବୁଡ଼

## ଅର୍କକ୍ଷେତ୍ରକୁ ଛୁଟିବେ ଶ୍ରଦ୍ଧାଳୁ

କୋଣାର୍କ,୧୮।୧: ଏକ୍ସପ୍ରେସ ନ୍ୟୁଜ୍

ଆସନ୍ତା ୨୫ରେ ପବିତ୍ର ମାଘ ସପ୍ତମୀ ବୁଡ। ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଛୁଟି ଆସିବେ ଅର୍କକ୍ଷେତ୍ର କୋଣାର୍କକୁ। ଏଥିନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ କାର୍ଯ୍ୟ ଆଗେଇ ଚ଼ାଲିଛି। ମେଳା ପଡିଆରେ ସଫେଇ, ପାଚେରି ରଙ୍ଗ, ବ୍ୟାରିକେଡ୍ ଓ ଦୁଇଟି ୱାଚ୍ ଟାୱାର ନିର୍ମାଣ ଆଦି ଚ଼ାଲିଛି। ଚ଼ନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ୨୫ ତାରିଖ ପ୍ରତ୍ୟୁଷରୁ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ ପକାଇବେ।

ନିଷ୍ପତ୍ତି ଅନୁଯାୟୀ ଜାନୁଆରୀ ୨୪ ତାରିଖ ମାଘ ଶୁକ୍ଳ ଷଷ୍ଠୀ ରାତି ୮ଟା ୧୦ରୁ ଶ୍ରୀ ତ୍ରିବେଣୀଶ୍ୱର, ଈଶାଣେଶ୍ୱର, ଦକ୍ଷିଣେଶ୍ୱର ଦେବଙ୍କ ଚ଼ଳନ୍ତି ପ୍ରତିମା ନିଜ ନିଜ ଆସ୍ଥାନରୁ ବାହାରି ବିମାନ ବିଜେ କରିବେ। ତିନିଠାକୁର ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା ସହ କୋଣାର୍କ ଏନ୍‌ଏସି ମଣ୍ଡପରେ ପୂଜାର୍ଚ୍ଚନା ପରେ ଚ଼ନ୍ଦ୍ରଭାଗା ତୀର୍ଥ ମଣ୍ଡପରେ ପହଞ୍ଚିବେ। ପାରମ୍ପରିକ ରୀତିନୀତିରେ ଚ଼ଳନ୍ତି ପ୍ରତିମାଙ୍କ ପୂଜାହୋମ କର୍ମ ସମ୍ପାଦନ ସରିଲେ ୨୫ ତାରିଖ ସପ୍ତମୀ ତିଥିରେ ମାହେନ୍ଦ୍ର ବେଳା ୪ଟା ୪୧ ମଧ୍ୟରେ ପବିତ୍ର ତୀର୍ଥ ଜଳରେ ତିନିଠାକୁର ସ୍ନାନ କରିବେ।

ଭୋର୍ ୪ଟା ୪୧ରୁ ସାଧୁସନ୍ଥ ଓ ଅପେକ୍ଷାରତ ଶ୍ରଦ୍ଧାଳୁମାନେ ସ୍ନାନ କରିବାର ସୁଯୋଗ ପାଇବେ। ଏହାକୁ ଦୃଷ୍ଟିରେ ରଖି ମେଳା ପଡିଆରେ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଶିବିର, ଅସ୍ଥାୟୀ ଶୌଚ଼ାଳୟ, ପାନୀୟ ଜଳ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ବେଳାଭୂମିରେ ଦୁଇଟି ଦମକଳ ଗାଡି ମୁତୟନ, ଶନିବାର ସାରା ରାତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ ଶାନ୍ତିଶୃଙ୍ଖଳା ନିମନ୍ତେ କୋଣାର୍କ ଓ ଚ଼ନ୍ଦ୍ରଭାଗାରେ ୩୪ ପ୍ଲାଟୁନ ଫୋର୍ସ ନିୟୋଜିତ ରହିବେ। ଚ଼ନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ୩ କିମି ଦୂରରେ ଯାତ୍ରୀବାହୀ ବସ୍ ପାର୍କିଂ ନିଷ୍ପତ୍ତି ଯୋଗୁ ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ୟା ଆଣିବ। ପୁରୀ ପୋଲିସ ପ୍ରଶାସନ ପକ୍ଷରୁ ଜାନୁଆରୀ ୨୪ ତାରିଖ ଅପରାହ୍ଣ ୪ଟାରୁ ୨୫ ତାରିଖ ଦିନ ୧୨ଟା ପର୍ଯ୍ୟନ୍ତ ଯାନବାହନ କଟକଣା ଲାଗୁ କରାଯିବ।

# ଡାଟା ଏଣ୍ଟ୍ରି ଅପରେଟର ଆସୋସିଏସନ ପକ୍ଷରୁ ଦାବିପତ୍ର

ସୋର,୧୮।୧: ଏକ୍ସପ୍ରେସ ନ୍ୟୁଜ୍

ଓଡିଶା ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟମାନଙ୍କରେ ଡାଟା ଏଣ୍ଟ୍ରି ଅପରେଟର ପଦବୀ ଖୋଲିବା ପାଇଁ ଏକ ଦାବୀ ପତ୍ର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରରଙ୍କୁ ସଂଘ ପକ୍ଷରୁ ପ୍ରଦାନ କରାଯାଇଛି। ଡିଇଓ ପଦବୀକୁ ବିଶ୍ୱବିଦ୍ୟାଳୟ ଅନୁମୋଦିତ କର୍ମଚାରୀ ବ୍ୟବସ୍ଥା (ୟାର୍ଡଷ୍ଟିକ୍) ଅନ୍ତର୍ଗତ ସୃଷ୍ଟି ଓ ସ୍ୱୀକୃତି ଦାବିରେ ଅଖିଳ ଓଡ଼ିଶାର ସଂସ୍କୃତ ମହାବିଦ୍ୟାଳୟ ଡାଟା ଏଣ୍ଟ୍ରି ଓପାରେଟରମାନେ (ଡିଇଓ)



ରେଜିଷ୍ଟ୍ରାରଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ସୋର ବ୍ଲକ କେଦାରପୁରସ୍ଥ ମଧୁସୂଦନ ସଂସ୍କୃତ ମହାବିଦ୍ୟାଳୟରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର ତଥା ସଂଘ ସଭାପତି ଆଝାରୁଦ୍ଦିନ ଶାହାଙ୍କ ନେତୃତ୍ୱରେ ଏକ ଟିମ ରେଜିଷ୍ଟ୍ରର ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦାଙ୍କୁ ଏହି ଦାବୀ ପତ୍ର ପ୍ରଦାନ କରାଯାଇଛି।

# ୩୧ ଏକର ଗଞ୍ଜେଇ ଗଛ ନଷ୍ଟ

ଜୟପୁର,୧୮।୧: ଏକ୍ସପ୍ରେସ ନ୍ୟୁଜ୍

କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦଣ୍ଡାବାଡି ପଂଚ଼ାୟତର କେନ୍ଦୁଗୁଡା ଅଂଚ଼ଳରେ ଗଞ୍ଜେଇ ଚ଼ାଷ ନଷ୍ଟ କରାଯାଇଛି। ପୋଲିସ, ଅବକାରୀ, ବନବିଭାଗ ଏବଂ ରାଜସ୍ୱ ବିଭାଗର ଉପସ୍ଥିତିରେ ମିଳିତ ଚ଼ ?ାଉ କରାଯାଇଥିଲା। ଏହି ଚ଼ ?ାଉରେ ୩୧ ଏକର ଗଞ୍ଜେଇ ଚ଼ାଷ ନଷ୍ଟ କରାଯାଉଛି। ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆଙ୍କ ନେତୃତ୍ୱରେ ୧୫ ଏକର ଗଞ୍ଜେଇ ଚ଼ାଷ ନଷ୍ଟ କରାଯାଇଥିବା ବେଳେ ବୈପାରୀଗୁଡା ଅବକାରୀ ଅଧିକାରୀ ଅଜୟ କୁମାର ନାୟକଙ୍କ ନେତୃତ୍ୱରେ ୧୬ ଏକର ଗଞ୍ଜେଇ ଚ଼ାଷ ନଷ୍ଟ କରାଯାଇଛି। ଏଥିରେ ବୈପାରିଗୁଡା ଥାନା ଏସ୍ ?ଆଇ ସଞ୍ଜୀବ ବେହେରା, ଅତିରିକ୍ତ ତହସିଲଦାର ଝାଡେଶ୍ୱର ସଉରା, ବନବିଭାଗର ଟିମ୍ ଏବଂ ଜୟପୁର ଅବକାରୀ ବିଭାଗର ଚ଼ନ୍ଦ୍ର ଶେଖର ପଡିହାରୀ, ନନ୍ଦପୁର ଓଆଇସି ରାଜୁ କୁମାରୀ କ୍ଷାତି, ବୈପାରୀଗୁଡା ଏଏସଆଇ ସରୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଗଞ୍ଜେଇ ଗଛ ନଷ୍ଟ କରିବା ସହିତ ସେଥିରେ ନିଆଁ ଲଗାଇ ପୋଡି ଦେଇଥିବା ଜଣାପଡିଛି। ନଷ୍ଟ ହୋଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ଏକ କୋଟିରୁ ଉର୍ଦ୍ଧ ଟଙ୍କା ହେବ ବୋଲି ପୁଲିସ ସୂଚ଼ନା ଦେଇଛି।

## ଛୁଆ ହାତୀର ମୃତ ଦେହ ଠାବ



ଢେଙ୍କାନାଳ,୧୮।୧: ଏକ୍ସପ୍ରେସ ନ୍ୟୁଜ୍

ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ପାଇକପୁରୁଣାକୋଟର ବେଣୀପଥର ଠାରେ ଏକ ଛୁଆ ହାତୀର ମୃତ ଦେହ ଠାବ ହୋଇଛି। କେଉଁ କାରଣରୁ ହାତୀ ଛୁଆଟିର ମୃତ୍ୟୁ ହୋଇଛି ତାହା ଜଣାପଡିନାହିଁ। ମୃତ ହାତୀ ଛୁଆଟିର ବୟସ ପ୍ରାୟ ୨ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତେବେ ହାତୀ ଛୁଆଟିର ପଞ୍ଚନାମା କରାଗଲେ କେଉଁ କାରଣରୁ ତାର ମୃତ୍ୟୁ ଘଟିଛି ବୋଲି ଜଣାପଡ଼ିବ। ମୃତ ଛୁଆ ହାତୀକୁ ହାତୀଦଳ ଜଗି ରହିଥିବା ଜଣାପଡିଛି।

# ଜାତୀୟ ରାଜପଥ କଡ଼ ସୋଲାର ଲାଇଟ ଅଚ଼ଳ

ଦାରିଙ୍ଗବାଡ଼ି,୧୮।୧: ଏକ୍ସପ୍ରେସ ନ୍ୟୁଜ୍

ଗୋପାଳପୁର-ରାଇପୁରକୁ ସଂଯୋଗ କରୁଥିବା ୫୯ନଂ ଜାତୀୟ ରାଜପଥର ଦାରିଙ୍ଗବାଡି ବ୍ଲକ ସିଆଙ୍ଗବାଲି ପଞ୍ଚାୟତ ପଞ୍ଚୁପଲଠାରୁ ବାଲିଗୁଡା ମଧ୍ୟରେ ରାଜପଥର ୨ କଡ଼ରେ ସୋଲାର ପ୍ୟାନେଲ, ବ୍ୟାଟେରି ଥାଇ ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା କରାଯାଇଥିଲା।

ମୋଟ ୩୫୪ଟି ପୋଲରେ ଏହି ଆଲୋକ ବ୍ୟବସ୍ଥା କରାଯିବାର କମ୍‌ଦିନ ମଧ୍ୟରେ ସମସ୍ତ ଲାଇଟ ଅଚ଼ଳ ହୋଇପଡ଼ିଥିଲା। ଏହି କାର୍ଯ୍ୟ କରିଥିବା ଠିକାସଂସ୍ଥା ପକ୍ଷରୁ ରକ୍ଷଣବେକ୍ଷଣ କରାଯିବା ଅବହେଳା ଯୋଗୁ ସମସ୍ତ ଲାଇଟ ଅଚ଼ଳ ହୋଇପଡିଛି। ଏ ନେଇ ଅଞ୍ଚଳବାସୀ ସ୍ଥାନୀୟ ପ୍ରଶାସନ ଏବଂ ଜିଲା ପ୍ରଶାସନଠାରୁ ଆରମ୍ଭ କରି ମନ୍ତ୍ରୀ ପର୍ଯ୍ୟନ୍ତ

ସମସ୍ତଙ୍କୁ ଅଭିଯୋଗ ପରେ ଚ଼ାପରେ ଚ଼ାପି ହୋଇ ଠିକାସଂସ୍ଥା ପକ୍ଷରୁ ଏବେ ଅଚ଼ଳ ସୋଲାର ଲାଇଟକୁ ସଚ଼ଳ କରୁଛି। ଏବେ ସୁଦ୍ଧା ମାତ୍ର ୧୧ଟି ଲାଇଟକୁ ମରାମତି କରି ସ୍ୱାଭାବିକ କରାଯାଇଥିବା ବେଳେ ରାଜପଥ କଡ଼ରେ ଲାଗିଥିବା ଅନ୍ୟ ସୋଲାର ଆଲେକା ମରାମତି ପୂର୍ବରୁ କ'ଣ ସବୁ ନଷ୍ଟ ହୋଇଛି, ସେଗୁଡିକ ସର୍ଭେ କରାଯାଉଛି। ଅଧିକାଂଶ ସୋଲାର ପ୍ୟାନେଲ ଓ ବ୍ୟାଟେରି ଚୋରି ହୋଇଥିବା ବେଳେ ଆଉ କିଛି ସ୍ଥାନରେ ବ୍ୟାଟେରି ରହିଥିଲେ ମଧ ସେଠାରେ ପଡୁଥିବା ଡିଷ୍ଟିଲ ୱାଟର ସରିଯାଇଥିବା ଠିକା ସଂସ୍ଥା ପକ୍ଷରୁ କୁହାଯାଇଛି। ଆସନ୍ତା ୩ ମାସ ମଧ୍ୟରେ ମରାମତି କାର୍ଯ୍ୟ ସରିବ ବୋଲି କୁହାଯାଉଛି।

## ଅଜଣା ଗାଡି ଧକ୍କାରେ ବୃଦ୍ଧର ମୃତ୍ୟୁ

ଜୟପୁର,୧୮।୧: ଏକ୍ସପ୍ରେସ ନ୍ୟୁଜ୍

ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧ ମୃତ୍ୟୁ ହୋଇଛି। ରାସ୍ତା ପାର ହୋଇ କେନାଲ ଯିବା ସମୟରେ ରନ୍ଧାକରଗୁଡା ନିକଟରେ ଏକ ଅଜଣା ଗାଡି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ଆଜି ଭୋର ପ୍ରାୟ ୩.୧୫ ମିନିଟ ସମୟରେ ଜଗନ୍ନାଥ ସାହୁଙ୍କ ବାପା ପର୍ଶୁରାମ ସାହୁ ଘରୁ କେନାଲକୁ ରାସ୍ତା ପାର ହୋଇ ସେଚ଼ ହେବାପାଇଁ ଯିବା ସମୟରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ପର୍ଶୁରାମଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ଜଗନ୍ନାଥ ସାହୁ ଏନେଇ ସଦରଥାନାରେ ଅଭିଯୋଗ ପରେ ସଦର ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚ଼ନା ଦେଇଛନ୍ତି।

# ମଣ୍ଡି ପୂଜାରେ ସୀମିତ ସରକାରୀ ଧାନ କିଣା, ମାଲାମାଲ ଦଲାଲ

ଭଦ୍ରକ,୧୮।୧: ଏକ୍ସପ୍ରେସ ନ୍ୟୁଜ୍

ଚ଼ଳିତ ମାସ ୩ ତାରିଖରେ ଚ଼ାଷୀଙ୍କ ମୋବାଇଲକୁ ଟୋକାନ ମେସେଜ ଆସିଲା । ୫ ତାରିଖରୁ ଧାନ କିଣାଯିବା ପାଇଁ ଦିନ ଧାର୍ଯ୍ୟ କଲେ । ସମବାୟ ସମିତି କଂଟା ପୂଜା ବି କଲେ ମାତ୍ର ଏ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାର କୌଣସି ବ୍ଲକରେ ମୁଠିଏ ଧାନ କିଣା ହେଇ ପାରିଲା ନାହିଁ । ଏହାର ସୁଯୋଗ ନେଇ ବେପାରୀ ହେଉଛନ୍ତି ମାଲେ ମାଲ । ଶାଗ ମାଛ ଦରରେ ଧାନ କିଣି ପଡୋଶୀ ଆନ୍ଧ୍ର ଓ ପଶ୍ଚିମବଙ୍ଗ ରାଜ୍ୟକୁ ଚୋରା ଚ଼ାଲାଣ କରି ବେଶ ମୁନାଫା କମାଉଛନ୍ତି ଦଲାଲ । ସୂଚ଼ନା ମୁତାବକ ଚ଼ାନ୍ଦବାଲି ବ୍ଲକରେ ଏ ପର୍ଯ୍ୟନ୍ତ ସରକାର ମୁଠିଏ ଧାନ କିଣି ପାରିଲେ ନାହିଁ । ଯାହାର ଫାଇଦା ନେଉଛନ୍ତି ଦଲାଲ । ପ୍ରତିଦିନ ଶହ ଶହ ସଂଖ୍ୟକ ଧାନ ଟ୍ରକ ଏଠାରୁ ଆନ୍ଧ୍ର ଓ ପଶ୍ଚିମବଙ୍ଗକୁ ଚୋରା ଚ଼ାଲାଣ କରାଯାଉଛି । ଏଠାକାର ଧାନ



ଦଲାଲ ମାନେ ଗାଁ ଗାଁ ରେ ଡେରା ପକାଇ ଚ଼ାଷୀ ମାନଙ୍କ ଠାରୁ ୧୫ଶହ ରୁ ୧୮ଶହ ଟଙ୍କା ଦରରେ ଧାନ କିଣୀ ଲୁଟିବାରେ ଲାଗିପଡିଛନ୍ତି । ସରକାରୀ ମଣ୍ଡିରେ ବେଶୀ ଧାନ ଦେଲେ କଟିବ ରାସନ କାର୍ଡ, ୧୫୦ କୁଇଂଟାଲରୁ ଅଧିକ ହେଲେ ମିଳିବନି ସବସିଡ, କୁଇଂଟାଲ ଉପରେ ସରକାର କାଟିବେ ୧୦ କେଜି, ଏଥର ଧାନ ଟଙ୍କା ମିଳିବାରେ ବିଳମ୍ବ ହେବ ଆଦି କଥା କହି ଡରାଇ ଧାମକାଇ ଲୁଟି ନେଉଛନ୍ତି ଶହ ଶହ ଟ୍ରକ ଧାନ । ଅନ୍ୟ ପଟେ ସରକାରୀ ମଣ୍ଡିରେ ଧାନ କିଣା ଯେତେ ବିଳମ୍ବ ହେଉଛି ,ଧାନ ଦଲାଲ ସେତେ ସକ୍ରିୟ ହେଉଛନ୍ତି । ସେମାନଙ୍କୁ ଲଗାମ ଦେବା ପାଇଁ କୌଣସି ସରକାର ତତ୍ପର ହେଉ ନ ଥିବାଦେଖିବାକୁ ମିଳିଛି। ଦିନକୁ ଦିନ ଚ଼ାଷୀଙ୍କ ଶୋଷଣ ବ ?ିବାରେ ଲାଗିଛି । ଏଣୁ ସରକାର ତୁରନ୍ତ ମଣ୍ଡି ଖୋଲି ଧାନ କ୍ରୟ କରିବା ସହ ଚୋରା ବେପାରୀଙ୍କ ଉପରେ ଲଗାମ ଲଗାଇବାକୁ ଚ଼ାନ୍ଦବାଲି ଅଂଚ଼ଳର ଚ଼ାଷୀ ମାନେ ଦାବୀ କରିଛନ୍ତି ।

## ସ୍ୱାମୀଙ୍କ ଶବ ଓଡ଼ିଶାକୁ ଆଣିବା ପାଇଁ ସ୍ତ୍ରୀର ନିବେଦନ

ସୋର,୧୮।୧: ଏକ୍ସପ୍ରେସ ନ୍ୟୁଜ୍

ସୋର ଥାନା ସିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମର ଯୁଧିଷ୍ଠିର ବାରିକ(୫୬) ଦୀର୍ଘବର୍ଷ ଧରି ଚେନ୍ନାଇର ଏକ ଦୋକନରେ କାମ କରୁଥିଲେ। ଶନିବାର ସକାଳେ ଟ୍ରେନ ଯୋଗେ ଘରକୁ ଫେରିବା ପାଇଁ ଚେନ୍ନାଇ ସେଣ୍ଟ୍ରାଲ ରେଳ ଷ୍ଟେସନକୁ ଆସିଥିବା ବେଳେ ସେଠାରେ ତାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ସେ ଷ୍ଟେସନ ନିକଟରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟରେ ଥିବା ରାଜୀବଗାନ୍ଧୀ ସରକାରୀ ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁନାୱାଲା ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହିତ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଯୁଧିଷ୍ଠିରଙ୍କର ଦୁଇ ଝିଅ ବିବାହ କରିଥିବା ବେଳେ ଘରେ ତାଙ୍କ ସ୍ତ୍ରୀ ଏକାକୀ ରୁହନ୍ତି। ସେ ଯୁଧିଷ୍ଠିରଙ୍କ ଶବ ଓଡିଶାକୁ ଆଣିବା ପାଇଁ ଅସହାୟତା ପ୍ରକାଶ କରି ଓଡିଶା ସରକାରଙ୍କୁ ଶବ ଫେରାଇ ଆଣିବାକୁ ନିବେଦନ କରିଛନ୍ତି।

■ ଆଶା କରାଯାଉଥିଲା, ଟ୍ରିପୁଲ୍ ଇଞ୍ଜିନ ସରକାର ଥିବାରୁ ମହାନଦୀ ଜଳ ବିବାଦ ଚୁଟ୍‌କିରେ ସମାଧାନ ହୋଇଯିବ। ବିଜେପି ମଧ୍ୟ ସେତେବେଳେ କହୁଥିଲା- ଟ୍ରିବ୍ୟୁନାଲକୁ ଯିବାର କୌଣସି ଆବଶକତା ନଥିଲା। ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ହୋଇପାରିଥାନ୍ତା। ଏବେ ଆପୋସ ଆଲୋଚନା ପାଇଁ ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ଦୁଇଟି ବୈଠକ ସରିଲାଣି। ଆଉ କେତୋଟି ବୈଠକ ବସିବ ସେକଥା ଜଣାନାହିଁ! ଟ୍ରିବ୍ୟୁନାଲ ଠାରୁ ଯଦି ■ ଆପୋସ ସମାଧାନ ଅଧିକ ସମୟ ନେଲା ତାହାଲେ ଟ୍ରିପୁଲ୍ ଇଞ୍ଜିନ ଥାଇ ଲାଭ କ'ଣ ?

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୧୯ ଜାନୁଆରୀ, ୨୦୨୬ | ସୋମବାର

ଓଡ଼ିଶା ଏକ୍ସପ୍ରେସ୍

## ଆମକୁ ଅନ୍ୟରାଜ୍ୟରୁ ପାଣି କିଣିବାକୁ ନପଡୁ

ଆମ ରାଜ୍ୟରେ ସବୁ ଥାଇ କିଛି ନାହିଁ। ବିସ୍ତିର୍ଣ୍ଣ ବେଳାଭୂମି ଏବଂ ଚିଲିକା ଭଳି ବିଶାଳ ଲବଣାକ୍ତ ହ୍ରଦ ଥାଇ ମଧ୍ୟ ଆମେ ଲୁଣ କିଣୁଛେ ଅନ୍ୟରାଜ୍ୟରୁ। ମାଛ, ମାଂସ, ଅଣ୍ଡା, ପରିନପରିବା ଏବଂ ଫଳ ଆସୁଛି ଆନ୍ଧ୍ରରୁ। ଆନ୍ଧ୍ରର ଏକ ବଡ ବଜାର ଓଡ଼ିଶା। ତଥାପି ଆନ୍ଧ୍ର ମାଡିଆସୁଛି ଆମ ସୀମା ଭିତରକୁ। ଆଳୁ ଆସୁଛି ପଶ୍ଚିମବଙ୍ଗରୁ, ମହାରାଷ୍ଟ୍ରରୁ ପିଆଜ। ପାଇଖାନା ସଫା ବ୍ରସ୍ ଠାରୁ ଆରମ୍ଭ କରି ପ୍ରତିଟି ଛୋଟମୋଟ ଘରକରଣା ସାମଗ୍ରୀ ଆସୁଛି ଚାଇନାରୁ। ବିଦ୍ୟୁତ୍ ସରଞ୍ଜାମ କଥା ଛାଡନ୍ତୁ, ଚାଇନା ଏଲ୍ଇଡି ବଲ୍‌ବ ମିଳୁଛି ବୋଲି ଲୋକେ ଶସ୍ତାରେ ଟିକେ ପାଉଛନ୍ତି। ସେଇ ଚାଇନା ମାଲରେ 'ମେଡ୍ ଇନ୍ ଇଣ୍ଡିଆ' ଲେଖି ମଧ ଚଢା ଦରଳରେ ବିକ୍ରି ଚାଲିଛି। ଚାଇନା ବାଲା ତାଙ୍କ ବ୍ୟବସାୟ ବଢାଇବା ପାଇଁ ଏସବୁ ସୁବିଧା ଦେଇଛନ୍ତି ଆମ ଦେଶର ବ୍ୟବସାୟୀମାନଙ୍କୁ।

ଆପଣ ପଚାରି ପାରନ୍ତି- ଆମ ଦେଶରେ ତାହାଲେ ହେଉଛି କ'ଣ ? ଏହାର ଉତ୍ତର ଆପଣ ପାଇଯିବେ, ନିଜ ଘର ଭିତରେ ଚାରିଆଡକୁ ଟିକେ ଆଖି ବୁଲାଇ ଆଣିଲେ। ଯାହା ଉପରେ ଆଖି ପଡିବ ସେଇଟା ଚାଇନା ମାଲ୍ ହୋଇଥିବ। ଦେଖିବାକୁ ମଧ୍ୟ ଖୁବ୍ ସୁନ୍ଦର। ଆମ ଦେଶରେ ପୂର୍ବରୁ ମିଳୁଥିଲା କାଠ ବେଣ୍ଟବାଲା ନଡିଆ କତାଲଗା ପାଇଖାନା ସଫେଇ ବ୍ରସ୍। କିଛିଦିନ ପାଣି ଖାଇବା ପରେ ସେଥିରେ ଛତୁ ଉଠିଯାଉଥିଲା। ଆପଣ ଯଦି ଟିକେ ବୟସ୍କ ଲୋକ ହୋଇଥିଲେ ଏ ଦୃଶ୍ୟ ଆପଣକଙ୍କ ଆଖିରେ ପଡିଥିବ ନିଶ୍ଚେ। ଚାଇନାରୁ ପ୍ରଥମେ ଆସିଲା ପ୍ଲାଷ୍ଟିକ ବ୍ରସ୍। ଏବେ ପ୍ରତିଟି ଘରର ପାଇଖାନାରେ ସେହି ଚାଇନା ବ୍ରସ୍ ଦେଖିବାକୁ ମିଳୁଛି।

ଛାଡନ୍ତୁ ସେକଥା, ଆମେ ଅସଲ ପ୍ରସଙ୍ଗକୁ ଆସିବା। ଆମକୁ ପ୍ରତିଟି ଅତ୍ୟାବଶ୍ୟକ ଜିନିଷ ଅନ୍ୟ ରାଜ୍ୟ ପାଖରୁ କିଣିବାକୁ ପଡୁଛି। ଭୟ ଲାଗୁଛି ହୁଏତ ପାଣି ମଧ୍ୟ କିଣିବାକୁ ପଡିପାରେ। ଆମେ ପିଇବା ପାଣି କଥା କହୁନୁ। ବୋତଲ ପାଣିତ କେବେଠୁ ବିକ୍ରି ହେଲାଣି ଆମ ଦେଶରେ। ଶୌଚ ହେବାପାଇଁ, ବାସନ ମାଜିବା ପାଇଁ ଏବଂ ଚାଷ-ବାସ ପାଇଁ ମଧ ପାଣି କିଣିବାକୁ ପଡିପାରେ ଛତିଶଗଡ ପାଖରୁ। ମହାନଦୀ ପାଣି ସେମାନେ ସଞ୍ଚୟ କରି ରଖିଛନ୍ତି, କହିପାରନ୍ତି-ଆମେ ମାଗଣାରେ କାହିଁକି ଦେବୁ? ଆମକୁ ଜିଏସଟି ସହିତ କିଣିବାକୁ ପଡିପାରେ। ୨୪ ବର୍ଷର ବିଜେଡି ଶାସନ କାଳରେ ପାଣି ସାଇତି ରଖିବାର କୌଣସି ବ୍ୟବସ୍ଥା କରାଗଲା ନାହିଁ ବୋଲି ବିଜେପି ବାଲା ସମାଲୋଚନା କରୁଥିଲେ। ଲୋକେ ପ୍ରଶ୍ନ କରିପାରନ୍ତି- ଆପଣମାନେ କେତେଟା କଲେଣି ?

ଏବେ ତ ଦେଖାଯାଉଛି ଅତ୍ୟାବଶ୍ୟ ଚାହିଦା ଉପରେ ମାଡ ବେଶି। ଟାଟା କମ୍ପାନୀ କେମିତି ଜୁଲୁମ୍ ଚଳେଇଛି ଏକଥା ଆମେ ଦେଖୁଛେ। ଅତ୍ୟାବଶ୍ୟକ ସେବା ଆଗ ପ୍ରଦାନ କରାଯାଏ ତା'ପରେ ଦେୟ ପୈଠକ ହୁଏ। କିନ୍ତୁ ଟଙ୍କିକିଆ ଏବଂ ମାଗଣା ଚାଉଳ ବଣ୍ଟାଯାଉଥିବା ଗରିବ ରାଜ୍ୟରେ ପ୍ରଥମେ ପଇସା ଦିଅ ତା'ପରେ ବିଦ୍ୟୁତ୍ ସେବା ମିଳିବ-ଏଇଟା କି ପ୍ରକାର ସେବା ? ପ୍ରି-ପେଡ୍ ମିଟର ଲାଗିବା ପରେ ଆଗେ ପଇସା ପୈଠ କରିବାକୁ ପଡିବ ତା'ପରେ ବିଦ୍ୟୁତ ସେବା ମିଳିବ, ଏଭଳି ନିୟମ ମଧ ହେବ ବୋଲି ଶୁଣାଯାଉଛି। ଉପଭକ୍ତାଙ୍କ ପାଟି ଖୋଲିବାର ଉପାୟ ନାହିଁ। ଯିଏ ଆମପାଇଁ ପାଟି ଖୋଲିବା କଥା 'ବିଦ୍ୟୁତ ନିୟାମକ ଆୟୋଗ' ସିଏ କମ୍ପାନୀ ପଟୁଆ ସବୁବେଳେ। ଉପଭକ୍ତାଙ୍କ ସ୍ୱାର୍ଥ କିଏ ଦେଖୁଛି ?

ଏତେକଥା କହିବାର ଉଦ୍ଦେଶ୍ୟ ହେଲା- ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲକୁ ଯିବା ଯା ଭିତରେ ୮ ବର୍ଷ ବିତିଗଲାଣି। ୧୨ ମାର୍ଚ୍ଚ ୨୦୧୮ରେ ଯାଇଥିଲା ଟ୍ରିବ୍ୟୁନାଲକୁ। ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୧୩ରେ ସରୁଛି। ଅବଧି ବୃଦ୍ଧି ପାଇଁ ସରକାରଙ୍କ ତରଫରୁ ଆବେଦନ କରାଯାଇଛି। ଯୁକ୍ତି ଦର୍ଶାଇଛି-୯ ମାସ ଧରି ଟ୍ରିବ୍ୟୁନାଲର ଅଧକ୍ଷ ପଦ ଖାଲି ପଡିଥିବାରୁ ଟ୍ରିବ୍ୟୁନାଲ କାର୍ଯ୍ୟରେ ଅଗ୍ରଗତି ହୋଇପାରିନାହିଁ। ତେଣୁ ଆମକୁ ଆହୁରି ଏକବର୍ଷ ଦରକାର।

ଆଶା କରାଯାଉଥିଲା, ଟ୍ରିପୁଲ୍ ଇଞ୍ଜିନ ସରକାର ଥିବାରୁ ମହାନଦୀ ଜଳ ବିବାଦ ଚୁଟ୍‌କିରେ ସମାଧାନ ହୋଇଯିବ। ବିଜେପି ମଧ୍ୟ ସେତେବେଳେ କହୁଥିଲା- ଟ୍ରିବ୍ୟୁନାଲକୁ ଯିବାର କୌଣସି ଆବଶକତା ନଥିଲା। ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ହୋଇପାରିଥାନ୍ତା। ଏବେ ଆପୋସ ଆଲୋଚନା ପାଇଁ ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ଦୁଇଟି ବୈଠକ ସରିଲାଣି। ଆଉ କେତୋଟି ବୈଠକ ବସିବ ସେକଥା ଜଣାନାହିଁ! ଟ୍ରିବ୍ୟୁନାଲ ଠାରୁ ଯଦି ଆପୋସ ସମାଧାନ ଅଧିକ ସମୟ ନେଲା ତାହାଲେ ଟ୍ରିପୁଲ୍ ଇଞ୍ଜିନ ଥାଇ ଲାଭ କ'ଣ ?

# ରାଜା ମିଛ କହିଲେ ବାଘ ଡରିଯାଏ

ଆମ ଦେଶର ନେତା, ବିଶେଷ କରି କ୍ଷମତାସୀନ ଦଳର ନେତାମାନେ ଯେଉଁଧରଣର ମିଛ କୁହନ୍ତି ସେମିତି ଯଦି ସାଧାରଣ ଲୋକଟିଏ କୁହେ ତେବେ ତା' ମୁହଁକୁ ଯେ ଲୋକେ ଛେପ ପକାଇବେ ଏପରି ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ । ଆପଣମାନେ ମନେପକାନ୍ତୁ, ନିର୍ବାଚନ ପୂର୍ବରୁ ନେତାମାନେ କ'ଣ କୁହନ୍ତି? ଆଉ ତା'ପରେ ହୁଏ କ'ଣ? ହେଲେ ବିଧିର କି ବିଡମ୍ବନା ଆମ ଲୋକମାନେ ସାଧାରଣ ଲୋକଟିକୁ ଏଇ ମିଥ୍ୟାବାଦିତା ପାଇଁ ଗଳାଧକ୍କା ଦେଉଥିବା ବେଳେ ନେତାଙ୍କୁ ଡାକି ତାଙ୍କ ଗଳାରେ ଗଜରାମାଳ ପିନ୍ଧାନ୍ତି । ତାଙ୍କର ପଦଲେହନ କରନ୍ତି ।

ଏଇ ପରିପ୍ରେକ୍ଷୀରେ ଆସନ୍ତୁ ସାଧାରଣ ଲୋକଙ୍କର ଏହି ପକ୍ଷପାତିତା ଉପରେ ଆଲୋକପାତ କରିବା ।

ସାହିର କିଛି ଯୁବକ ସ୍ଥାନୀୟ ଜଣେ ଧନୀ ବ୍ୟକ୍ତିଙ୍କ ଘରକୁ ବାତ୍ୟା ବିଧ୍ୱସ୍ତ ସ୍କୁଲ୍ ଘରର ମରାମତି ଚାନ୍ଦା ମାଗିବାକୁ ଯାଇଥିବା ବେଳେ ସେ କରୁଣ ସ୍ୱରରେ କହିଲେ- ମୋର ଆର୍ଥିକ ଅବସ୍ଥା ଅତି ଖରାପ । ଏବେ ରୋଜଗାର ପ୍ରାୟ ଶୂନ । ପୁଅ ଟଙ୍କାଟିଏ ପଠାଉନି । ଆମ ପକ୍ଷେ ବଞ୍ଚିବା ମୁସ୍କିଲ୍ । ତେଣୁ ସ୍କୁଲ୍ ଘର ମରାମତି ଚାନ୍ଦା ଦେବା ମୋ' ପକ୍ଷରେ ସମ୍ଭବ ନୁହେଁ ।

କିନ୍ତୁ ପରେ ଦେଖାଗଲା ଯେ ଯେଉଁ ସମୟରେ ସେ ଏକଥା କହିଥିଲେ ସେଇ ସମୟରେ ହିଁ ତାଙ୍କର ନୂଆ କାର୍‌ଟିଏ କିଣା ହୋଇଛି । ଆଉ ଗୋଟିଏ ଜାଗା କିଣିବା ପାଇଁ ଟଙ୍କା ଆଡ୍‌ଭାନ୍ସ ଦିଆଯାଇଛି । ସ୍ୱାମୀ-ସ୍ତ୍ରୀ ଗ୍ରୀଷ୍ମକାଳିନ ଭ୍ରମଣ ଲାଗି ସିମଲା ଯିବାର ଯୋଗାଡ଼ରେ ଅଛନ୍ତି ।

ଉପରୋକ୍ତ କଥା ଜଣାପଡ଼ିବା ପରେ ଏଇ ବ୍ୟକ୍ତି ସାହି ପିଲାଙ୍କଠାରୁ କୌଣସି ପ୍ରକାର ସାହାଯ୍ୟ ମାଗିଲେ ପାଇବେ କି? ବୋଧେ ପାଇବେନି । ବୋଧେ କାହିଁକି, ଆଦୌ ପାଇବେନି । ପାଇବା ଉଚିତ୍ ମଧ ନୁହେଁ । ମୁଁ କିଛି ଭୁଲ୍ କହିଲି? କିନ୍ତୁ ଦର ବୃଦ୍ଧି ବାବଦରେ କଞ୍ଚା ମିଛ କହି କ୍ଷମତା ଦଖଲ ଦିନଠାରୁ ଦର ବଢ଼େଇ ବଢ଼େଇ ଲୋକଙ୍କୁ କାଙ୍ଗାଳ କରୁଥିବା ବିଭିନ୍ନ ଦଳର ନେତା ଏବଂ ତାଙ୍କ ଦଳର ବଡ଼ପଣ୍ଡାମାନେ ଲୋକେ ଭଲରେ ଅଛନ୍ତି କହି ଦାନ୍ତ ଦେଖାଇ ଯେତେବେଳେ ଭୋଟ ମାଗିବାକୁ ଆସିବେ ସେତେବେଳେ ଲୋକେ ହସି ହସି ତାଙ୍କୁ ସ୍ୱାଗତ କରି ମୁକ୍ତ ହସ୍ତରେ ଭୋଟ୍ ଦେବେ । ନୋଟ୍ ତ ସେମାନେ ଆଗରୁ ପାଇସାରିଛନ୍ତି ।

> **ଯେଉଁମାନେ ଏହି ଡକାୟତଙ୍କୁ ପିଟିପିଟି ମାରିଦେଲେ ସେମାନଙ୍କ ଟଙ୍କା ଡକାୟତମାନେ ଲୁଟିନଥିଲେ କି ସେମାନଙ୍କ ଆତ୍ମୀୟଙ୍କୁ ହତ୍ୟା କରିନଥିଲେ । ଡକାୟତି ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ହୋଇଥିବାରୁ ସେ ଟଙ୍କା ହୁଏତ ସରକାର ଭରଣା କରିଥାନ୍ତେ, ତଥାପି ଡକାୟତମାନେ ସରକାରୀ ଟଙ୍କା ଲୁଟି ନେଉଛନ୍ତି ଭାବି ଲୋକେ ଆଇନ୍‌କୁ ହାତକୁ ନେବାକୁ ପଛାଇଲେ ନାହିଁ । କିନ୍ତୁ ଏଇମାନେ ହିଁ ହୁଏତ ଡକାୟତଙ୍କଠାରୁ ବହୁଗୁଣ ସରକାରୀ ଟଙ୍କା ଲୁଟି ଥିବା ନେତାଙ୍କୁ ସେମାନଙ୍କ ଅଞ୍ଚଳର ଉତ୍ସବ ଅନୁଷ୍ଠାନକୁ ମୁଖ୍ୟ ଅତିଥି କରି ଡାକୁଥିବେ । ବଡ଼ ଅଜବ ଏ ଜନତା ! ଚୋରକୁ ଧରି ପିଟିବେ, କିନ୍ତୁ ଦେଶକୁ ଲୁଟୁଥିବା ନେତାଙ୍କ ପାଦ ଚାଟିବେ, ତାଙ୍କୁ ଫୁଲମାଳ ପିନ୍ଧାଇବେ !**

ବେଶ୍ କିଛିବର୍ଷ ତଳର କଥା । ବିହାରର ବକ୍ସର ଜିଲ୍ଲାର ଚୌସାସ୍ଥିତ ଷ୍ଟେଟ୍‌ବ୍ୟାଙ୍କ ଶାଖାର ସିକ୍ୟୁରିଟି ଗାର୍ଡକୁ ହତ୍ୟା କରି ସେଠାରୁ ଟଙ୍କା ଲୁଟି ପଳାଇ ଯାଉଥିବା ଚାରିଜଣ ଡକାୟତ ଲୋକଙ୍କ ହାତରେ ଧରାପଡ଼ିଗଲେ । ଏବେ ଆଉ ଯାଆନ୍ତି କୁଆଡ଼େ ! ହେଲା ନିସ୍ତୁକ ପ୍ରହାର । ପୋଲିସ ଡକାୟତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଲାବେଳକୁ ସେମାନେ ସ୍ୱର୍ଗାରୋହଣ କରିସାରିଥିଲେ ।

ଯେଉଁମାନେ ଏହି ଡକାୟତଙ୍କୁ ପିଟିପିଟି ମାରିଦେଲେ ସେମାନଙ୍କ ଟଙ୍କା ଡକାୟତମାନେ ଲୁଟିନଥିଲେ କି ସେମାନଙ୍କ ଆତ୍ମୀୟଙ୍କୁ ହତ୍ୟା କରିନଥିଲେ । ଡକାୟତି ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ହୋଇଥିବାରୁ ସେ ଟଙ୍କା ହୁଏତ ସରକାର ଭରଣା କରିଥାନ୍ତେ, ତଥାପି ଡକାୟତମାନେ ସରକାରୀ ଟଙ୍କା ଲୁଟି ନେଉଛନ୍ତି ଭାବି ଲୋକେ ଆଇନ୍‌କୁ ହାତକୁ ନେବାକୁ ପଛାଇଲେ ନାହିଁ । କିନ୍ତୁ ଏଇମାନେ ହିଁ ହୁଏତ ଡକାୟତଙ୍କଠାରୁ ବହୁଗୁଣ ସରକାରୀ ଟଙ୍କା ଲୁଟି ଥିବା ନେତାଙ୍କୁ ସେମାନଙ୍କ ଅଞ୍ଚଳର ଉତ୍ସବ ଅନୁଷ୍ଠାନକୁ ମୁଖ୍ୟ ଅତିଥି କରି ଡାକୁଥିବେ । ବଡ଼ ଅଜବ ଏ ଜନତା ! ଚୋରକୁ ଧରି ପିଟିବେ, କିନ୍ତୁ ଦେଶକୁ ଲୁଟୁଥିବା ନେତାଙ୍କ ପାଦ ଚାଟିବେ, ତାଙ୍କୁ ଫୁଲମାଳ ପିନ୍ଧାଇବେ !

ଆପଣ ଆଜି କହିଲେ 'କ' ବାବୁ ଭଲ ଲୋକ, 'ଖ'ବାବୁଟା ଚୋର । କାଲି କହିଲେ- ନାଇଁ ନାଇଁ 'କ'ବାବୁ ଶଳା ବଡ଼ ଚୋର, 'ଖ'ବାବୁ ଭଳି ଭଲଲୋକ କେହି ନାହାନ୍ତି । ସେ ଜଣେ ଦେଶପ୍ରେମୀ । ତା' ପରଦିନ କହିଲେ- 'କ' ଭଲ ନୁହେଁ କି 'ଖ' ବି ଭଲ ନୁହେଁ । ପୁଣି ଦୁଇଦିନ ଛାଡ଼ି କହିଲେ- 'କ' ଏବଂ 'ଖ' ଯାହା କରୁଛନ୍ତି ତାଙ୍କୁ ଖରାପ କୁହାଯାଇପାରିବନି । କାରଣ ଏମାନଙ୍କଠାରୁ 'ଗ' ଆହୁରି ଖରାପ । ଏକଥା କହିବାର ପରଦିନ ହୁଏତ କହିଲେ- ପରିସ୍ଥିତି ଦୃଷ୍ଟିରୁ ମୁଁ 'ଗ'କୁ ଖରାପ କହିଥିଲି । ଅସଲରେ 'ଗ' ହିଁ ଭଲ । ସେ ପ୍ରକୃତରେ ଜଣେ ନିରପେକ୍ଷ ବ୍ୟକ୍ତି । ତେବେ ହିଁ, 'କ' ଯାହା କରୁଛି 'ଗ' ଯଦି ସେ କାମ କରେ ତା'ହେଲେ ମୁଁ ବାଧ ହୋଇ 'ଖ' ସହିତ ହାତ ମିଳାଇବି ।

ଆପଣଙ୍କର ଏଇଧରଣର କଥା ଶୁଣିଲେ ଲୋକେ କ'ଣ କହିବେ? ହୁଏତ କହିବେ ଏଇଟା ବିଶୁଦ୍ଧ ପାଗଳ, ନହେଲେ କହିବେ- ସ୍ୱାର୍ଥସିଦ୍ଧି ପାଇଁ ଏଇ ଶଳା ବିଷ୍ଠା ବି ଖାଇଦେବ ।

କିନ୍ତୁ ଏମିତି କଥା, ଏମିତି କାମ କ'ଣ ଆମ ନେତାମାନେ ପ୍ରତିଦିନ କରୁନାହାନ୍ତି ନା କହୁନାହାନ୍ତି? ମେଣ୍ଟ ଗଠନ କରି କ୍ଷମତା ସୁଆଦ ଚାଖିବା ପାଇଁ ଏମାନେ ଚରମ ଶତ୍ରୁକୁ ମଧ ପରମ ମିତ୍ର କହୁଛନ୍ତି । କ୍ଷମତା ଏବଂ ଅର୍ଥପ୍ରାପ୍ତି ଆଶାରେ ଆବଶ୍ୟକ ପଡ଼ିଲେ ଅମେଧଭାଣ୍ଡ ମୁଣ୍ଡାଇବାକୁ ହୁଏତ ପଛାଉ ନାହାନ୍ତି । ହେଲେ ଏମାନଙ୍କର ଏ ଅଚାରଣ ଦେଖି କେହି କେବେ ଭାବୁଛି ଏମାନେ ସ୍ୱାର୍ଥସିଦ୍ଧି ଲାଗି ଏପରି କରୁଛନ୍ତି? ଲୋକେ ଭାବୁଛନ୍ତି ଏ ନେତାମାନେ ଲୋକଙ୍କ ଉପକାର ପାଇଁ, ଗଣତନ୍ତ୍ରର ସୁରକ୍ଷା ପାଇଁ, ଦେଶର ହିତ ପାଇଁ, ଦେଶର ଅଖଣ୍ଡତା ରକ୍ଷା କରିବା ପାଇଁ ଏପରି କରୁଛନ୍ତି, କହୁଛନ୍ତି । ସାଧାରଣ ଲୋକଟିଏ ନିଜର ସ୍ୱାର୍ଥ ସିଦ୍ଧି ପାଇଁ ନକରିବା କାମ କଲା ଭଳି ଘଟଣା, ଏହା ଆଦୌ ନୁହେଁ । ତେଣୁ ନେତାର ଜୟଜୟକାର୍‌ରେ ଗଗନପବନ ମୁଖରିତ ହେଉଛି ।

ଆଉ ଗୋଟେ ଘଟଣା କହୁଛି । ପୂର୍ବତନ କ୍ରିକେଟ୍ କ୍ୟାପଟେନ ମହମ୍ମଦ ଆଝାରୁଦ୍ଦିନଙ୍କ ବିରୋଧରେ ୨୦୦୦ ମସିହାରେ ମ୍ୟାଚ୍ ଫିକ୍ସିଂ ଅଭିଯୋଗ ହୋଇଥିଲା । ସିବିଆଇ ଏ ବାବଦରେ ରିପୋର୍ଟ ଦେବା ପରେ ଆଝାରୁଦ୍ଦିନଙ୍କୁ କ୍ରିକେଟ୍‌ରୁ ଆଜୀବନ ବାସନ୍ତ କରାଯାଇଥିଲା । କିନ୍ତୁ ପରେ କଂଗ୍ରେସ ଅତି ଶ୍ରଦ୍ଧାରେ ତାଙ୍କୁ କୋଳେଇ ନେଇଥିଲା । କଂଗ୍ରେସରେ ଯୋଗଦେବା ପରେ ଆଝାରୁଦ୍ଦିନ କହିଥିଲେ ମୁଁ ଚିରକାଳ ଜଣେ କଂଗ୍ରେସର ପ୍ରଶଂସକ । କଂଗ୍ରେସ ଦେଶର ସ୍ୱାଧୀନତା ପାଇଁ ଲଢ଼ିଥିଲା । ତେଣୁ କଂଗ୍ରେସରେ ଯୋଗଦେଇ ଦେଶକୁ କିଛି ଦେବାକୁ ଚାହେଁ ।

ଯଦି ଜଣେ ଦେଶକୁ କିଛି ଦେବାକୁ ଚାହୁଁଛି ତେବେ ସିଏ ମ୍ୟାଚ୍ ଫିକ୍ସିଂରେ ଟଙ୍କା ନେଇ ବାସନ୍ଦ ହୋଇଥିଲା କାହିଁକି?

ଶରଦ ପାୱାରଙ୍କ ପୁତୁରା ଅଜିତ୍ ପାୱାରଙ୍କ ନାଁରେ ହଜାର ହଜାର କୋଟ ଟଙ୍କା ଚଳୁ କରିଥିବା ଅଭିଯୋଗ ହୋଇଥିଲା । ତାଙ୍କୁ ଜେଲରେ ପୂରେଇବେ ବୋଲି କ୍ଷମତାସୀନ ଦଳର ସର୍ବୋଚ୍ଚ ନେତା ଗଳାଫଟାଇ ଘୋଷଣା କରିଥିଲେ । କିନ୍ତୁ ଅଜିତ ପାୱାର ଏହି ଘୋଷଣା କରିଥିବା ନେତାଙ୍କ ଦଳରେ ଯୋଗଦେବା ପରେ ତାଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ମିଳିଲା ।

ସତରେ, ଏତେ ବଦନାମ ସତ୍ତ୍ୱେ ଲୋକେ ନେତାଙ୍କୁ କାହିଁକି ଭଲ ପାଆନ୍ତି ଏ ରହସ୍ୟ ମୁଁ ଭେଦ କରିପାରିନାହିଁ । ତେବେ ଆଶିଂକ ଭାବେ ଯାହା ଜାଣିଛି ତାହା ହେଲା, ଆମ ଦେଶରେ ବଡ଼ କଥାକୁ ସମସ୍ତଙ୍କର ଭାରି ପସନ୍ଦ । ଏ କ୍ଷେତ୍ରରେ ସମସ୍ତଙ୍କ ଆଗରେ ସରକାର । ଆପଣ ରାଗ ମୁଣ୍ଡରେ ଯଦି ଜଣକୁ ଚାବଡାଟିଏ ମାରିଲେ ତା'ହେଲେ ଆପଣଙ୍କ ନାଁରେ କେଶ୍ ହୋଇପାରେ । ଆପଣଙ୍କୁ ଜେଲ୍, ଜରିମାନା ବି ହୋଇପାରେ । କିନ୍ତୁ ରାଜନୀତିରେ ସମସ୍ତଙ୍କ ଆଗରେ ଏକାଧିକ ଲୋକଙ୍କୁ ହତ୍ୟା କରି ଆତଙ୍କ ସୃଷ୍ଟି କରିଥିବା ଅପରାଧୀକୁ ଅଲୋଚନା ପାଇଁ ଡକାଯାଇପାରେ, ତା'ର ଥଇଥାନ ବ୍ୟବସ୍ଥା କରାଯାଇପାରେ, ତା' ପାଇଁ ପ୍ୟାକେଜ ଘୋଷଣା ହୋଇପାରେ ଏବଂ ବ୍ୟାଙ୍କ ଋଣ ବି ମିଳିପାରେ । ଶେଷରେ ସେ ଯେଉଁପଟକୁ ଢଳିବ ସେଇ ପାର୍ଟିର ଟିକେଟ ମଧ ମିଳିପାରେ । ଏମ୍‌ପି, ଏମ୍ଏଲ୍ଏ ହୋଇପାରେ । ଦସ୍ୟୁରାଣୀ ଫୁଲନଦେବୀଙ୍କ କଥା ଟିକେ ମନେପକାନ୍ତୁ ।

ଯିଏ ସବୁକିଛି କରିପାରେ ସିଏ ନେତା ଯିଏ କିଛି କରିପାରେନି, କଲେ ଧରାପଡ଼ିଯାଏ ସେ ଜନତା । ଏଇ କାରଣରୁ ମିଛୁଆ ରାଧୁଆ ଗଳ୍ପ ଆମ ଦେଶରେ ଖୁବ୍ ଲୋକପ୍ରିୟ । ମିଛୁଆ ରାଜା ବାବଦରେ ସେମିତି କିଛି କାହାଣୀ ନାହିଁ, ତେଣୁ ରାଧୁଆ ଯେବେ ମିଛ କୁହେ ତାକୁ ବାଘ ଖାଇଯାଏ । ରାଜା ମିଛ କହିଲେ ବାଘ ଡରିଯାଏ ।


ମିଛ କହୁଥିବା ଲୋକ ଦିନେ ନା ଦିନେ ଖାଲରେ ପଡ଼େ
ସତ କହିବାକୁ କିଆଁ ଡରିବି
ଅମ୍ବିକା ପ୍ରସାଦ ଦାସ
ମିଛ କହି ଲୋକଙ୍କୁ ବୋକା ବନାଉଥିବା ନେତା ଦିନେ ନା ଦିନେ ଖାଲରେ ପଡୁଥିବା ଭଳି ବ୍ୟବସ୍ଥାକୁ ବିଗାଡୁଥିବା ଉପର ବର୍ଣ୍ଣିତ ବ୍ୟକ୍ତିବିଶେଷଙ୍କର 'ଅଧର୍ମ ବିତ୍ତ, ବଢ଼େ ବହୁତ ଗଲାବେଳେ ଯାଏ ମୂଳ ସହିତ' ଭଳି ଯେତେବେଳେ ସବୁକିଛି ଚାଲିଯାଏ ତା'ର ତ ପତନ ହୁଏ କିନ୍ତୁ ସେତେବେଳକୁ ବ୍ୟବସ୍ଥା ଅନେକଟା ବିଗିଡ଼ିଯାଇଥାଏ ଓ ଅନେକଙ୍କୁ ନାନାପ୍ରକାରର କ୍ଷତି ସହିବାକୁ ପଡ଼ିଥାଏ ।

ମହାଶୟ,

ସତ କେବେ ଲୁଚି ରହେନା । ସତ କହିବାକୁ କିଆଁ ଡରିବ । ସତ କହି ପଛେ ମଲେ ମରିବି । ସମସାମୟିକ ଲେଖା ପାଇଁ ଧନ୍ୟବାଦ୍ । ଆପଣ ଲେଖିଚାଲନ୍ତୁ।

**ନୀଳମୋହନ ତ୍ରିପାଠୀ**, ଅବସରପ୍ରାପ୍ତ ପୋଲିସ ଅଧିକାରୀ, ଭୁବନେଶ୍ୱର

ମହାଶୟ,

ପ୍ରଣାମ ଭାଇ । ଅଗ୍ରଣୀ ଖବରକାଗଜ 'ଓଡ଼ିଶା ଏକ୍ସପ୍ରେସ' ପୃଷ୍ଠାରୁ 'ମିଛ କହୁଥିବା ଲୋକ ଦିନେ ନା ଦିନେ ଖାଲରେ ପଡ଼େ' ଆଲେଖ୍ୟଟିକୁ ପାଠକଲି ଖୁବ୍ ଆକର୍ଷଣୀୟ ଓ ମନକୁ ଛୁଇଁଲା । ନିହାତି ସତ୍ୟ ଘଟଣାକୁ ଲୋକଲୋଚନକୁ ଆଣିଛନ୍ତି । ମିଛୁଆ ଖଚୁଆଙ୍କ ବହପ ବହୁତ ଅନ୍ୟମାନଙ୍କୁ ଡରେଇ ଧମକେଇ ରଖିବାକୁ ବହୁ ଚେଷ୍ଟା କରନ୍ତି କିନ୍ତୁ ଭିତରେ ସେମାନେ ଭାରି ଭୟଭୀତ ଓ ଅସୁରକ୍ଷିତ ଥା'ନ୍ତି କାରଣ ସେମାନଙ୍କୁ ଜଣାଯାଏ ସତ୍ୟ କେବେ ନା କେବେ ପରିପ୍ରକାଶ ହେବ ତାହା ପୁଣି ସମସ୍ତଙ୍କ ସମ୍ମୁଖରେ । ଏହି ଖଳ ପ୍ରକୃତିର ଲୋକମାନେ ଖାଲରେ ପଡ଼ିଲା ବେଳକୁ ସମାଜର ବହୁ କ୍ଷତି ଘଟାଇ ସାରିଥାନ୍ତି । ସମୟ ସ୍ରୋତରେ ଅନେକ ଲୋକ ମିଛୁଆଙ୍କ ପତନ ଦେଖିପାରନ୍ତି ନାହିଁ । କେତେକ ଭାଗ୍ୟବାନ ଲୋକ ତାଙ୍କ ଜୀବଦଶାରେ ଏହି ମିଛୁଆଙ୍କ ପତନ ଦେଖିପାରନ୍ତି । ମିଛୁଆର ବହୁତ ସହଯୋଗୀ ଥା'ନ୍ତି କିନ୍ତୁ ପ୍ରଭୁଙ୍କୁ ଆଶ୍ରା କରି ସତ୍ୟ ଏକା ହିଁ ଥାଏ ।

**ବୀଣାପାଣି ଚୌଧୁରୀ**, ଭୁବନେଶ୍ୱର

ମହାଶୟ,

ମିଛ କହୁଥିବା ଲୋକ ଦିନେ ନା ଦିନେ ଖାଲରେ ପଡେ, ଏହା ସତ୍ୟ । କିନ୍ତୁ ଟିକିଏ ତଳେଇ କରି ଦେଖିଲେ, ଏପରି ଅନ୍ୟାୟ କାର୍ଯ୍ୟ କରୁଥିବା ଲୋକର ମଥା ଉପରେ କୌଣସି ବଡ ବଡିଆଙ୍କ ଆଶୀର୍ବାଦର ହାତ ଥିବାର ଜଣାପଡ଼େ । ଏହି ଆଶୀର୍ବାଦ ସ୍ୱତଃସ୍ଫୁର୍ତ୍ତ ନୁହେଁ, ବରଂ ଏହାକୁ ହାତେଇବା ପାଇଁ ସଂପୃକ୍ତ ବ୍ୟକ୍ତିଙ୍କୁ ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣର ଭରପୂର ପ୍ରୟୋଗ କରିବାକୁ ପଡ଼ିଥାଏ । ଏଭଳି ଲୋକ ନେତାଙ୍କ ମନ ଜିଣିବା ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ । ଫଳ ସ୍ୱରୂପ ସେମାନଙ୍କର ଚରିତ୍ର ପଞ୍ଜିକା ସର୍ବୋତ୍ତମ ଥାଏ ଓ ବଡ ବଡ ପଦବୀ ପାଇଁ ସେମାନଙ୍କର ନାମ ସୁପାରିସ ହୁଏ । ଅଧିକାଂଶ ସମୟରେ ଏଇଭଳି ଲାଞ୍ଚୁଆ, ମିଛୁଆ ଓ ଅବିବେକି ଲୋକଙ୍କ ପାପ ପାଇଁ ନେତା ବଦନାମ ହୋଇଥାନ୍ତି । କିନ୍ତୁ ଯେତେ ଯାହା ହେଲେ ବି ନେତା ଏମାନଙ୍କୁ ଛାଡ଼ି ପାରନ୍ତି ନାହିଁ, କାରଣ ଏମାନଙ୍କ ବିନା ନେତା ଅଚଳ ।

**କୈଳାସ ଚନ୍ଦ୍ର ସାମନ୍ତରାୟ**, ଅନ୍ତେଇ,ପାଟକୁରା

ମହାଶୟ,

ନିବନ୍ଧଟି ବହୁତ ସୁନ୍ଦର ହୋଇଛି

**ପ୍ରିୟଦର୍ଶନ ଦାସ**, ଭୁବନେଶ୍ୱର

ମହାଶୟ,

ଆପଣଙ୍କ ଦ୍ୱାରା ପ୍ରକାଶିତ ମିଛ କହୁଥିବା ଲୋକ ଦିନେ ନା ଦିନେ ଖାଲରେ ପଡିଥାଏ ଖୁବ୍ ସୁନ୍ଦର ହୋଇଛି । ବର୍ତ୍ତମାନ ସମାଜରେ ଏହା ବହୁତ ପରିମାଣରେ ବ୍ୟାପ୍ତ । ଅଧର୍ମ ବିତ ବଢେ ବହୁତ ଗଲାବେଳେ ଯାଏ ମୂଳ ସହିତ । ବହୁତ ସୁନ୍ଦର ଯୁଗ ଉପଯୋଗୀ । ଆମର ବହୁତ ଅସାଧୁ କର୍ମଚାରୀ, ଏହା ମଧ୍ୟରେ ଗଦା ଗଦା, ଅମାପ ସମ୍ପତ୍ତିର ଅଧିକାରୀ ଥିଲେ । ଯେଉଁମାନେ ଧରାପଡିଛନ୍ତି ତାଙ୍କର ଦୟନୀୟ ଅବସ୍ଥା ଦେଖିବାକୁ ମିଳେ ।

ଆମର ଲୋକ ପ୍ରତିନିଧିମାନେ, କ୍ଷମତା ପାଇଁ ଯେଉଁମାନେ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଇ ନିର୍ବାଚନରେ ଜୟଲାଭ କରିଥାନ୍ତି ପରବର୍ତ୍ତୀ ଅବସ୍ଥାରେ ଲୋକେ ତାଙ୍କୁ ଅନେକ ସମୟରେ ପ୍ରତ୍ୟାଖ୍ୟାନ କରିବା ଦେଖାଯାଏ । ବର୍ତ୍ତମାନ ସମାଜ, ବହୁ ବ୍ୟକ୍ତି, ଅର୍ଥ, ପ୍ରତିପତ୍ତି, ପରିବାର, ମିଥ୍ୟା ପ୍ରଚାରରେ ବ୍ୟସ୍ତ । ନିଜକୁ ବଡ ବୋଲି ପ୍ରକାଶ କରିବାରେ ବ୍ୟସ୍ତ. ଯାହା ଆମେ ଦେଖିବାକୁ ମିଳେ । କିନ୍ତୁ ଈଶ୍ୱର ସତ କର୍ମ, ସତ ଚିନ୍ତା, ସରଳ ଚଳନୀ ଲୋକଙ୍କୁ ସର୍ବଦା ସହାୟତା ଦିଅନ୍ତି । ପଥ ପ୍ରଦର୍ଶକ ହୁଅନ୍ତି । ଯୁବକମାନଙ୍କୁ ଏହି ବିଷୟରେ ସଚେତନ କଲେ ଆମେ ବିକଶିତ ରାଜ୍ୟ, ବିକଶିତ ଦେଶ ଗଠନରେ ଏହା ସାହାଯ୍ୟ କରିବ । କାଳକ୍ରମେ ସଂସାର ନିର୍ମଳ ହୋଇପାରିବ । 'ଓଡିଶା ଏକ୍ସପ୍ରେସ' ଏହିପରି ଅନୁଭୂତି ସମ୍ପନ୍ନ ଲେଖା ପ୍ରକାଶ କରୁଥିବାରୁ ଧନ୍ୟବାଦ ।

**କୃପାନିଧି ବିଶ୍ୱାଳ**, ଭୁବନେଶ୍ୱର

# ନିଜ ହୃତ୍‌ଗୌରବ ଫେରାଇଆଣିବା ପାଇଁ ହୁଅ ତତ୍ପର



**ଟିଙ୍କି ମହାକାଳି ଚକ୍ଲି**

**ସମରେନ୍ଦ୍ର ବଳିଆରସିଂହ**

କ୍ଷୟାଯାଏ, ବୟସ କେବଳ ଏକ ସଂଖ୍ୟା ବା ନମ୍ବର । ସେଇ ସଂଖ୍ୟାର ପରିମାପକରେ ମାପିଲେ ବଢୁଥିବା ବୟସର ପ୍ରଭାବ ବେଶି ବେଶି ଜଣାପଡ଼େ । ତେବେ ବୟସକୁ ପରୱା ନ କରି ଆଗେଇଚାଲିଲେ, କର୍ମ କରି ଚାଲିଲେ ମଣିଷ ଜୀବନ ସାର୍ଥକ ହୁଏ। କର୍ମଠ, କର୍ମଚଞ୍ଚଳ ଆଳସ୍ୟହୀନ ଜୀବନ ମଣିଷକୁ ସୁସ୍ଥ ରଖେ, ଦୀର୍ଘାୟୁ କରେ । ବୟସ ସେମାନଙ୍କ ପାଖରେ ହାର୍ ମାନିଯାଏ । ମୁରଲୀ ସାର୍ ସେଇଭଳି ଜଣେ ମଣିଷ ଥିଲେ, ଯାହାଙ୍କ ପାଖରେ ବୟସ ହାର୍ ମାନିଥିଲା । ସେ ଆଉ ଆମ ଗହଣରେ ନାହାନ୍ତି ସତ, କିନ୍ତୁ ତାଙ୍କର ସେଇ କର୍ମଠପଣ ସବୁବେଳେ ମନେରହିବ । ୨୦୧୮ ଜାନୁଆରୀ ୨୧ ତାରିଖରେ ଆମ ଗହଣରୁ ବିଦାୟ ନେଇଥିଲେ ମୁରଲୀ ସାର୍। ହେଲେ ସଂଗ୍ରାମୀ କ'ଣ ମରେ!

୧୯୧୯ ମସିହା ଡିସେମ୍ବର ୪ ତାରିଖରେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ଅନ୍ତର୍ଗତ ତଳକ୍ଷେତା ଗାଁରେ ଜନ୍ମଗ୍ରହଣ କରିଥିବା ମୁରଲୀ ସାର୍ ମା' ପେଟରୁ ହିଁ ବାପଛେଉଣ୍ଡ ହୋଇଯାଇଥିଲେ । ଦାରିଦ୍ର୍ୟର ତୀବ୍ର କଷାଘାତରେ ଜର୍ଜରିତ ହୋଇ ପାଠ ପଢିଥିଲେ । ଭଲ ବି ପଢୁଥିଲେ । ଗାଁ ନିମ୍ନ ପ୍ରାଥମିକ ସ୍କୁଲ, ଯାଆଁଳା ମାଇନର ସ୍କୁଲ, ଭିଙ୍ଗାରପୁର ହାଇସ୍କୁଲ ପରେ ସେ ପଢିଲେ ରେଭେନ୍ସାରେ । ସେଠାରେ ସେ ଉତ୍କଳଗୌରବ ମଧୁସୂଦନଙ୍କ ଘନିଷ୍ଠ ସହଯୋଗୀ ନନ୍ଦଲାଲ ପୃଷ୍ଟିଙ୍କ ପ୍ରିୟଭାଜନ ହୋଇଥିଲେ । ତାଙ୍କର ଆର୍ଥିକ ସ୍ଥିତି ସମ୍ପର୍କରେ ଜାଣି ନନ୍ଦଲାଲ ବାବୁ ତାଙ୍କୁ ନିଜ ମେସରେ ମାଗଣାରେ ରଖାଇଥିଲେ । ସେତେବେଳେ ରେଭେନ୍ସା କଲେଜର ଅଧକ୍ଷ ଥା'ନ୍ତି ବିଶିଷ୍ଟ ଶିକ୍ଷାବିତ୍ ତଥା ଖ୍ୟାତନାମା ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା । ସେ ମୁରଲୀଙ୍କ ପାଠପଢା, ବୁଦ୍ଧିମତା ତଥା କଥୋପକଥନରେ ମୁଗ୍ଧ ହୋଇ ତାଙ୍କ ଫିସ୍‌ଛାଡ଼ କରାଇଦେଇଥିଲେ । ଆଇ.ଏ. ପଢୁଥିବା ବେଳେ ସେ ସାମିଲ ହୋଇଗଲେ ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ । ଉକ୍ତବର୍ଷ କଟକ ମେଡିକାଲ ସ୍କୁଲ ପରିସରରେ ଗୋରାସାହେବ (ଏସ୍.ପି.) ହରଗ୍ରୀଭ୍‌ସଙ୍କ ଲାଠିମାଡ଼ ମଧ ସେ ଖାଇଥିଲେ । ସେଥିରେ ତାଙ୍କର ନଳିଗୋଡ଼ ଆଘାତପ୍ରାପ୍ତ ହୋଇଥିଲା। ଦେଶ ସ୍ୱାଧୀନ ହେଲା। ସାର୍ ଶିକ୍ଷକତା ବୃତିକୁ ଆଦରି ନେଲେ । ପିଚୁକୁଳି ମାଇନର ସ୍କୁଲ, ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ହାଇସ୍କୁଲ, ନିରାକାରପୁର କ୍ଷେତ୍ରବାସୀ ଏକାଡେମୀରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରି ଅନେକ ଭଲ ମଣିଷ ସୃଷ୍ଟି କରିଥିଲେ । ତାଙ୍କ ଶିକ୍ଷାଦାନ ପ୍ରଣାଳୀ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ବେଶ୍ ଗ୍ରହଣୀୟ ହୋଇପାରିଥିଲା। ସେତେବେଳେ। ଇତିମଧ୍ୟରେ ସେ ଘରୋଇ ଭାବେ ବି.ଏ., ଏମ୍.ଏ. ଓ ବି.ଇଡି. ପାସ୍ କରିଥିଲେ। ଏହାପରେ ତାଙ୍କର ପ୍ରବେଶ ହୋଇଥିଲା ସାରସ୍ୱତ ଜଗତକୁ । ୧୯୮୧ ମସିହାରେ ପ୍ରଧାନଶିକ୍ଷକ ପଦରୁ ଅବସର ନେବା ପରେ ତାଙ୍କ ସାଧନା ଆହୁରି ବିସ୍ତାରିତ ହେଲା । ପିଲାଙ୍କ ପାଇଁ ଲେଖା, ଗଳ୍ପ, ଉପନ୍ୟାସ, ଐତିହାସିକ ତଥ୍ୟ ସମ୍ବଳିତ ଗବେଷଣାତ୍ମକ ନିବନ୍ଧ... ସାହିତ୍ୟର ସବୁ ବିଭାଗରେ ସେ କଲମ ଚାଳନା କଲେ । ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ ସାମାଜିକ ଶିକ୍ଷା, ଦରିଆପାରିର ଆଠଟି ରତ୍ନ, ମର ଦେହେ ଅମର ମଣିଷ, ଜତୁଗୃହର ଜରଦ୍‌ଗବ, ନିର୍ବେଦର ବେଦଧ୍ୱନି, ଲାଲମାଟିର ସପ୍ତରଥୀ, କିଶୋର କୌମୁଦୀ, ଦୁଣ୍ଡୁଭର ବିଷଜ୍ୱାଳା, ଲାଲମାଟିର ସୌରଭ, ଅନ୍ୱେଷଣ, କେତେ ବ୍ୟଥା କେତେ ଗାଥା ଆଦି ଉଲ୍ଲେଖ୍ୟଯୋଗ୍ୟ ।

ସାରଙ୍କୁ ମୁଁ ପିଲାବେଳୁ ଜାଣିଥିଲି। ଯଦିଓ ତାଂକୁ ଦେଖିନଥିଲି, କିନ୍ତୁ ତାଙ୍କ ବହି ପଢିଥିଲି । ଆମେ ଗାଁରେ ଥିବା ବେଳେ ବାପା ସାରଙ୍କ ବହିସବୁ ଆଣନ୍ତି । ପିଲାବେଳୁ ତ ମୁଁ ଲେଖାଲେଖି ଆରମ୍ଭ କରିଦେଇଥାଏ । ତେଣୁ ବହି, ପତ୍ରିକା, ଖବରକାଗଜ ଥିଲା ମୋ ପାଇଁ ବିଶେଷ ଆଗ୍ରହର ଚିଜ। ସାରଙ୍କ 'ଦରିଆପାରିର ଆଠଟି ରତ୍ନ', 'ମରଦେହେ ଅମର ମଣିଷ' ଆଦି ବହି ମତେ ବେଶ୍ ପ୍ରଭାବିତ କରିପାରିଥିଲା। ଆମ ବ୍ୟକ୍ତିଗତ ପାଠାଗାରରେ ସେଇ ବହିଗୁଡ଼ିକୁ ମୁଁ ନମ୍ବରିଙ୍ଗ୍ କରି ଜୀବନୀ ପର୍ଯ୍ୟାୟରେ ସାଇତି ରଖିଥିଲି । ପିଲାବେଳେ ମୋତେ ବଡ଼ ବଡ଼ ଲୋକମାନଙ୍କ ଜୀବନୀ ପଢିବାକୁ ଭାରି ଭଲ ଲାଗୁଥିଲା। ଆଉ ମୁରଲୀ ସାରଙ୍କ ଜୀବନୀ ବହିଗୁଡ଼ିକ ମୋ ପଠନ ପିପାସା ଓ ଜିଜ୍ଞାସାକୁ ବେଶ୍ ଖାପ ଖାଉଥିଲା। ତଥ୍ୟ ଓ ଘଟଣାବଳିର ଉପସ୍ଥାପନା ସହ ସାବଳୀଳ ବର୍ଣ୍ଣନା ଯୋଗୁଁ ସାରଙ୍କ ଏଇସବୁ ବହିଗୁଡ଼ିକ ବିଶେଷ ଆଦୃତ ଓ ପ୍ରଶଂସିତ ହୋଇଥିଲା। ଏବେ ବି ସେଇ ବହିଗୁଡ଼ିକୁ ମୁଁ ବେଳେବେଳେ ପଢିଥାଏ। ଖୋର୍ଦ୍ଧାରେ ଆସି ରହିବା ପରେ ସାରଙ୍କ ସହ ଦେଖାସାକ୍ଷାତ ହେଲା। ବହିରେ ଯାହାଙ୍କ ନାଁ କିମ୍ବା ଫଟୋ ଦେଖି ମୁଁ ତାଙ୍କ ବ୍ୟକ୍ତିତ୍ୱର କଳ୍ପନା/କଳନା କରୁଥିଲି, ତାଙ୍କୁ ପାଖରେ ପାଇ ଆହୁରି ଖୁସି ଲାଗିଲା। ସାର୍ କେତେ ସରଳ, ଉଦାର। ଜ୍ଞାନ ବି ଭାରି ପ୍ରଖର। ତାଙ୍କ ଆତିଥେୟତା, ଆନ୍ତରିକତା ଓ ଆପଣାପଣ ଆଗରେ ମୁଣ୍ଡ ନଇଁଯାଏ। ସତରେ ପ୍ରାଣବନ୍ତ ପ୍ରେରଣାର ଉତ୍ସ ଥିଲେ ସାର୍। କଲେଜରେ ପଢୁଥିବା ବେଳେ ମଝିରେ ମଝିରେ ସାରଙ୍କ ପାଖକୁ ମୁଁ ଚାଲିଯାଏ । ଖୋର୍ଦ୍ଧା ଓ ଆଖପାଖ ଅଞ୍ଚଳର ଇତିହାସକୁ ନେଇ ସାର୍ ଯେଉଁ ଗବେଷଣାତ୍ମ ଲେଖାଗୁଡ଼ିକ ପ୍ରସ୍ତୁତ କରିଥାନ୍ତି, ସେଗୁଡ଼ିକ ପଢି ଶୁଣାନ୍ତି । ବିଭିନ୍ନ ସ୍ଥାନ ଭ୍ରମଣ କରି ଯେଉଁ ତଥ୍ୟ ସଂଗ୍ରହ କରିଥାନ୍ତି ଏବଂ ସେ ସଂପର୍କିତ ଦଲିଲ, ଦସ୍ତାବିଜ, ପୁସ୍ତକ, ପତ୍ରପତ୍ରିକାରୁ ଇତିହାସକୁ ଅନ୍ୱେଷଣ କର ସେ ପ୍ରବଂଧମାନ ପ୍ରସ୍ତୁତ କରିଥାନ୍ତି। ଯେହେତୁ ବାପା ମଧ ଇତିହାସର କଥା ଲେଖନ୍ତି ଏବଂ ସାରଙ୍କ ଭଳି ତଥ୍ୟ ସଂଗ୍ରହ ପାଇଁ ବହୁ କଷ୍ଟ କରନ୍ତି, ସେଥିପାଇଁ ସାର୍‌ଙ୍କ ସହ ଆମର ଭାବଗତ ସଂପର୍କ ଗଢିଉଠିଲା। ଯାହାଫଳରେ ସ୍ନେହରେ ସାର୍ ମତେ ନାତି ବୋଲି ସମ୍ବୋଧନ କରିବାକୁ ଲାଗିଲେ। ଅନେକ ସମୟରେ ଛପାହେବାକୁ ଥିବା ବହିର ପାଣ୍ଡୁଲିପି ଧରେଇ ଦେଇ କୁହନ୍ତି, ନାତିଆ! ପଢ଼ିକି ଟିକେ ମତାମତ ଦବ ।

ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ, ସାରସ୍ୱତ ସାଧନା, ସାହିତ୍ୟ ସଂଗଠନ, ଖୋର୍ଦ୍ଧାର ବିକାଶ, ସବୁକ୍ଷେତ୍ରରେ ସାରଙ୍କର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ । ତାଙ୍କ ମୁରବୀପଣରେ ଥାଏ ଭାରି ଆତ୍ମୀୟତା, ଆନ୍ତରିକତା। ପ୍ରଧାନଶିକ୍ଷକ ପଦରୁ ଅବସର ନେବାପରେ ସେ ଅବସର ଜୀବନକୁ ଆଳସ୍ୟ ବା ଗପସପରେ କାଟିନାହାନ୍ତି। ଖୋର୍ଦ୍ଧାର ଅନାଲୋଚିତ ଇତିହାସ ବାବଦରେ ଅଧିକରୁ ଅଧିକ ଗବେଷଣା କରିଛନ୍ତି । ୨୦୧୮ରେ ପାଇକ ବିଦ୍ରୋହର ଦୁଇଶହ ବର୍ଷ ପୂର୍ତ୍ତି ଓ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାକୁ ନେଇ ଯେଉଁ ପ୍ରୟାସ ଚାଲିଛି, ସେଥିପାଇଁ ଖୋର୍ଦ୍ଧା ଇତିହାସ ପ୍ରତି ତାଙ୍କର ଅବଦାନକୁ ସ୍ମରଣ କରିବାକୁ ପଡ଼ିବ । ଅନେକ ସମୟରେ ଲାଗେ, ତାଙ୍କ ଭଳି ବ୍ୟକ୍ତିଙ୍କୁ ଆମେ ଯଥେଷ୍ଟ ସମ୍ମାନ ଦେଇପାରିନାହୁଁ । ମନେପଡୁଚି, ପ୍ରଚାର, ପ୍ରସାରରୁ ଦୂରେଇ ରହିଥିବା ବହୁ ଅନାଲୋଚିତ ସାଧକଙ୍କ ସାକ୍ଷାତକାର ଓ ଜୀବନୀକୁ ସେତେବେଳେ ମୁଁ 'ଅନୁପମ ଭାରତ' ଖବରକାଗଜରେ ପ୍ରକାଶ କରୁଥାଏ । ସେଇ କ୍ରମରେ ମୁରଲୀ ସାରଙ୍କ ସଂପର୍କରେ ମୁଁ ଲେଖିଥିଲି 'ବୟୋଜ୍ୟେଷ୍ଠ ସାଧକ ମୁରଲୀଧର ପ୍ରଧାନ', ଯାହାକି 'ଅନୁପମ ଭାରତ'ର, ୨୩ ମେ, ୧୯୯୮ସଂଖ୍ୟାରେ ପ୍ରକାଶ ପାଇଥିଲା । ସେଇ ଲେଖାଟିରେ ସାରଙ୍କ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦାନ, ଶିକ୍ଷକତା, ସାରସ୍ୱତ ସାଧନା, ସାଂଗଠନିକ ସଂପୃକ୍ତି ଆଦି ବିଭିନ୍ନ ବିଷୟରେ ଉଲ୍ଲେଖ କରିଥିଲି । ବୋଧହୁଏ କୌଣସି ପତ୍ରପତ୍ରିକାରେ ସାରଙ୍କ ଜୀବନାଲେଖ୍ୟ ପ୍ରକାଶିତ ହେବା ନେଇ ଏହା ଥିଲା ପ୍ରଥମ ଉଦ୍ୟମ । ସାର୍ ଭାରି ଖୁସିହେଇଥିଲେ। ମୁଁ 'ସମ୍ବାଦ'ରେ ଯୋଗଦେବା ପରେ ୨୦୦୩ ଅଗଷ୍ଟ ୧୪ ତାରିଖରେ ୧୯୪୭, ଅଗଷ୍ଟ ୧୫ର ସ୍ମୃତି ଶୀର୍ଷକରେ ପ୍ରକାଶ ପାଇଥିଲା ମୁରଲୀ ସାରଙ୍କ କଥା। ସେତେବେଳେ ହାତରେ ଲେଖିକରି ଦେଇଥିବା ସେଇ କାଗଜ ଏବେ ବି ମୋ ପାଖରେ ଅଛି। ଶେଷ ଆଡ଼ିକି ସାର୍ ଲେଖିଥିଲେ, ଏଥି ମଧ୍ୟରେ ସ୍ୱାଧୀନ ଭାରତ ବହୁ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ହାସଲ କଲେ ମଧ ଜାତୀୟ ଚରିତ୍ରର ଅଧଃପତନ ହୋଇଛି ଏବଂ ନୈତିକ ମୂଲ୍ୟବୋଧ ଏପରି ନିମ୍ନଗାମୀ ହେଉଛି ତାହା ଆମ୍ଭମାନଙ୍କୁ ଲଜ୍ୟାଜନକ ସ୍ଥିତିରେ ପହଂଚାଇଦେଇଛି । ସ୍ୱାଧୀନତା ସମୟର ଜାତୀୟ ଚରିତ୍ରର ନିଖୁଣ ଚିତ୍ର ଏବେ ଦୁଷ୍ପ୍ରାପ୍ୟ। ଭାରତୀୟମାନେ ନିଜ ହୃତ୍‌ଗୌରବ ଫେରାଇଆଣିବା ପାଇଁ ସଦା ତତ୍ପର ହେବା ଏକାନ୍ତ ବାଂଛନୀୟ। ...ସେଦିନ ସାରଙ୍କ ଏଇ ଉପସଂହାରରେ ମୁଁ ବି ଟିକେ ଅଟକିଯାଇଥିଲି। ଭାବପ୍ରବଣ ହେଇ ଭାବିଥିଲି, ଆମ ଜାତୀୟ ଚରିତ୍ରର ଅଧଃପତନକୁ ଆମେ ନୂଆ ପିଢିର କିଛି ଲୋକେ ଯଦି ଅନୁଭବ କରିପାରୁଚୁ, ତେବେ ମୁରଲୀ ସାରଙ୍କ ପିଢିର ଲୋକେ କିଭଳି ଅନୁଭବ କରୁନଥିବେ! କେମିତି ଲାଗୁଥିବ ତାଙ୍କ ଭଳି ଲୋକଙ୍କୁ??

ଗଣମାଧ୍ୟମରେ ସାର୍‌ଙ୍କ ଜୀବନବ୍ୟାପୀ ସାଧନାକୁ ଲୋକଲୋଚନକୁ ଆଣିବା ପାଇଁ ଏ ଲେଖକ ଯତକିଞ୍ଚିତ ପ୍ରୟାସ କରିଛି । ଏତଦ୍‌ବ୍ୟତୀତ ମୁଁ ଆଉ ବାପା ସଂଶ୍ଳିଷ୍ଟ ଥିବା ଆମ ଗାଁର ତୁଳସୀ ସାହିତ୍ୟ ସଂସଦ ଓ ଖୋର୍ଦ୍ଧା ବିଷୁବ ମିଳନ ସମିତି ପକ୍ଷରୁ ମୁରଲୀ ସାରଙ୍କୁ ସମ୍ବର୍ଦ୍ଧିତ କରାଯିବା ପ୍ରକ୍ରିୟାରେ ଏ ଲେଖକ ସାମିଲ ହୋଇ ଗର୍ବ ଅନୁଭବ କରିଛି। ମୁରଲୀ ସାର୍ ବି ତାଂକ ଆତ୍ମଜୀବନୀମୂଳକ ପୁସ୍ତକ 'କେତେ ବ୍ୟଥା କେତେ ଗାଥା'ରେ ସାର୍‌ଙ୍କ ସହ ମୋର ଉଠିଥିବା ଏକ ଫଟୋକୁ ସ୍ଥାନିତ କରି ଏ ଲେଖକକୁ ଧନ୍ୟ କରିଛନ୍ତି। ଯେତେବେଳେ ବି ମୁରଲୀ ସାରଙ୍କ ସହ ସାକ୍ଷାତ ଆଲୋଚନା ହୁଏ, ଭାରି ଭଲ ଲାଗେ...ଆତ୍ମସନ୍ତୋଷ ଲାଗେ। ପରିଣତ ବୟସରେ ବି ସାର୍ ଭାରି ଚଳଚଞ୍ଚଳ ଥିଲେ। ଚାକିରିରୁ ଅବସର ନେଲା ପରେ ଅନେକ ଭାବିନିଅନ୍ତି, ଯା ହଉ, ଆରାମ କରିବାର ସମୟ ଆସିଗଲା। ହେଲେ ମୁରଲୀ ସାର ଭାବୁଥିଲେ ଆରାମ ହାରାମ ହେ ।

ଈଶ୍ୱରଙ୍କ ଦାନ ଆମର ଏ ଜୀବନ। ସେଇ ଜୀବନ ଯଦି ସମସ୍ତଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ନିୟୋଜିତ ହେଲା, ତେବେ ଆମ ମଣିଷ ଜନ୍ମ ସାର୍ଥକ ହେଲା। ସେଇଭଳି ସାର୍ଥକ ମଣିଷଟିଏ ଥିଲେ ସ୍ୱର୍ଗତ ମୁରଲୀଧର ପ୍ରଧାନ । ତାଙ୍କ ଜୀବନର ପ୍ରତିଟି ଉପଲବ୍ଧି, ବ୍ୟଥା ଆଉ ଗାଥା ଖାଲି ଏବର ପିଢି ନୁହଁ, ଭବିଷ୍ୟତ ପିଢିଙ୍କୁ ମଧ ଦିଗ୍‌ଦର୍ଶନ ଦେବ।

*ବିଶ୍ୱାତ୍ମା, ଏମ୍-୨୩,*
*ବିଡିଏ କଲୋନୀ, ଖୋର୍ଦ୍ଧା*
*ଶୂନ୍ୟଭାଷ: ୮୨୪୯୬୭୭୦୯୯*

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୯ ଜାନୁଆରୀ ୨୦୨୬ ସୋମବାର ପୃଷ୍ଠା ୫



ସୁସ୍ଥ ଜୀବନର ଅର୍ଥ ନୁହେଁ ସମ୍ପୂର୍ଣ୍ଣ ଭାବରେ ରୋଗଶୂନ୍ୟ ହେବା । ସୁସ୍ଥ ଜୀବନ କହିଲେ ଶାରୀରିକ, ସାମାଜିକ ଏବଂ ମାନସିକ ଭାବରେ ସୁଖୀ ହେବ ସୁସ୍ଥ ହେବା ସମୟରେ । ସୁସ୍ଥ ରହିବା ଦ୍ୱାରା ଆପଣ ନିଜେ ଏବଂ ପରିବାର ସମାଜ ପାଇଁ ସାର୍ଥକ ଜୀବନ ଜିଇଁପାରିବେ । ସୁସ୍ଥ ଜୀବନ ଦ୍ୱାରା ମନୁଷ୍ୟ ରୋଗରୁ ମୁକ୍ତି ପାଏ ଏଥିସହ ତା'ର କାର୍ଯ୍ୟକ୍ଷମତା ମଧ୍ୟ ବଢ଼େ । ନିଜର ସ୍ୱାସ୍ଥ୍ୟ ଠିକ୍ ରଖିବା ପାଇଁ ନିଜର ଖାଦ୍ୟ, ପାନୀୟ, ବ୍ୟାୟାମ ଏବଂ ବିଶ୍ରାମ ଉପରେ ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ । ଏହାକୁ ଜୀବନଶୈଳୀରେ ପରିଣତ କରିବା ଆବଶ୍ୟକ ।

# ସ୍ୱାସ୍ଥ୍ୟର ମୂଳମନ୍ତ୍ର

## ଖାଦ୍ୟପାନୀୟ

ଆବଶ୍ୟକତାଠାରୁ କମ୍ ପୋଷକତତ୍ତ୍ୱ ଗ୍ରହଣ କରିବାକୁ କୁପୋଷଣ କୁହାଯାଏ । କୁପୋଷଣ ଅନେକ ରୋଗକୁ ନିମନ୍ତ୍ରଣ କରିଥାଏ, ଯେମିତିକି ଦୁର୍ବଳତା, ଶରୀରରେ ରକ୍ତର ଅଭାବ, ଭିଟାମିନ ଏବଂ ମିନେରାଲର ଅଭାବ ଇତ୍ୟାଦି । କେତେକ ଛୋଟ ଛୋଟ ଜିନିଷ ଉପରେ ଧ୍ୟାନ ରଖି ଆପଣ ଉପଯୁକ୍ତ ଖାଦ୍ୟ ଗ୍ରହଣ କରିପାରିବେ ।

କେବେବି ସକାଳର ଜଳଖିଆ ନଖାଇ ଘର ବାହାରକୁ ଯାଆନ୍ତୁ ନାହିଁ । ସାରା ରାତିର ନିଦ ପରେ ଶରୀର ଓ ମସ୍ତିଷ୍କକୁ ସତେଜ କରିବା ପାଇଁ ଜଳଖିଆ ଖୁବ୍ ଜରୁରୀ । ସକାଳେ ନଖାଇବା କେବଳ ଶରୀର ନୁହେଁ ମସ୍ତିଷ୍କକୁ ମଧ୍ୟ ମାନ୍ଦା କରିଦିଏ । ଏଥିସହ ଏସିଡିଟିର ସମସ୍ୟା ମଧ୍ୟ ସୃଷ୍ଟି ହୁଏ ।

ଖାଦ୍ୟ ଯେତେ ପ୍ରାକୃତିକ ହେବ ସେତେ ଭଲ । ରିଫାଇନ୍ ହୋଇଥିବା ଖାଦ୍ୟରେ ପୋଷକ ତତ୍ତ୍ୱ କମ୍ ଥାଏ । ସୁସ୍ଥ ରହିବା ପାଇଁ ଆପଣ ମହଙ୍ଗା ଓ ବିଦେଶୀ ଖାଦ୍ୟ ଖାଇବା ଜରୁରୀ ନୁହେଁ ବରଂ ନିଜ ପରିବେଶରେ ମିଳୁଥିବା ଖାଦ୍ୟପଦାର୍ଥ ଅଧିକ ଲାଭଜନକ ହୋଇଥାଏ ।

ଖାଇବା ଥାଳିରେ ନାନା ରଙ୍ଗର ଖାଦ୍ୟ ଥିବା ଖୁବ୍ ଜରୁରୀ । ଯେମିତିକି ହଳଦିଆ ଡାଲି, ସବୁଜ ପନିପରିବା, ଧଳା ଦହି, ରଙ୍ଗବେରଙ୍ଗୀ ସାଲାଡ୍ ଇତ୍ୟାଦି । ଏହାଦ୍ୱାରା ଶରୀରକୁ ସମସ୍ତ ଜରୁରୀ ପୋଷକ ତତ୍ତ୍ୱ ସହଜରେ ମିଳିଯାଏ ।

ରାତିର ଭୋଜନ ୮-୯ ସୁଦ୍ଧା ଯେକୌଣସି ମତେ ସାରନେବା



ଉଚିତ୍ । ବିଳମ୍ବରେ ଭୋଜନ କଲେ ଏସିଡ୍ କିମ୍ବା ବାନ୍ତିର ସମସ୍ୟା ହୋଇପାରେ । ସ୍ୱାସ୍ଥ୍ୟ ଠିକ୍ ରଖିବା ପାଇଁ ପ୍ରତିଦିନ ୮ରୁ ୧୦ ଗ୍ଲାସ୍ ପାଣି ନିଶ୍ଚୟ ପିଅନ୍ତୁ । ପ୍ରତିଦିନ ଭିନ୍ନ ଭିନ୍ନ ରଙ୍ଗର ଦୁଇ ତିନିଗିନା ତରକାରି ଏବଂ ଗୋଟିଏ ବା ଦୁଇ ପ୍ଲେଟ୍ ସାଲାଡ୍ ଖାଆନ୍ତୁ ।

## ବ୍ୟାୟାମ

ପ୍ରତିଦିନ ପ୍ରାୟ ଘଣ୍ଟାଏ ସମୟ ବ୍ୟାୟାମ ପାଇଁ କାଢ଼ନ୍ତୁ । ବ୍ୟାୟାମ କେବଳ ନିର୍ଦ୍ଦିଷ୍ଟ ଆୟୁବର୍ଗ ପାଇଁ ଜରୁରୀ ନୁହେଁ । ଏହା ୧୭ ବର୍ଷର କିଶୋର ପାଇଁ ଯେତିକି ଜରୁରୀ ୭୦ ବର୍ଷର ବୃଦ୍ଧଙ୍କ ପାଇଁ ମଧ୍ୟ ସେତିକି ଜରୁରୀ । ବ୍ୟାୟାମ ମହିଳା ଓ ପୁରୁଷ ଉଭୟଙ୍କ ପାଇଁ ସମାନ ଭାବରେ ଉପଯୋଗୀ । ନିୟମିତ ବ୍ୟାୟାମ କରିବା ଦ୍ୱାରା ଉଚ୍ଚ ରକ୍ତଚାପ, ରକ୍ତ ସର୍କରା ଓ ରକ୍ତରେ କୋଲେଷ୍ଟ୍ରୋଲର ସ୍ତର ନିୟନ୍ତ୍ରିତ କରିବା ସହ ହୁଏ ଏବଂ ଏଥିସହ ମେଦବହୁଳତା ମଧ୍ୟ ନିୟନ୍ତ୍ରିତ ହୁଏ । ବ୍ୟାୟାମ ଦ୍ୱାରା ଅବସାଦ ଏବଂ ନିଦ୍ରାହୀନତା ମଧ୍ୟ ଦୂରହୁଏ । ମନେରଖନ୍ତୁ ବ୍ୟାୟାମ ନିଜର କ୍ଷମତା ଓ ରୁଚି ଅନୁଯାୟୀ କରନ୍ତୁ । ବ୍ୟାୟାମରେ ଚାଲିବା, ଦୌଡ଼ିବା, ସାଇକେଲ ଚଳାଇବା, ଯୋଗ, ପ୍ରାଣାୟାମ ଇତ୍ୟାଦିକୁ ସାମିଲ କରିପାରିବେ ।

## ଡିଜିଟାଲ ଦୁନିଆରୁ ସାମାନ୍ୟ ଦୂରତା

ବର୍ତ୍ତମାନ ସମୟରେ ଅନେକ ନୂଆ ନୂଆ ସମସ୍ୟା ଆମ ଜୀବନରେ ସ୍ଥିତି ଜମାଉଛି । ଯେମିତି କି ଇଣ୍ଟରନେଟ୍, ସୋସିଆଲ୍ ମିଡିଆ ଏବଂ ହୋମ୍‌ସ୍କ୍ରିନ୍ ଇତ୍ୟାଦି । ଗୋଟିଏ ଗବେଷଣା ଅନୁଯାୟୀ ପ୍ରତି ୩ଜଣରେ ଜଣେ ବ୍ୟକ୍ତି ବାରମ୍ବାର ଫୋନ୍ ଦେଖିବା, ସୋସିଆଲ୍ ପ୍ଲାଟଫର୍ମରେ ଅଧିକ ସମୟ ବିତାଇବା ଏବଂ ଅନ୍‌ଲାଇନ୍ ସପିଂରେ ବ୍ୟସ୍ତ ରହୁଛନ୍ତି । ଏହି ବ୍ୟକ୍ତିମାନେ ଯଦି ସୋସିଆଲ୍ ମିଡିଆରେ ସଂଲଗ୍ନ ନରହୁଛନ୍ତି ତେବେ ସେମାନେ ମନରେ ଏକ ଅଭାବ ବା ଅସ୍ଥିରତା ଅନୁଭବ କରୁଛନ୍ତି । କେବଳ ସେତିକି ନୁହେଁ ନିଜର ସୋସିଆଲ୍ ମିଡିଆ ଷ୍ଟାଟସ୍‌କୁ ନେଇ ମଧ୍ୟ ଉଦ୍‌ବେଗ ଅନୁଭବ କରୁଛନ୍ତି । ସୋସିଆଲ୍ ମିଡିଆ ମଧ୍ୟ ଏକପ୍ରକାର ନିଶା ପରି ଯାହାକି ମାନସିକ ରୋଗର ରୂପ ନେଇଥାଏ । ଏଥିରୁ ରକ୍ଷା ପାଇବା ପାଇଁ କେତେକ ଉପାୟ ଆପଣାନ୍ତୁ ।

କେବେବି ଖାଇବା ସମୟରେ ଟିଭି, ଫୋନ୍ କିମ୍ବା ଅନ୍ୟ କୌଣସି ଇଲେକ୍ଟ୍ରୋନିକ୍ସ ଉପକରଣ ବ୍ୟବହାର କରନ୍ତୁ ନାହିଁ । ଏ ସମ୍ପର୍କରେ ପରିବାରରେ ଆଲୋଚନା କରି ସହମତି ସୃଷ୍ଟି କରନ୍ତୁ । ଘରର ଶୟନକକ୍ଷରେ ଟିଭି ନ ରଖିବା ସହ ଟିଭି ଦେଖିବାର ସମୟ ନିୟନ୍ତ୍ରିତ କରନ୍ତୁ । ରାତିରେ ଫୋନ୍, ଲ୍ୟାପ୍‌ଟପ୍, ଆଇପ୍ୟାଡ୍ ଆଦିକୁ ଚାର୍ଜରେ ବସାଇ ଛାଡ଼ିଦିଅନ୍ତୁ ନାହିଁ । ଶୋଇବା ସମୟରେ ମୋବାଇଲ୍ ଫୋନ୍‌କୁ ନିଜ ଶରୀରଠାରୁ ଅତିକମ୍‌ରେ ୩-୪ ଫୁଟ ଦୂରରେ ରଖନ୍ତୁ । ସମୟ ବାହାର କରି ଛୁଟିଦିନରେ ଏବଂ ଅନ୍ୟ ଅବସରଗୁଡ଼ିକରେ ସପରିବାର ବାହାରକୁ ବୁଲିବାକୁ ଯାଆନ୍ତୁ, ନିଜକୁ ସତେଜତା ଦେଉଥିବା କୌଣସି ଅଭ୍ୟାସ ବିକଶିତ କରନ୍ତୁ, କିଛି ଇନ୍‌ଡୋର ଗେମ୍ ଖେଳନ୍ତୁ । କେବଳ ଫୋନ୍‌ରେ ଚାଟିଂ କରିବା ବଦଳରେ ମଝିରେ ମଝିରେ ସାଙ୍ଗମାନଙ୍କୁ ଭେଟନ୍ତୁ ।







## ନିଶାଠାରୁ ଦୂରତା

ଧୂମପାନ ଏବଂ ଅନ୍ୟ ଯେକୌଣସି ପ୍ରକାର ନିଶା କେବଳ ଆପଣଙ୍କ ଶରୀରକୁ ନୁହେଁ, ଆପଣଙ୍କ ପରିବାର ଏବଂ ଆର୍ଥିକ ସ୍ଥିତିକୁ ମଧ୍ୟ ଲଗାତାର ଦୁର୍ବଳ କରିଦିଏ । ଯଦି ଆପଣ ପ୍ରତିଦିନ ନିଶା କରନ୍ତି ତେବେ ଏହା ଛାଡ଼ିବା ସହଜ ହୁଏନାହିଁ । ଦେଶରେ ହେଉଥିବା ସମୁଦାୟ ମୃତ୍ୟୁର ଏକ-ତୃତୀୟାଂଶ ଧୂମପାନ କାରଣରୁ ସୃଷ୍ଟି ହେଉଥିବାରୁ ରୋଗରୁ ହୋଇଥାଏ । ଯଦି ଆପଣ ଏପରି କୌଣସି ଅଭ୍ୟାସର ଶିକାର ତେବେ ଏଥିରୁ ନିଜକୁ ମୁକ୍ତ କରିବା ପାଇଁ ପଣ କରନ୍ତୁ, ନିଶା ଛାଡ଼ିବା ସମ୍ପର୍କରେ ପରାମର୍ଶ ପାଇଁ ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ ଏବଂ ଏହି ଅଭ୍ୟାସ ଛାଡ଼ାଇବା ପାଇଁ ଆବଶ୍ୟକ ବ୍ୟବହାର ଚିକିତ୍ସା ମଧ୍ୟ କରାନ୍ତୁ ।

## ନିୟମିତ ଯାଞ୍ଚ

ବର୍ଷକୁ କେଇଥର ଶାରୀରିକ ଯାଞ୍ଚ କରିବା ଆବଶ୍ୟକ ତାହା ବୟସ, ରୋଗ ଏବଂ ପରିବାରର ସ୍ୱାସ୍ଥ୍ୟ ଇତିହାସ ଉପରେ ନିର୍ଭର କରେ । ଯଦି ଆପଣ ସଂପୂର୍ଣ୍ଣ ଭାବରେ ସୁସ୍ଥ ତା'ହେଲେ ମଧ୍ୟ ୪୦-୪୫ ବର୍ଷ ପରେ ବର୍ଷରେ ଥରେ ନିଶ୍ଚୟ ଡାକ୍ତରଙ୍କୁ ଭେଟି ଆବଶ୍ୟକ ଯାଞ୍ଚ କରାନ୍ତୁ । ଏହାଦ୍ୱାରା ସମୟ ଥାଇ ଶାରୀରିକ ସମସ୍ୟା ସମ୍ପର୍କରେ ଜଣାପଡ଼ିଯିବ । ଏମିତିରେ ଆଜିକାଲି ଅନେକ ପ୍ରକାର ହେଲ୍‌ଥ ପ୍ୟାକେଜ ପ୍ରଚଳିତ ହେଉଛି, କିନ୍ତୁ ଆପଣ ଡାକ୍ତରଙ୍କ ପରାମର୍ଶରେ ଆବଶ୍ୟକ ଯାଞ୍ଚ କରାନ୍ତୁ । ଅନ୍ୟଥା ସମୟ ଓ ଧନ ନଷ୍ଟ ହେବ ।

## ଟିକାକରଣ

ଛୋଟ ପିଲା ଓ ବଡ଼ ଉଭୟଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅନୁଯାୟୀ ଟିକାକରଣ କରାଇବା ଆବଶ୍ୟକ । ଟିକାକରଣ ରୋଗରୁ ରକ୍ଷା ପାଇବାର ସବୁଠାରୁ ଫଳପ୍ରଦ ଉପାୟ । ଟିକାକରଣ ବୟସ ଏବଂ ଚିକିତ୍ସୀୟ ଅବସ୍ଥା ଆଧାରରେ କରାଯାଏ । ଠିକ୍ ସମୟରେ ଟିକା ନେବା ହେପାଟାଇଟିସ୍, ପୋଲିଓ, ଗାଲୁଆ, ଫ୍ଲୁ, ନିମୋନିଆ ଆଦି ପ୍ରାୟ ୧୫ ପ୍ରକାର ରୋଗରୁ ରକ୍ଷା କରିଥାଏ । ନିଜ ପାଇଁ ଏବଂ ପରିବାରର ଅନ୍ୟ ସଦସ୍ୟମାନଙ୍କ ପାଇଁ କେଉଁ କେଉଁ ଟିକା ଜରୁରୀ ସେ ସମ୍ପର୍କରେ ଆପଣ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

## ନିଦ

ନିଦରେ ଶୋଇବା ସମୟରେ ଆମ ଶରୀରର କେତେକ ଅଙ୍ଗ ଏବଂ ମସ୍ତିଷ୍କ ସକ୍ରିୟ ରହିଥାଏ । ନିଦ ସମୟରେ ଅନେକ ହରମୋନ ସକ୍ରିୟ ହୁଏ ଏବଂ ଆମକୁ ସୁସ୍ଥ ରଖିବାରେ ସହାୟକ ହୁଏ । ଜଣେ ପ୍ରାପ୍ତ ବୟସ୍କ ବ୍ୟକ୍ତି ଦିନକୁ ୭ରୁ ୮ ଘଣ୍ଟା ଶୋଇବା ଆବଶ୍ୟକ । ଛୋଟ ପିଲାଙ୍କ ପାଇଁ ଦୈନିକ ୧୦ରୁ ୧୨ ଘଣ୍ଟା ନିଦ ସେମାନଙ୍କ ଶରୀର ଏବଂ ମନର ସମ୍ପୂର୍ଣ୍ଣ ବିକାଶ ପାଇଁ ଲାଭଦାୟକ । ଅନିଦ୍ରା ଦ୍ୱାରା ଡିପ୍ରେସନ୍, ମାଇଗ୍ରେନ୍ ଏବଂ ହୃଦୟ ସମ୍ପର୍କିତ ନାନାପ୍ରକାର ରୋଗ ସୃଷ୍ଟି ହୋଇଥାଏ ।







# କଳା ସ୍ଥାପତ୍ୟର ରାଜ୍ୟ ତେଲଙ୍ଗାନା

ଭାରତର ଯୁବ ରାଜ୍ୟ ତେଲେଙ୍ଗାନା । ଐତିହାସିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଏହି ରାଜ୍ୟରେ ବିଭିନ୍ନ ରାଜବଂଶ ରାଜୁତି କରିଛନ୍ତି । ପରିଣାମ ସ୍ୱରୂପ ହିନ୍ଦୁ, ପର୍ସିୟ, ମୋଗଲ ଏବଂ ଅନ୍ୟାନ୍ୟ ଶୈଳୀର କାରିଗରୀ ଦେଖିବାକୁ ମିଳେ ଏହାର ବିଭିନ୍ନ ମହଲ, ଦୁର୍ଗ, ସଂଗ୍ରହାଳୟ, ସ୍ମାରକ, ମନ୍ଦିର, ମସ୍‌ଜିଦ ଓ ନିର୍ମାଣଗୁଡ଼ିକରେ । କେତେକ ସ୍ଥାନରେ ନାନା ଶୈଳୀର ସ୍ଥାପତ୍ୟ ଏବଂ ଭାସ୍କର୍ଯ୍ୟର ମିଳନ ଘଟିଛି । ଭାରତର ସର୍ବପୁରାତନ ରାଜବଂଶ ମଧ୍ୟରୁ ଅନ୍ୟତମ ସାତବାହନମାନେ ଏହି ଅଞ୍ଚଳକୁ ଅନେକ ବର୍ଷ ପର୍ଯ୍ୟନ୍ତ ଶାସନ କରୁଥିଲେ । ସାତବାହନଙ୍କ ପରେ ଭକଟକ, ଚାଲୁକ୍ୟ, ରାଷ୍ଟ୍ରକୂଟମାନେ ଏହି ଅଞ୍ଚଳକୁ ଶାସନ କଲେ । ତେବେ କାକତୀୟ ରାଜବଂଶର ଶାସନକାଳକୁ ତେଲେଙ୍ଗାନାର ସୁବର୍ଣ୍ଣ ଯୁଗ ବୋଲି କୁହାଯାଏ । ଏହି ରାଜ୍ୟରେ ଥିବା ଅଧିକାଂଶ ପୁରାତନ ସ୍ଥାପତ୍ୟ କାକତୀୟ ରାଜବଂଶ ସମୟର । ଚତୁର୍ଦ୍ଦଶ ଶତାବ୍ଦୀରେ ହାଇଦ୍ରାବାଦ ଏବଂ ଏହାର ସଲଗ୍ନ ଅଞ୍ଚଳଗୁଡ଼ିକ ଦିଲ୍ଲୀ ସାମ୍ରାଜ୍ୟ ଅଧୀନକୁ ଆସିଥିଲା ।





## ଚାର୍‌ମିନାର୍

ପ୍ଲେଗ୍ ରୋଗରୁ ରକ୍ଷା କରିଥିବାରୁ ଆଲ୍ଲାଙ୍କ ଧନ୍ୟବାଦ ଦେବା ପାଇଁ ମହମ୍ମଦ କୁଲି କୁତବ୍ ଶାହା ୧୫୯୧ ମସିହାରେ ଏହ । ନିର୍ମାଣ କରିଥିଲେ । ହାଇଦ୍ରାବାଦ ସହର ଏହି ମିନାର ଚାରିପାଖରେ ଗଢ଼ିଉଠିଥିଲା । ଏହି ସ୍ମାରକର ଚାରୋଟି କାରୁକାର୍ଯ୍ୟଭରା ମିନାର୍ ଅନୁଯାୟୀ ଏହାର ନାମକରଣ କରାଯାଇଥିଲା ଚାର୍‌ମିନାର୍ । ଏହି ମିନାର୍‌ରେ ଇଣ୍ଡୋ-ଇସ୍‌ଲାମିକ୍ ଶୈଳୀ ସହ ପର୍ସିୟ ଶୈଳୀର ମିଶ୍ରଣ ହୋଇଛି । ୪୦୦ ବର୍ଷ ପରେ ମଧ୍ୟ ଏହି ମିନାର୍‌ର ଆକର୍ଷଣ ଅତୁଟ ରହିଛି ପର୍ଯ୍ୟଟକମାନଙ୍କ ପାଇଁ । ଚାର୍‌ମିନାର୍‌କୁ ନେଇ ତେଲେଙ୍ଗାନାର ପର୍ଯ୍ୟଟନ ଖୁବ୍ ସମୃଦ୍ଧ ।

## କୁତବ ଶାହି କବର

ଏହି କବର ମଧ୍ୟରେ କୁତବ ଶାହି ରାଜବଂଶର ୭ଜଣ ଶାସକଙ୍କର ଦେହାବଶେଷ ରହିଛି । ପ୍ରତି କବରର କେନ୍ଦ୍ରସ୍ଥଳରେ ଏକ ଦ୍ୱାର ରହିଛି । ଏହି ଦ୍ୱାର ଦେଇ ଏହା ତଳେ ଥିବା ପ୍ରକୃତ ଦେହାବଶେଷ ସ୍ଥଳକୁ ଯାଇହୁଏ । ପ୍ରତ୍ୟେକ କବର ଉଚ୍ଚ ପ୍ଲାଟଫର୍ମ ଉପରେ ତିଆରି ହୋଇଛି ଏବଂ ଏହା ଉପରେ ତୋରଣ ଓ ଛତ୍ରି ନିର୍ମିତ ହୋଇଛି । ପର୍ସିୟ, ପସ୍ତୁନ ଏବଂ ହିନ୍ଦୁ ସ୍ଥାପତ୍ୟ ଶୈଳୀ ଏହି କବରଗୁଡ଼ିକ ନିର୍ମିତ ହୋଇଛି ।

## ଗୋଲକୁଣ୍ଡା ଦୁର୍ଗ

ତ୍ରୟୋଦଶ ଶତାବ୍ଦୀରେ କାକତୀୟ ରାଜାମାନଙ୍କ ଦ୍ୱାରା ଏହି ମାଟି ଦୁର୍ଗ ନିର୍ମିତ ହୋଇଥିଲା । ପରବର୍ତ୍ତୀ ସମୟରେ କୁତବ ଶାହି ରାଜବଂଶ ଏହାର ସଂପ୍ରସାରଣ କରିବା ସହ ଏହାକୁ ଏକ ଅଭେଦ୍ୟ ଦୁର୍ଗରେ ପରିଣତ କରିଦେଲେ । ଏହି ଦୁର୍ଗର ନିର୍ମାଣଶୈଳୀରେ ନାନାପ୍ରକାର ଅନନ୍ୟତା ରହିଛି । ଦୁର୍ଗର ପ୍ରବେଶ ଦ୍ୱାରରେ ତାଳିଟିଏ ମାରିଲେ ଏହା ଦୁର୍ଗର ସବୁଠାରୁ ଅଭ୍ୟନ୍ତର ତଥା ଉଚ୍ଚତମ ସ୍ଥାନକୁ ସ୍ୱଷ୍ଟ ଭାବରେ ଶୁଣାଯାଏ ।

## ଓ୍ୱାରାଙ୍ଗଲ ଦୁର୍ଗ

କାକତୀୟ ରାଜବଂଶର ରାଜା ଗଣପତି ଦେବଙ୍କ ସମୟରେ ତ୍ରୟୋଦଶ ଶତାବ୍ଦୀରେ ଓ୍ୱାରାଙ୍ଗଲ ଦୁର୍ଗ ନିର୍ମିତ ହୋଇଥିଲା । ଶତ୍ରୁ ସୈନ୍ୟଙ୍କ ଦ୍ୱାରା ଅଭେଦ୍ୟ ଓ ଅପରାଜେୟ ହୋଇଥିବା ଏହି ଦୁର୍ଗର ନିର୍ମାଣଶୈଳୀରେ ଜ୍ୟାମିତୀୟ ପ୍ରଭାବ ଦେଖିବାକୁ ମିଳେ । ଏହାର ତୋରଣଗୁଡ଼ିକରେ ସୂକ୍ଷ୍ମ କାରୁକାର୍ଯ୍ୟ ହୋଇଛି । ଦୁର୍ଗରେ ୪୫ଟି ମିନାର୍ ରହିଛି । ୧୧ କିଲୋମିଟର ବ୍ୟାପ୍ତ ଏହି ଦୁର୍ଗର ଅଞ୍ଚଳ । ଆଜି ମଧ୍ୟ ଏହି ଦୁର୍ଗର ଅବଶେଷ ମଧ୍ୟରୁ ଅନେକ ଅଂଶ ଅକ୍ଷତ ରହିଛି । କାତକୀୟ ସାମ୍ରାଜ୍ୟର ସମୃଦ୍ଧି ଓ ବିଶାଳତାର ଝଲକ୍ ଏହି ଦୁର୍ଗରୁ ଅନୁମାନ କରାଯାଇପାରେ ।

ଓ୍ୱାରଙ୍ଗଲ୍ ଦୁର୍ଗ ବ୍ୟତୀତ ଏଠାରେ ଅନେକ ପୁରୁଣା ମନ୍ଦିର ଏବଂ ସ୍ମାରକସ୍ଥଳ ରହିଛି । ଏଠାରେ ଥିବା ପାଖାଲ ହ୍ରଦ ଅନ୍ୟତମ ପର୍ଯ୍ୟଟନ ଆକର୍ଷଣ କେନ୍ଦ୍ର । ଏଠାରେ ସହସ୍ରସ୍ତମ୍ଭ ମନ୍ଦିର ବ୍ୟତୀତ ସ୍ୱୟଂମ୍ଭୁ ମନ୍ଦିର, ରାୟପାର୍ଥୀ ଶିବ ମନ୍ଦିର, ସିଦ୍ଧେଶ୍ୱର ମନ୍ଦିର, ଇନାଭୋଲୁ ମନ୍ଦିର, ବୀରନାରାୟଣ ମନ୍ଦିର ଆଦି ରହିଛି ।

## ରାମାପ୍ପା ମନ୍ଦିର

ଏହି ମନ୍ଦିରର ପ୍ରକୃତ ନାମ ରାମଲିଙ୍ଗେଶ୍ୱର ମନ୍ଦିର । ତେବେ ଏହା ରାମାପ୍ପା ମନ୍ଦିର ଭାବରେ ଜଣାଶୁଣା । ଓ୍ୱାରାଙ୍ଗଲରେ ଥିବା ଏହି ମନ୍ଦିର ୧୨୧୩ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିଲା । କର୍ଣ୍ଣାଟକ ହୋୟସାଲା ସାମ୍ରାଜ୍ୟର ବେଲୁର୍ ଏବଂ ହାଲେବିଡ୍ ମନ୍ଦିରର ନିର୍ମାଣ ଶୈଳୀ ସହ ସାମଞ୍ଜସ୍ୟ ଅଛି ଏହି ମନ୍ଦିରର । କାକତୀୟ ରାଜବଂଶର ରାଜା ଗଣପତି ଦେବ ଏହି ମନ୍ଦିର ଓ ରାମାପ୍ପା ହ୍ରଦ ନିର୍ମାଣ କରାଇଥିଲେ । ଏହି ମନ୍ଦିରର ଆକର୍ଷଣ ରାମାପ୍ପା ହ୍ରଦ ଦ୍ୱାରା ବହୁଗୁଣିତ ହୋଇଯାଇଛି ।



## ସହସ୍ର ସ୍ତମ୍ଭ ମନ୍ଦିର

କାକତୀୟ ରାଜା ରୁଦ୍ରଦେବଙ୍କ ଦ୍ୱାରା ୧୧୬୩ ଖ୍ରୀଷ୍ଟାବ୍ଦରେ ଏହି ନିର୍ମିତ ଏହି ମନ୍ଦିରରେ ଚାଲୁକ୍ୟ ସ୍ଥାପତ୍ୟ ଶୈଳୀ ବ୍ୟବହାର କରାଯାଇଛି । ତାରକା ଆକାରର ଏହି ମନ୍ଦିର ଭଗବାନ ଶିବ, ବିଷ୍ଣୁ ଏବଂ ସୂର୍ଯ୍ୟଙ୍କ ପାଇଁ ସମର୍ପିତ। ଏହି ମନ୍ଦିରର କାରୁକାର୍ଯ୍ୟ ଖୁବ୍ ସୂକ୍ଷ୍ମ ଏବଂ ଉଚ୍ଚକୋଟିର । ମନ୍ଦିରରେ ଏକକ ପଥରରେ ସ୍ତମ୍ଭ ଏବଂ ବିଶାଳ ହାତୀମାନ ନିର୍ମାଣ କରାଯାଇଛି ।

## ଭୋଙ୍ଗିର ଦୁର୍ଗ

ପଶ୍ଚିମ ଚାଲୁକ୍ୟ ଶାସକ ତ୍ରିଭୁବନ ମଲ୍ଲ ବିକ୍ରମାଦିତ୍ୟଙ୍କ ଦ୍ୱାରା ଗୋଟିଏ ପାହାଡ଼ ଉପରେ ଏହି ପଥର ଦୁର୍ଗ ନିର୍ମିତ ହୋଇଥିଲା । ଏହାର ନିର୍ମାଣଶୈଳୀ ଅଣ୍ଡାକୃତି । ଦୁର୍ଗରେ ଦୁଇଟି ପ୍ରବେଶପଥ ରହିଛି ଏବଂ ପ୍ରତ୍ୟେକ ପଥକୁ ବିଶାଳ ପଥରଖଣ୍ଡ ଦ୍ୱାରା ସୁରକ୍ଷା ଦିଆଯାଇଛି । ଦୁର୍ଗ ଚାରିପାଖରେ ଗଡ଼ଖାଇ ଅଛି । ଏହା ମଧ୍ୟରେ ଭୂ-ଗର୍ଭ କୋଠରୀ, ଶତ୍ରୁକୁ ଭ୍ରମିତ କରିବା ପାଇଁ ନକଲି ଦ୍ୱାର, ଅସ୍ତ୍ରାଗାର, ଘୋଡ଼ାଶାଳ, ପୋଖରୀ ଏବଂ କୂଅ ଇତ୍ୟାଦି ରହିଛି । ଏକଦା ରାଜବଂଶ ପାଇଁ ସୁରକ୍ଷିତ ସ୍ଥାନ ଭାବରେ ବ୍ୟବହୃତ ହେଉଥିବା ଏହି ଦୁର୍ଗ ବର୍ତ୍ତମାନ ତେଲେଙ୍ଗାନାର ଅନ୍ୟତମ ପର୍ଯ୍ୟଟକ ଆକର୍ଷଣ ।





## ନିଜାମାବାଦ

ତେଲେଙ୍ଗାନାର ଅନ୍ୟତମ ପ୍ରମୁଖ ସହର ହେଉଛି ନିଜାମାବାଦ । ଗୋଦାବରୀ ନଦୀ କୂଳରେ ଗଢ଼ିଉଠିଥିବା ଏହି ସହର ବିଭିନ୍ନ ମନ୍ଦିର ଏବଂ ଐତିହାସିକ ସ୍ମାରକସ୍ଥଳ ପାଇଁ ପ୍ରସିଦ୍ଧ । ନିଜାମାବାଦରେ ଥିବା ପୋଚାରାମ ହ୍ରଦ ଏବଂ ସଲଗ୍ନ ପୋଚାରାମ ବନ୍ୟଜନ୍ତୁ ଅଭୟାରଣ୍ୟ ଖୁବ୍ ପ୍ରସିଦ୍ଧ ପର୍ଯ୍ୟଟକଙ୍କ ମହଲରେ । ନିଜାମାବାଦ ଦୁର୍ଗ ଓ ନିଜାମ ସାଗର ବନ୍ଧ ସହରର ଅନ୍ୟତମ ଆକର୍ଷଣ । ନିଜାମାବାଦ ଦୁର୍ଗରେ ଜୈନଧର୍ମ ସହ ସଂପୃକ୍ତ ଅନେକ ପୁରୁଣା କଳାକୃତି ସଂରକ୍ଷିତ ହୋଇ ରହିଛି ।

## ସିକନ୍ଦରାବାଦ

ଏହି ସହରର ଅଧିକାଂଶ ଅଂଶ ପାହାଡ଼ିଆ । କେତେକ ଅଂଶ ସଂପୂର୍ଣ୍ଣ ପାହାଡ଼ ଉପରେ ଅବସ୍ଥିତ । ଏଠାରେ ଦେଖିବା ଭଳି ଅନେକ କିଛି ଅଛି । ସ୍ୱେନୀୟ ଗିର୍ଜାଠାରୁ ଆରମ୍ଭ କରି ରାଷ୍ଟ୍ରପତି ନିଳୟମ୍, ତ୍ରିମୁଲ୍‌ଘେରି ଦୁର୍ଗ, ଉଜ୍ଜାନୀ ମହାଙ୍କାଳି ମାତା ମନ୍ଦିର, ସୟେଦାନୀ ମା' କବର ଏବଂ ଅନେକଗୁଡ଼ିଏ ମସ୍‌ଜିଦ ରହିଛି ଏଠାରେ ।



## ଚୌମହଲା ପ୍ରାସାଦ

ଚୌମହଲା ପ୍ରାସାଦ ହାଇଦ୍ରାବାଦ ନିଜାମମାନଙ୍କ ଔପଚାରିକ ବାସଭବନ । ଇରାନର ତେହେରାନ୍‌ଠାରେ ଥିବା ଶାହା ପ୍ରାସାଦ ସହ ଏହାର ଶୈଳୀରେ ଅନେକ ସାମଞ୍ଜସ୍ୟ ରହିଛି ।

## ଆଦିଲାବାଦ

ତେଲେଙ୍ଗାନାର ଦ୍ୱିତୀୟ ବୃହତ୍ତମ ସହର ହେଉଛି ଆଦିଲାବାଦ । ଏହି ସହର ଖ୍ୟାତ ନିଜର ହସ୍ତକଳା ପାଇଁ । ଏହି ସହର ସଂଲଗ୍ନ କାଓ୍ୱାଲ ବନ୍ୟଜନ୍ତୁ ଅଭୟାରଣ୍ୟରେ ଅନେକ ବିରଳ ଜୀବଜନ୍ତୁ ଅଛନ୍ତି । ଭାରତର ଅନ୍ୟତମ ବିଖ୍ୟାତ ସରସ୍ୱତୀ ମନ୍ଦିର, ବସର ସରସ୍ୱତୀ ମନ୍ଦିର ଏହି ସହରରେ ରହିଛି । ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଶିଶୁ ଏହି ମନ୍ଦିରରେ ବିଦ୍ୟାରମ୍ଭ କରନ୍ତି ।

## କରିମନଗର

କରିମନଗର ଗୋଦାବରୀ ନଦୀର ଏକ ଶାଖା ନଦୀ କୂଳରେ ଗଢ଼ିଉଠିଛି । ନିଜାମଙ୍କ ଶାସନ ସମୟରେ ଏହି ସହରରେ ବିଭିନ୍ନ ଦୁର୍ଗ ନିର୍ମିତ ହୋଇଥିଲା। ଏହା ମଧ୍ୟ ଇଲଗଣ୍ଡଲ ଦୁର୍ଗ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହି ସହର ଆଧ୍ୟାତ୍ମିକ ତୀର୍ଥ ଯାତ୍ରା ପାଇଁ ମଧ୍ୟ ପ୍ରସିଦ୍ଧ । କାରଣ ଏଠାରେ ବହୁ ପୂରାତନ ଏବଂ ପ୍ରସିଦ୍ଧ ମନ୍ଦିର ରହିଛି । ଏହା ତେଲେଙ୍ଗାନାର ଚତୁର୍ଥ ଜନବହୁଳ ସହର ।

## ଖମାମ

ଖମାମ ପାହାଡ଼ର ନାଁ ଅନୁଯାୟୀ ଏହି ସହରର ନାମ ହୋଇଛି ଖମମ । ଏହି ସହର କୋଇଲା ଖଣି ପାଇଁ ପ୍ରସିଦ୍ଧ । ଏହି ସହରରେ ଥିବା କିନେରାସାନି ବନ୍ୟଜୀବ ଅଭୟାରଣ୍ୟ ମଧ୍ୟ ଖୁବ୍ ଖ୍ୟାତ ପର୍ଯ୍ୟଟକମାନଙ୍କ ମଧ୍ୟରେ ।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୯ ଜାନୁଆରୀ ୨୦୨୬ । ସୋମବାର

## ଆଶ୍ରମ ଉଚ୍ଚ ବାଳିକା ବିଦ୍ୟାଳୟର ବାର୍ଷିକୋତ୍ସବ

**ଖଜୁରୀପଡା/ଫୁଲବାଣୀ,୧୮।୧ ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଅନ୍ତର୍ଗତ ଦୁତିପଡା ଆଶ୍ରମ ଉଚ୍ଚ ବାଳିକା ବିଦ୍ୟାଳୟ ତାର ୨୧ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରଶ୍ମିତା ତ୍ରିପାଠୀଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ଖଜୁରୀପଡା ବ୍ଲକ ଅଧକ୍ଷା ସୁଶ୍ରୀ ଅନିମା କହଁର ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ରାତିରଞ୍ଜନ ସାହୁ ଏବଂ ବରେଣ୍ୟ ସନ୍ନମାନ୍ୱିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଜାନକୀ ଯାନୀ, ସଭାପତି ବରୁଣ କହଁର, ଶିକ୍ଷାନୁଷ୍ଠାନର ବରିଷ୍ଠ ଶିକ୍ଷକ ମାନସ ରଞ୍ଜନ ପ୍ରଧାନଙ୍କ ସମେତ ଲମ୍ବାଗୁଡରି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁମାର ପାଢ଼ୀ ପ୍ରମୁଖ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରଶ୍ମିତା ତ୍ରିପାଠୀ ବରେଣ୍ୟ ଅତିଥିମାନଙ୍କ ଆଗରେ ବିବରଣୀ ପାଠ କରିଥିଲେ । ବାର୍ଷିକ ଉତ୍ସବରେ ଅନ୍ତେବସିନିମାନେ ସକ୍ରିୟ ଅଂଶଗ୍ରହଣ କରିଥିବାରୁ ସମସ୍ତେ ଖୁସି ବ୍ୟକ୍ତ କରିଥଲେ । ଏହାପରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀ ସୁବ୍ରତ ଅତି ସୁନ୍ଦର ଭାବେ ଉତ୍ସବ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ମଞ୍ଚ ପରିଚ଼ାଳନା କରିଥିଲେ ।

## ଓଡ଼ିଶା କୃଷକ ବିକାଶ ପରିଷଦର କର୍ମକର୍ତ୍ତା ନିର୍ବାଚନ

**ରାଜନଗର,୧୮।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗରବ୍ଲକ ମା'ମାଟିଆ ମଙ୍ଗଳା ପୀଠରେ ଓଡ଼ିଶା କୃଷକ ବିକାଶ ପରିଷଦ କର୍ମ କର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ବୈଠକରେ ମୁଖ୍ୟ ଅତିଥିଭାବେ ଅକ୍ଷୟ କୁମାର ସାମଲ, ଓଡିଶା କୃଷକ ବିକାଶ ପରିଷଦର ପ୍ରଶାନ୍ତ କୁମାର ପାତ୍ର ଓ ପଟ୍ଟାମୁଣ୍ଡାଇ ରାଜନଗର ସଂଯୋଜିକା ତୃପ୍ତି ମୟୀ ତ୍ରିପାଠୀ ଯୋଗ ଦେଇଥିଲେ । ଏହି ବୈଠକରେ ରାଜନଗର ମଣ୍ଡଳରୁ ୧୫ରୁ ଉର୍ଦ୍ଧ୍ୱ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ । ରାଜନଗର ମଣ୍ଡଳରୁ ସଭାପତି ଭାବେ କୈଳାସ ଚନ୍ଦ୍ର ରାଉତ, ଉପସଭାନେତ୍ରୀ ଅନୁସୁୟା ମାହାନ୍ତି ସମ୍ପାଦିକା ଆଶାଲତା ଦାସ, ସହ ସମ୍ପାଦକ ଅମୂଲ୍ୟ ବିଶ୍ୱାଳ, ସହ ସମ୍ପାଦିକା ପୁଷ୍ପଲତା ଖମାରୀ, କୋଷାଧ୍ୟକ୍ଷ ନିର୍ମଳା ଲେଙ୍କା ନିର୍ବାଚିତ ହୋଇଥିଲେ । କୃଷକମାନଙ୍କ ସବୁ ସମସ୍ୟା ଦୂରୀକରଣ, କୃଷକ ଜନ ସେବା କେନ୍ଦ୍ର ଖୋଲିବା, କୃଷକମାନଙ୍କୁ କୃଷି ଯନ୍ତ୍ରପାତି ଯୋଗାଇଦେବା ସରକାରଙ୍କ ଦାବି କରିବା ସହିତ କୃଷକମାନଙ୍କ ସହିତ ରହି କାମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ସଂଘ ତରଫରୁ କର୍ମକର୍ତ୍ତା ଓ ଅତିଥି ସଭ୍ୟା ସଭ୍ୟମାନଙ୍କୁ ଆପ୍ୟାୟିତ କରଯାଇଥିଲା । ଶେଷରେ ସଭାପତି ଶ୍ରୀ ରାଉତ ଧନ୍ୟବାଦ ଦେଇଥିଲେ ।

## ମାର୍ଶାଘାଇ କଲେଜ୍‌ରେ ବାର୍ଷିକ କ୍ରୀଡ଼ା

**ମାର୍ଶାଘାଇ,୧୮।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ମହାବିଦ୍ୟାଳୟ ଖେଳପଡ଼ିଆରେ କ୍ରୀଡାସଂସଦ ଆନୁକୂଲ୍ୟରେ କ୍ରମାଗତ ଦୁଇଦିନ ଧରି ୩୪ତମ ବାର୍ଷିକ କ୍ରୀଡ଼ାଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ଼ଃ ଶଶୀକାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନ ସମାରୋହରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱରସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ଼ଃ ଦେବେନ୍ଦ୍ରନାଥ ବେହେରା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅନୀଲ କୁମାର ଦାସ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀର ବ୍ୟକ୍ତିତ୍ୱ ବିକାଶ ତଥା ଚରିତ୍ର ଗଠନରେ କ୍ରୀଡାର ଉପାଦେୟତା ତଥା ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ । କ୍ରୀଡ଼ାସଂସଦର ଉପସଭାପତି ଅଧ୍ୟାପକ ବସନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅନ୍ୟତମ ଉପସଭାପତି ଅଧ୍ୟାପକ ଖଗେଶ୍ୱର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉଭୟ +୨ ଓ +୩ ବରିଷ୍ଠ - କନିଷ୍ଠ ତଥା ବାଳକ ଓ ବାଳିକା ବିଭାଗରେ ୧୦୦ମିଟର, ୨୦୦ମିଟର, ୪୦୦ମିଟର ଦୌଡ ପ୍ରତିଯୋଗିତା, ଉଚ୍ଚଡିଆଁ, ଲମ୍ବଡିଆଁ, ଗୋଳାଫିଙ୍ଗା, ଥାଳିଆଫିଙ୍ଗା, ବର୍ଛାଫିଙ୍ଗା, ମ୍ୟୁଜିକଚେୟାର, କୌତୁକ ପୋଷାକ ପ୍ରତିଯୋଗିତା ହୋଇଥିଲା । ୨୦୨୫-୨୬ ଶିକ୍ଷାବର୍ଷର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ବରିଷ୍ଠ ବାଳକ ବିଭାଗରେ ମନୋଜ କୁମାର ପରିଡ଼ା, ବାଳିକା ବିଭାଗରେ ଲକ୍ଷ୍ମୀପ୍ରିୟା ନାୟକ ଚମ୍ପିଅନ ହୋଇଥିଲା ବେଳେ କନିଷ୍ଠ ବାଳକ ବିଭାଗରେ ରାଜା ଜେନା, ବାଳିକା ବିଭାଗରେ ଜୟଶ୍ରୀ ଦାସ ଚମ୍ପିଅନ ହୋଇଥିଲେ । ମହାବିଦ୍ୟାଳୟର ଦିବଂଗତ ଅଧ୍ୟାପକ ପ୍ରହଲ୍ଲାଦ ଚନ୍ଦ୍ର ରାଉତରାୟଙ୍କ ସ୍ମୃତିରେ ରାଜା ଜେନାଙ୍କୁ ଚମ୍ପିଅନ ଅଫ ଚମ୍ପିଅନ ଟ୍ରଫି ପ୍ରଦାନ କରାଯାଇଥିଲା । କ୍ରୀଡ଼ାଶିକ୍ଷକ ଯତୀନ କୁମାର ମହାନ୍ତିଙ୍କ କ୍ରୀଡ଼ା ପରିଚାଳନାରେ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପରିଶେଷରେ ଅଧ୍ୟାପିକା କାଞ୍ଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଳା ପ୍ରଦର୍ଶନୀ କ୍ରିକେଟ ମ୍ୟାଚ

**ରାଜନଗର,୧୮।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ବଡପଲ୍ଲୀ ମିନି ଷ୍ଟାଡିୟମରେ ଚାଲିଥିବା ୪୪ତମ ରାଜ୍ୟସ୍ତରୀୟ ଚଞ୍ଚଳା କ୍ରିକେଟ ଟ୍ରଫିର ମହିଳା ପ୍ରଦର୍ଶନ ମ୍ୟାଚ ଖୋର୍ଦ୍ଧା ମହିଳା କ୍ରିକେଟ ଟିମ ସହିତ କିଟ ମହିଳା ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖୋର୍ଦ୍ଧା ମହିଳା ଟିମ ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୯ ସଂଗ୍ରହ କରିଥିଲା । ଦଳର ତନଭି ୫୫ ବଲରୁ ୮୩ ରନ କରିଥିଲେ । ୧୬୦ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓଲାହି ଥିବା କିଟ ମହିଳା ଟିମ ୨୦ ଓଭରରେ ୪ ଉଇକେଟ ହରାଇ ୧୪୬ ରନ କରି ପରାଜିତ ହୋଇଥିଲା । ଦଳର ଅଙ୍କିତା ଗିରି ୩୯ ରନ କରିଥିଲେ । ଆଜିର ଏହି ମ୍ୟାଚରେ ମୁଖ୍ୟଅତିଥି ଭାବେ ଯୁବ ନେତା ଦିଲ୍ଲୀପ ରଂଜନ ପାଲ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ତନଭି ରାଜନ୍ନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଖେଳରେ ଭାସ୍ୟକାର ଭାବେ ବିଶ୍ୱଜିତ ମହାପାତ୍ର, ବିଜୟ ବଳ, ଅମ୍ପେୟାର ଭାବେ ନିରଞ୍ଜନ ଦାଶ, ନିରୋଦ ବଳ ଓ ସ୍କୋରର ଭାବେ ପ୍ରକାଶ ସେଠୀ ଦାୟିତ୍ୱ ତୁଲାଇଥିଲେ । ତପନ ପରିଡ଼ା, ଅଭିମନ୍ୟୁ ପ୍ରତିହାରୀ ଓ କମିଟିର ସଦସ୍ୟମାନେ ପରିଚାଳନା କରିଥିଲେ ।

## ଶ୍ରୀ ନୀଳକଣ୍ଠେଶ୍ୱର ହାଇସ୍କୁଲର ବାର୍ଷିକ କ୍ରୀଡା

**ରାଜନଗର,୧୮।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକର ରାଜଗଡ ବାଘତେିଲସ୍ଥିତ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟର ୨୫ତମ କ୍ରୀଡା ଉତ୍ସବ ଦୁଇଦିନ ଧରି ପାଳିତ ହୋଇଯାଇଛି । ପ୍ରଥମେ ଶିବ ମନ୍ଦିରରୁ ଯୋତି ଆସିବା ପରେ ମୁଖ୍ୟଅତିଥି ଭାବେ ସମିତି ସଭ୍ୟ ସଞ୍ଜୟ କୁମାର ସ୍ୱାଇଁ ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦଘାଟନ କରିଥଲେ । କ୍ରୀଡା ଶିକ୍ଷକ ପ୍ରଦୀପ୍ତ କୁମାର ମିଶ୍ର ଦୁଇ ଦିନ ଧରି ନୃତ୍ୟ, ଗୀତ ଅଭିନୟ ସହିତ ମୋଟ ୧୬ଟି ଇଭେନ୍‌ଟରେ ପ୍ରତଯୋଗିତା କରାଇଥିଲେ । ସ୍କୁଲର ସଭାପତି ବୈକୁଣ୍ଠ ବିହାରୀ ବିଶ୍ୱାଳଙ୍କ ଅଧକ୍ଷତା ଓ ସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ପାତ୍ରଙ୍କ ସଂଯୋଜନାରେ ବାର୍ଷିକ ବିବରଣି ପାଠ କରିବା ସହିତ କ୍ରୀଡା ସମ୍ପର୍କରେ ସୂଚନା ଦେଇଥିଲେ । ଉତ୍ସବରେ ଅତିଥି ଭାବେ ଚିତ୍ତରଂଜନ ସାହୁ ସିଆରସିସି, ବକ୍ତା ଭାବେ ସମୀରଣ ମଣ୍ଡଳ ପ୍ରଧାନ ଶିକ୍ଷକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଓସ୍ତା ରାଜ୍ୟ ସମ୍ପାଦକ କାଳୀପ୍ରସାଦ ନାୟକ ଏବଂ ବିଏମ୍ ହାଇସ୍କୁଲ୍ ରାଜକନିକାର ପ୍ରଧାନ ଶିକ୍ଷକ ବିଜୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଅପୂର୍ବ ମିଳନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରଯାଇଥିଲା । ବସନ୍ତ କୁମାର ଭୁୟାଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଉମାକାନ୍ତ ରାଉତ, ନିରାକାର ସ୍ୱାଇଁ, ଶ୍ରୀକାନ୍ତ ସ୍ୱାଇଁ, ଶୁଭ୍ରାଂଶୁ ମୋହନ ଜେନା, ଅକ୍ଷୟ କୁମାର ସ୍ୱାଇଁ, ବୈକୁଣ୍ଠ ବିହାରି ରାଉତ, ଦାମୋଦର ସାହୁ, ଅମର କୁମର ସ୍ୱାଇଁ, କିଶୋର ଚନ୍ଦ୍ର ନାୟକ, ପ୍ରଦୀପ୍ତ କୁମାର ରାଉତ, ସରୋଜ କୁମାର ବେହେରା, ମିହିର କୁମାର ରାଉତ ପ୍ରମୁଖ ସହଯୋଗ କରିଥଲେ ।

# ମଣିଷର ଅହଙ୍କାର କେବଳ ଏକ ମାନସିକ ଭାବନା, ବାସ୍ତବତା ନୁହେଁ

**ଭୁବନେଶ୍ୱର,୧୮।୧ ଏକ୍ସପ୍ରେସ୍ ନ୍ୟୁଜ୍**




ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲରେ ବୁଧବାର ଆୟୋଜିତ ଏକ ସ୍ୱତନ୍ତ୍ର ଅଧିବେଶନରେ ଛାତ୍ର ଏବଂ ଅଧାପକମାନଙ୍କୁ ସମ୍ବୋଧିତ କରିଛନ୍ତି ପ୍ରଖ୍ୟାତ ଦାର୍ଶନିକ ଏବଂ ଲେଖକ ଆଚାର୍ଯ୍ୟ ପ୍ରଶାନ୍ତ ।

ଏହି ଅବସରରେ ସେ କହିଛନ୍ତି ମଣିଷର ଅହଂକାର କେବଳ ଏକ ମାନସିକ ଭାବନା ଏବଂ ବାସ୍ତବତା ନୁହେଁ । ସଫଳତା କିମ୍ବା ସଫଳତା ପାଇଁ ଅହଂକାର ଆବଶ୍ୟକ ବୋଲି ବ୍ୟାପକ ଧାରଣାକୁ ଭୁଲ ବୋଲି କହିଥିଲେ ଆଚାର୍ଯ୍ୟ ପ୍ରଶାନ୍ତ । ଅହଂକାରର ଆବଶ୍ୟକତା ନାହିଁ । ଅହଂକାର ବିନା ସବୁକିଛି ବହୁତ ସୁନ୍ଦର ଭାବରେ ଘଟିପାରେନ୍ତ ବୋଲି ସେ କହିଥିଲେ । ସେ ଆହୁରି କହିଥିଲେ ଯେ ଆଧୁନିକ ଜୀବନ ମୁଖ୍ୟତଃ ଲକ୍ଷ୍ୟ, ସଫଳତା ଏବଂ ଉପଭୋଗ ଉପରେ ସଂରଚିତ । 'ସମସ୍ତେ ସଫଳ ହେବାକୁ ଚାହାଁ । ଅଧିକାଂଶ ଲୋକ ଏହା ପଛରେ ନିଜର ସମଗ୍ର ଜୀବନ ବିତାଇ ଦିଅନ୍ତି' ବୋଲି ସେ କହିଥିଲେ ।

ସେ କହିଥିଲେ ଯେ ଜୀବନର ପ୍ରକୃତ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଆତ୍ମା ଭିତରେ ମୁଁ ର ଅସ୍ଥିର ଭାବନାକୁ ବୁଝିବା । ଏହି ମୁଁ ହେଉଛି ଆଭ୍ୟନ୍ତରୀଣ ଏକାକିତା ଏବଂ ଶୂନ୍ୟତାର ଅନ୍ୟ ଏକ ନାମ । ଏହା ସର୍ବଦା ଅସଂପୂର୍ଣ୍ଣ ଏବଂ ଅସନ୍ତୁଷ୍ଟ । କୌଣସି ପରିମାଣର ସଫଳତା ପ୍ରକୃତରେ ଏହାକୁ ପୂରଣ କରେ ନାହିଁ ବୋଲି ସେ କହିଥିଲେ ।

ପୁସ୍ତକ 'ଟ୍ରୁଥ୍ ୱିଦାଉଟ୍ ଆପୋଲୋଜି'ର ଲେଖକ ଏବଂ ପ୍ରଶା' ଅଦ୍ୱୈତ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଆଚାର୍ଯ୍ୟ ପ୍ରଶାନ୍ତ କହିଛନ୍ତି ଯେ ଅହଂକାରର କୌଣସି ଅସ୍ତିତ୍ୱ ନାହିଁ । ଅହଂକାରକୁ ଏକ ମନସ୍ତାତ୍ତ୍ୱିକ ତ୍ରୁଟି ଭାବରେ ବର୍ଣ୍ଣନା କରି ସେ କହିଛନ୍ତି ଯେ ଏହା ଜଳନ୍ତା କୋଇଲାକୁ ହାତରେ ଧରିବା ଭଳି ସଦୃଶ । ଏହା ନିଜକୁ ହିଁ ଆଘାତ ଦେଇଥାଏ । ଆମେ ତଥାପି ଏହାକୁ ଛାଡୁ ନାହିଁ ।

ଏହି କାର୍ଯ୍ୟକ୍ରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସ୍ ଏବଂ ସମ୍ ହସ୍ପିଟାଲ ଏବଂ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକନୋଲୋଜି (ଏନଆଇଏଫ୍‌ଟି), ଭୁବନେଶ୍ୱର ଦ୍ୱାରା ମିଳିତ ଭାବରେ ଆୟୋଜିତ ହୋଇଥିଲା । ଏହି ଅବସରରେ ଆଚାର୍ଯ୍ୟ ପ୍ରଶାନ୍ତଙ୍କୁ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଏବଂ ଭୁବନେଶ୍ୱର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକନୋଲୋଜି (ଏନଆଇଏଫ୍‌ଟି)ର ପ୍ରଫେସର ଗୌତମ ସାହା ସମ୍ମାନିତ କରିଥିଲେ ।

## ଅନନ୍ତ ପାଣିଙ୍କ ସ୍ମୃତିଚାରଣ

**କଟକ,୧୮।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସଦର ଥାନା ଅନ୍ତର୍ଗତ ଓ ସିଏମ୍‌ସି ୫୬ ୱାର୍ଡ ନମ୍ବର ଅଧୀନ ବାଲିକୁଦା ନୂଆବଜାର ନିବାସୀ, ମିଷ୍ଟଭାଷୀ, ପରୋପକାରୀ ଅନନ୍ତ କୁମାର ପାଣିଙ୍କ ଏକଦଶାହ ଉପଲକ୍ଷେ କଲ୍ୟାଣ ମଣ୍ଡପ ଠାରେ ଏକ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ଇତିରେ ବାଲିକୁଦା ଗ୍ରାମକମିଟିର ସଭାପତି ସନ୍ଦୀପ ବେଉରା, ସଂପାଦକ ଶରତଚନ୍ଦ୍ର ଭୂୟାଁ, ସମାଜସେବୀ ସୁକାନ୍ତ ସେଠୀ, ବିଜେଡି ନେତା ପ୍ରମୋଦ କୁମାର ମହାପାତ୍ର, ଅରବିନ୍ଦ ପଟ୍ଟନାୟକ ପୂର୍ବତନ କର୍ପୋରେଟର ରାଜକୁମାରୀ ସ୍ୱାଇଁ, ନିର୍ମଳ ସାହୁ, ବିଜୟ ସାହୁ, ବସନ୍ତ କୁମାର ପାଣି, ଅଜୟ ସ୍ୱାଇଁ, କମାଲାକାନ୍ତ ସାହୁ, ଚୈତନ୍ୟ ପ୍ରଧାନ, ରଞ୍ଜୁଶ୍ରୀ ପଟ୍ଟନାୟକ, ପବିତ୍ର ସ୍ୱାଇଁ, ମନୋରଞ୍ଜନ ପଣ୍ଡାୟତ, ଜଗନ୍ନାଥ ନାୟକ, ଅଶୋକ ପଟ୍ଟନାୟକ, ବିନୋଦିନୀ ବେଉରା, ବିନୋଦିନୀ ମହାପାତ୍ର, ପୁଷ୍ପଲତା ସ୍ୱାଇଁ, କାଶୀନାଥ ସାହୁଙ୍କ ଆଚାର୍ଯ୍ୟ ହରିହର ବିଦ୍ୟାପୀଠର ୧୯୭୮ ମସିହା ବ୍ୟାଚର ଛାତ୍ର/ଛାତ୍ରୀ, ତେଲେଙ୍ଗାପେଣ୍ଠ ଅରବିନ୍ଦ ଶିକ୍ଷାକେନ୍ଦ୍ରର ଅପା ଓ ଭାଇମାନଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ ।

# ଆର୍ଥିକ ସାକ୍ଷରତା ଏବଂ ଅନ୍ତର୍ଭୂକ୍ତିକରଣ ଶିବିର



**ବ୍ରହ୍ମପୁର,୧୮।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରହ୍ମପୁର ଉପଖଣ୍ଡ ପ୍ରଶାସନର ଉପ-ଜିଲ୍ଲାପାଳ ଅବିନାଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ସଞ୍ଚୟ ଏବଂ ଆର୍ଥିକ ସେବା ବିଭାଗ ପକ୍ଷରୁ ଦୁଇ ଗୋଟି ଆର୍ଥିକ ସାକ୍ଷରତା ଶିବିର ୧୭ ତାରିଖରେ ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାଲିଆଝୋଲା ଏବଂ ରଘୁନାଥ ଉଚ୍ଚ ବିଦ୍ୟାଳୟ ପି.ରାମଚନ୍ଦ୍ରପୁର ଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ, ସ୍ୱାଭିମାନ ସାହୁ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ କ୍ଲଷ୍ଟର ସିଆରସିସି, ଦିଲୀପ କୁମାର ପ୍ରଧାନ, ପି ରାମଚନ୍ଦ୍ରପୁର ପୋଷ୍ଟମାଷ୍ଟର ଶାନ୍ତନୁ ମହାପାତ୍ର, ଭାଲିଆଝୋଲା ପୋଷ୍ଟମାଷ୍ଟର, ଭାଲିଆଝୋଲା ସରପଞ୍ଚ ଯୋଗ ଦେଇଥିଲେ । ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା, ସୁରକ୍ଷିତ ସଞ୍ଚୟ, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ବୀମା, ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଉପକାରିତା, ସାଇବର୍ ଫ୍ରଡ୍ ସମ୍ବନ୍ଧରେ ଆଲୋଚନା କରଯାଇଥିଲା । ଶିବିରରେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ । ଶେଷରେ ସମସ୍ତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ମଧ୍ୟ କରାଯାଇଥିଲା ।

## ସାଧାରଣତନ୍ତ୍ର ଦିବସ ଲାଗି ପ୍ରସ୍ତୁତି

**ଖଣ୍ଡପଡ଼ା,୧୮।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ତହସିଲସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଖଣ୍ଡପଡ଼ା ସହରାଞ୍ଚଳର ସମସ୍ତ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବିଭିନ୍ନ ପ୍ରତିଯୋଗିତା ଓ ସମ୍ମିଳିତ ପ୍ୟାରେଡରେ ଅଂଶଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ସର୍ବସମ୍ମତି ପ୍ରସ୍ତାବକ୍ରମେ କମିଟିର ସଦସ୍ୟ ଭାବେ ବିଭିନ୍ନ ପ୍ରଶାସନିକ ଅଧିକାରୀମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷଙ୍କୁ ଅଭ୍ୟର୍ଥନା କମିଟିର ମୁଖ୍ୟ ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କୁ କମିଟିର ସ୍ଥାୟୀ ସଂପାଦକ ଭାବେ ଚୟନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଅତିରିକ୍ତ ତହସିଲଦାର ରୀନାରାଣୀ ସ୍ୱାଇଁ, ଖଣ୍ଡପଡ଼ାର ପ୍ରଥମ ନଗରପାଳ କିଶୋର ଚନ୍ଦ୍ର ଦାଶ, ଆଞ୍ଚଳିକ ସାମ୍ବାଦିକ ସଂଘ ସଭାପତି ବିନାୟକ ମିଶ୍ର, କୋଷାଧକ୍ଷ ଶାନ୍ତି ଶେଖର ରଥ, ବରିଷ୍ଠ ସାମ୍ବାଦିକ ବିନୋଦ କୁମାର ମହାପାତ୍ର, ରାମଚନ୍ଦ୍ର ଦାଶ, ଚିତ୍ତରଞ୍ଜନ ମିଶ୍ର, ଅଧ୍ୟାପକ ଡଃ ଅଜିତ କୁମାର ବସନ୍ତରାୟ ଓ ସରକାରୀ କର୍ମଚାରୀମାନେ ଉକ୍ତ ବୈଠକରେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ ।

# କାମଚଳା ଅଧିକାରୀଙ୍କୁ ନେଇ ଚାଲିଛି ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ

**ଖଣ୍ଡପଡ଼ା,୧୮।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ସହରର ୧୨ନଂ ୱାର୍ଡସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟଟି ଏକରକମ ସ୍ଥାଣୁ ପାଲଟିଥିବା ଅଭିଯୋଗ ହେଉଛି । ଗତ ୬ ମାସ ହେଲା ଜଣେ କାମଚଳା ଅଧିକାରୀଙ୍କୁ ନେଇ ଉକ୍ତ କାର୍ଯ୍ୟାଳୟଟି ଯଥାକଥା ରୀତିରେ ଚାଲିଥିବା ବେଳେ ସଂପୃକ୍ତ ଅଧିକାରୀ ଜଣଙ୍କ କାର୍ଯ୍ୟାଳୟକୁ ନତୁବା କ୍ଷେତ୍ର ପରିଦର୍ଶନରେ ନଆସି ନୟାଗଡ ରହି ଫାଇଲ ପତ୍ର ଚାଷ କରୁଥିବା ପ୍ରଶାସନ ସୁତ୍ରରୁ ଜଣାପଡିଛି । ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବା ବେଳେ ଏଠାରେ ଜଣେ ଦକ୍ଷ ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ନିଯୁକ୍ତି ଦିଆନଯିବା ପଛର ରହସ୍ୟ କଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଉକ୍ତ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଅଧିକାରୀ ଜଣକ କ୍ଷେତ୍ର ପରିଦର୍ଶନରେ ଆସୁନଥିବା ବେଳେ ଠିକାଦାରଙ୍କ ସହ ହାତ ମିଳାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦ ବିଲ୍ ପାସ କରୁଥିବା ଅଭିଯୋଗ ହେଉଛି । ବିଭାଗୀୟ ଅଧିକାରୀଙ୍କ ଠିକାଦାର ପ୍ରିତୀକୁ ନେଇ ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଞ୍ଚଳରେ ଆଲୋଚନା ହେଉଥିବା ବେଳେ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚାଲିଥିବା ରାସ୍ତାଘାଟର ଉନ୍ନତିକରଣ, କୋଠାବାଡି ନିର୍ମାଣରେ ଠିକାଦାରଙ୍କ ଏକରକମ ରାଜ ଚାଲିଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଉକ୍ତ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟକଳାପ ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଭିଜିଲାନ୍ସ ବିଭାଗ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି ।

# ଖୋଲିଲା ଧାନ ମଣ୍ଡି



**ନିଆଳି,୧୮।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ବ୍ଲକର ତିନୋଟି କୃଷି ସେବା ସମବାୟ ସମିତିର ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି । ବହାରଣା କୃଷି ସେବା ସମବାୟ ସମିତିର ଧାନ ମଣ୍ଡି ସମ୍ପାଦକ ନିର୍ମଳ ଜେନାଙ୍କ ତତ୍ୱାବଧାନରେ ସଭାପତି ସୁବିନୟ ପରିଡାଙ୍କ ସଭାପତିତ୍ୱରେ କ୍ରୟ କମିଟି ସଭାପତି ଗିରିଶ ଚନ୍ଦ୍ର ପ୍ରଧାନ ଉଦଘାଟନ କରିଥିଲେ । ଉଦଘାଟନ ସମୟରେ ଦ୍ରୋଣାଚାର୍ଯ୍ୟ ନାୟକ, ତୁଷାର ମହାନ୍ତି, ଜଟିନ୍ଦ୍ର ସ୍ୱାଇଁ, ଅଶୋକ ରାୟ ଓ ଆରାଧ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ୨୬ଜଣ ଚାଷୀଙ୍କ ଠାରୁ ୯୧୬କୁଇଣ୍ଟାଲ ଧାନ କ୍ରେୟ କରାଯିବାକୁ ଥିବାବେଳେ ଏହି ସମବାୟ ସମିତିର ୮୫୩ ଜଣ ଚାଷୀଙ୍କ ନିକଟରୁ ୩୨ହଜାର କୁଇଣ୍ଟାଲ ଧାନ କ୍ରୟ କରାଯିବ । ବିନିଶପୁର କୃଷି ସେବା ସମବାୟ ସମିତିର ସମ୍ପାଦକ ସୁନୀଲ କୁମାର ରାୟଙ୍କ ସଭାପତିତ୍ୱରେ ଧାନ ମଣ୍ଡିକୁ ନିର୍ଦ୍ଦେଶକ ମଣ୍ଡଳୀ ସଭ୍ୟ ନାରାୟଣ ସ୍ୱାଇଁ, ବିଚିତ୍ରନନ୍ଦ ପରିଡା, ଅରୁଣ ରାଉତ, ବୃନ୍ଦାବନ ସ୍ୱାଇଁ ପ୍ରମୁଖ ଉଦଘାଟନ କରିଥିଲେ । ରୀନା ମିଶ୍ର, ତ୍ରିଲୋଚନ ପାଣି, ରାମ ଚନ୍ଦ୍ର ପରିଡା, ପାବନୀ ସ୍ୱାଇଁ, ପ୍ରତାପ ବେହେରା ଓ କୈଳାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ମଣ୍ଡିର ପ୍ରଥମ ଦିବସରେ ୨୪ଜଣ ଚାଷୀଙ୍କ ନିକଟରୁ ୭୩୫ କୁଇଣ୍ଟାଲ ଧାନ କ୍ରୟ କରାଯିବ । ସେହିପରି ଏହି ସମବାୟ ସମିତିରୁ ମୋଟ ୫୪୬ ଜଣ ଚାଷୀଙ୍କ ନିକଟରୁ ୧୬ହଜାର କୁଇଣ୍ଟାଲ ଧାନ ଚଳିତ ଖରିଫ ଋତୁରେ କ୍ରୟ କରାଯିବ । ସେହି ପରି ପହଙ୍ଗା ସେବା ସମବାୟ ସମିତିର ଧାନ ମଣ୍ଡିକୁ ସମ୍ପାଦକ ସତ୍ୟ ରଂଜନ ବିଶ୍ୱାଳଙ୍କ ତତ୍ୱାବଧାନରେ ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ଦାସ, ଏସଆରସିଏସ ଶିଳ୍ପା ଜେନା, ସଂଜୀବ ଜେନା ପ୍ରମୁଖ ଉଦଘାଟନ କରିଥିବା ବେଳେ ସମିତି ସଭାପତି ପରମାର୍ଥ ଦାସ, ରବିନ୍ଦ୍ର କୁମାର ବାରିକ, ନଟବର ମହାନ୍ତି, ବିଷ୍ଣୁ ଚରଣ ମହାନ୍ତି, ପରେଶ ଚନ୍ଦ୍ର ସ୍ୱାଇଁ, ଶରତ ଚନ୍ଦ୍ର ପ୍ରଧାନ, ଶାନ୍ତି ଲତା ରାୟ ପ୍ରମୁଖ ଉପସ୍ଥିତ ଥିଲେ । ୧୨ଜଣ ଚାଷୀଙ୍କ ନିକଟରୁ ୪୨୦କୁଇଣ୍ଟାଲ ଧାନ କ୍ରୟ କରାଯାଇଛି । ସେହିପରି ଏହି ସମିତିର ୧୮ଜଣ ଚାଷୀ ୫୬୦ କୁଇଣ୍ଟାଲ ଧାନ କ୍ରୟ କରାଯିବାର ଲକ୍ଷ୍ୟ ରହିଛି ।

# ମିଡ଼ିଆ କେୟାର୍ସ ପକ୍ଷରୁ ସାଧାରଣ ପରିଷଦ

**ରାୟଗଡ଼ା,୧୮।୧ ଏକ୍ସପ୍ରେସ୍ ନ୍ୟୁଜ୍**



ରାୟଗଡ଼ା ଜିଲ୍ଲା ମିଡ଼ିଆ କେୟାର୍ସ ପକ୍ଷରୁ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ବୈଠକରେ ଜିଲ୍ଲାର ସମସ୍ତ ୧୧ ବ୍ଲକ ଓ ତିନି ସହରରେ କାର୍ଯ୍ୟରତ ୨୦୦ ଜଣ ସାମ୍ବାଦିକ ଏଥିରେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମିଡ଼ିଆ କେୟାର୍ସ ରାଜ୍ୟ ସଭାପତି ଭକ୍ତ ତ୍ରିପାଠୀ ଯୋଗଦାନ କରିଥିଲେ । ଏଥିସହ ରାଜ୍ୟର ବରିଷ୍ଠ ସାମ୍ବାଦିକ ଶୁଭଦର୍ଶିନି ମିଶ୍ର, ରଞ୍ଜନ କୁମାର ଦାସ, ନାରାୟଣ ସାହୁ, ସମୀର ଆଚାର୍ଯ୍ୟ, ବାଲାଜି ସାହୁ, ଭବାନୀ ମିଶ୍ର, ରାଜେନ୍ଦ୍ର କୁମାର ଦାସ, ସତ୍ୟଜିତ ମହାନ୍ତି, ପବିତ୍ର ମୋହନ ସେଠୀ, ଉତ୍ତମ ନାୟକ ଯୋଗଦାନ କରିଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ମିଡ଼ିଆ କେୟାର୍ସ ସଭ୍ୟ ଓ ସଭ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୋଆ ଲୋକସମ୍ପର୍କ ଅଧିକାରୀ ଶୁଭଦର୍ଶିନି ମିଶ୍ର ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କରେ ସୂଚନା ଦେଇଥିଲେ । ସୋଆ ପରିଚାଳନା ନିର୍ଦ୍ଦେଶକ କିଭଳି ସେବା ପ୍ରଦାନ କରିଥିଲେ ଓ ସହାୟତା ହାତ ବଢ଼ାଇଥିଲେ ତାହାର ସୂଚନା ଦେଇଥିଲେ । ମିଡ଼ିଆ କେୟାର୍ସ ଜିଲ୍ଲା ସଭାପତି ବାଦଲ କୁମାର ତା ବୈଠକରେ ଅଧକ୍ଷତା କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏଥିସହ ଜିଲ୍ଲାର ସାମ୍ବାଦିକଙ୍କ ପାଇଁ ସଂଗଠନ ପକ୍ଷରୁ ଗ୍ରହଣ ହୋଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଏଣେ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ । ସାଧାରଣ ସମ୍ପାଦକ ରଞ୍ଜନ କୁମାର ରଥ ସମ୍ପାଦକୀୟ ବିବରଣୀ ପ୍ରଦାନ କରିବା ସହ କରୋନା କାଳରେ କେଉଁଭଳି ସହାୟତା ସାମ୍ବାଦିକଙ୍କୁ ପ୍ରଦାନ ହୋଇଥିଲା ତାହାର ସୂଚନା ଦେଇଥିଲେ । ଏହି ଅବସରରେ ମିଡ଼ିଆ କେୟାର୍ସ ରାଜ୍ୟ ସଭାପତି ଶ୍ରୀ ତ୍ରିପାଠୀ ମିଡିଆ କେୟାର୍ସ ଗଠନ ସମ୍ପର୍କରେ ସୂଚନା ଦେଇଥିଲେ । ଏଣେ କରୋନା ଠାରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ସମ୍ ହସ୍ପିଟାଲ ଆମକୁ କିଭଳି ସାହାଯ୍ୟ ପ୍ରଦାନ କରୁଛି ତାହାର ସୂଚନା ଦେଇଥିଲେ । ଏହି ଅବସରରେ ସୋଆ ପରିଚାଳନା ନିର୍ଦ୍ଦେଶକ ମନୋଜ ରଞ୍ଜନ ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ଭକ୍ତ । କରୋନା ସମୟରେ ମିଡିଆ କେୟାର୍ସ ଗଠନର ପରିକଳ୍ପନା କରାଯାଇଥିଲା । ଆଜି ରାଜ୍ୟର ସମସ୍ତ ଜିଲ୍ଲାରେ ଏହା ଗଠନ ହୋଇଛି ବୋଲି ସୂଚନା ଦେଇଥିଲେ । ଗୋଷ୍ଠୀ ବୀମା କରିବାକୁ ପରାମର୍ଶ ଦେଇଥିଲେ । ବୈଠକରେ ବରିଷ୍ଠ ସଭ୍ୟ ରଶ୍ମି ରଞ୍ଜନ ଦୋରା ମଞ୍ଚ ପରିଚାଳନା କରିଥିବା ବେଳେ ଗୋପ ରଞ୍ଜନ ବକ୍ସିପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ମହାବିଦ୍ୟାଳୟରେ ଆନ୍ତର୍ଜାତୀୟ ପାଠ୍ୟକ୍ରମ

**ନିଆଳି,୧୮।୧ ଏକ୍ସପ୍ରେସ୍ ନ୍ୟୁଜ୍**



ନିଆଳି ମହାବିଦ୍ୟାଳୟ, ନିଆଳିର ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ଅପରାହ୍ନରେ 'ଜୀବ ବିଜ୍ଞାନର ସାମ୍ପ୍ରତିକ ଅଗ୍ରଗତି' ବିଷୟରେ ଏକ ଆନ୍ତର୍ଜାତୀୟ ପାଠ୍ୟକ୍ରମରେ ଅତିରିକ୍ତ ଆମନ୍ତ୍ରିତ ବକ୍ତୃତା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା ।

କାର୍ଯ୍ୟକ୍ରମର ଆରମ୍ଭ ଆମନ୍ତ୍ରିତ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ସହ କରାଯାଇଥିଲା ଏବଂ ପରେ ରାଜ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା । ପ୍ରାଧ୍ୟାପକ ବିଭୁ ପ୍ରସାଦ ବିଶ୍ୱାଳଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନାକ୍ ସଂଯୋଜକ ଦିଲୀପ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ସହ ଶିକ୍ଷାମୂଳକ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ଡ଼. ସତ୍ୟ ନାରାୟଣ ସାହୁ ଆଲୋଚ୍ୟ ପ୍ରସଙ୍ଗ ବିଷୟରେ ଓ ଆଧୁନିକ ଜୀବ ବିଜ୍ଞାନରେ ଗବେଷଣାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ପ୍ରମୁଖ ବକ୍ତା ଭାବେ ଡ଼. ଦୀପକ କୁମାର ସାହୁ, ରିସର୍ଚ୍ଚ ସାଇଣ୍ଟିଷ୍ଟ-୩, ଆଇଓୱା ଷ୍ଟେଟ୍ ବିଶ୍ୱବିଦ୍ୟାଳୟ, ଯୁକ୍ତରାଷ୍ଟ୍ର, ଆମେରିକା,'ଜୀବ ବିଜ୍ଞାନରେ ସାମ୍ପ୍ରତିକ ଉନ୍ନତି ଓ ଭବିଷ୍ୟତ ସମ୍ଭାବନା 'ବିଷୟରେ ଗଭୀର ଓ ତଥ୍ୟବହୁଳ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ଶେଷରେ ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା । ଏହି ସଭାରେ ଅଧ୍ୟାପିକା ପ୍ରିୟଦର୍ଶିନୀ ଲେଙ୍କା ଧନ୍ୟବାଦ ଜ୍ଞାପନ କରିଥିଲେ ଏବଂ ସଭାର ସଭାପତି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର, ଅଧ୍ୟାପିକା ସୁନୀତା ପରିଡ଼ା, ଅଧ୍ୟାପିକା ରଶ୍ମିତା ପାଢ଼ୀ, ପରୀକ୍ଷାଗାର କର୍ମଚାରୀ ରାମେଶ୍ୱର ମହାନ୍ତି ଓ ପ୍ରାଣୀ ବିଜ୍ଞାନ ବିଭାଗର ସମସ୍ତ ଛାତ୍ରଛାତ୍ରୀଙ୍କ ଭାରି ଉପସ୍ଥିତି କାର୍ଯ୍ୟକ୍ରମକୁ ସଫଳ କରିଥିଲା । ଏହି ସଭାକୁ ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ରୀ ସ୍ୱାତୀ ତ୍ରିପାଠୀ ଓ ସୋନାଲି ସାହୁ ସଂଯୋଜନା କରିଥିଲେ ।

# ବିଦ୍ୟାଳୟରେ ଶୀତ କାଳୀନ ଶିବିର




**କାକଟପୁର,୧୮।୧ ଏକ୍ସପ୍ରେସ୍ ନ୍ୟୁଜ୍**

କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରୀଗାଁ ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶୀତକାଳୀନ ସାତଦିନିଆ ସ୍ୱତନ୍ତ୍ର ଶିବିର ଅଧ୍ୟକ୍ଷ ବିଜୟ କୁମାର ମୁଦୁଲିଙ୍କ ସଭାପତିତ୍ୱରେ ଉଦଘାଟିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟଅତିଥି ଭାବେ ମଙ୍ଗଳା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ଼ଃ ସଂଗ୍ରାମ ଛାଟୋଇ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ମଙ୍ଗଳା ମହାବିଦ୍ୟାଳୟର ଉମାକାନ୍ତ ଦାସ, ଜାତୀୟ ସେବା ଯୋଜନାର ପୂର୍ବତନ କାର୍ଯ୍ୟକାରୀ ଅଧିକାରୀ ଉମାକାନ୍ତ ଦାସ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କାମଦେବ ରାଉତ, ସୁରେନ୍ଦ୍ର କୁମାର ମାଣିକ ଯୋଗଦେଇ ଶିବିରାର୍ଥିମାନଙ୍କୁ ଜାତୀୟ ସେବା ଯୋଜନାର ବିଶେଷତ୍ୱ ବିଷୟରେ ଜଣାଇଥିଲେ । ଅଶୋକ ସାର, ସୁକାନ୍ତ ସାର, ନଳିନୀ ମାଡାମ, ସ୍ୱାଧୀନ ବାବୁ ପ୍ରମୁଖ ସହଯୋଗ କରିଥିଲେ । ଏହାକୁ ଜାତୀୟ ସେବା ଯୋଜନା ର ଅଧିକାରୀ ଉମାଶଙ୍କର ନାୟକ ପରିଚାଳନା କରିଥିଲେ । ଏହି ଶୀତ କାଳୀନ ସ୍ୱତନ୍ତ୍ର ଶିବିର ସାତ ଦିନ ଧରି ଚାଲୁରହିବ ବୋଲି ଶିବିର ପରିଚାଳକ ଜଣାଇଛନ୍ତି ।

# ମହାବିଦ୍ୟାଳୟ ପକ୍ଷରୁ ସଡକ ସୁରକ୍ଷା




**ଖୋର୍ଦ୍ଧା,୧୮।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରାଣନାଥ ମହାବିଦ୍ୟାଳୟର ରୋଭର୍ସ ରେଞ୍ଜର୍ସ ୟୁନିଟ ଓଡିଶା ସରକାରଙ୍କ ଭାରତ ସ୍କାଉଟ ଏବଂ ଗାଇଡ଼ ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ରୋଭର୍ସ ରେଞ୍ଜର୍ସ ୟୁନିଟ୍ର ଛାତ୍ର ଛାତ୍ରୀମାନେ କଲେଜ ପରିସରରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରି ଖୋର୍ଦ୍ଧା ବାଇପାସ ପର୍ଯ୍ୟନ୍ତ ପଥଚାରିମାନଙ୍କୁ ସଡକ ସୁରକ୍ଷାର ଆବଶ୍ୟକତା ଉପରେ ସଚେତନତା କରାଇଥିଲେ । ଏହି କାର୍ଯ୍ୟକ୍ରମରେ ରୋଶନ ପରୱାନ, ସୋମେଶ କୁମାର ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ସାହୁ, ସାଗରିକା ହାତୀ, ସୌରଭ ପୃଷ୍ଟି, ରାଜେଶ ବହାଦୁର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ରାସ୍ତାରେ ଯାଉଥିବା ପଥଚାରିମାନଙ୍କୁ ନିଜ ଭାଷାରେ ସଡକ ସୁରକ୍ଷା ଉପରେ ସୁନ୍ଦର ବାର୍ତ୍ତା ମଧ୍ୟ ପ୍ରଦାନ କରୁଥିଲେ ଯେ ପ୍ରଥମେ ଜୀବନ, ପରେ ଗତି, ଗତି ସୀମା ୫୦ ରଖନ୍ତୁ ସୁରକ୍ଷିତ ରୁହନ୍ତୁ, ରକ୍ତଦାନ କରନ୍ତୁ କିନ୍ତୁ ରାସ୍ତାରେ ନୁହେଁ ଏବଂ ଟ୍ରାଫିକ୍ ନିୟମ ପାଳନ କରନ୍ତୁ, ଦୁର୍ଘଟରୁ ବଞ୍ଚନ୍ତୁ । ଏହି ପରି ପଥଚାରିମାନଙ୍କୁ ସଚେତନତା କରୁଥିବା ଦେଖିବାକୁ ମିଳିଥିଲା । ମହାବିଦ୍ୟାଳୟର ଅଧକ୍ଷା ଡ଼ . ବିନ୍ଦୁଶ୍ରୀ ମିଶ୍ର, ଉପାଧ୍ୟାକ୍ଷା ଡ଼.ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ପ୍ରମୋଦ କୁମାର ସାମଲ ପ୍ରଦୀପ୍ତ କୁମାର ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସଚେତନତା କରିବା ଉପରେ ଉତ୍ସାହିତ କରିଥିବା ଦେଖିବାକୁ ମିଳିଥିଲା । ରେଞ୍ଜର୍ସ ଲିଡର ତରୁଲତା ମଲିକ, ଅଧାପିକା ଉଭିଦ ବିଜ୍ଞାନ ବିଭାଗ ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ କର୍ମକର୍ତ୍ତାମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୧୯ ଜାନୁଆରୀ ୨୦୨୬ ● ସୋମବାର

## ଶବ୍ଦ ଆଲୋକ ଶୋରେ ପର୍ଯ୍ୟଟକଙ୍କ ଭିଡ଼



**କୋଣାର୍କ:ଏକ୍ସପ୍ରେସ୍ ନ୍ୟୁଜ୍**

ରବିବାର ସୂର୍ଯ୍ୟମନ୍ଦିର ଲାଇଟ ଆଣ୍ଡ ସାଉଣ୍ଡ ସୋରେ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳୁଛି। ରବିବାର ପ୍ରଥମ ଶୋରେ ୨୯୪ ପର୍ଯ୍ୟଟକ ଟିକେଟ କାଟି ଶୋ ଉପଭୋଗ କରିଥିଲେ। ସୂର୍ଯ୍ୟମନ୍ଦିର ଦକ୍ଷିଣ ପୂର୍ବ ପାର୍ଶ୍ୱରେ ୮ଟି ଅତ୍ୟାଧୁନିକ ପ୍ରୋଜେକ୍ଟର ମାଧ୍ୟମରେ ଅପଗ୍ରେଡେସନ କରାଯାଇ ଲାଇଟ୍ ଆଣ୍ଡ ସାଉଣ୍ଡ ସୋ ପାଇଁ ବ୍ୟବସ୍ଥା ହୋଇଛି। ଶବ୍ଦ ଓ ଆଲୋକ ମାଧ୍ୟମରେ ୪୦ମିନିଟର କାହାଣୀ ସୂର୍ଯ୍ୟମନ୍ଦିରରେ ପ୍ରଦର୍ଶିତ ହେଉଛି। ଓପନ ସାଉଣ୍ଡ ସିଷ୍ଟମରେ ହିନ୍ଦୀ ଭାଷାରେ ପର୍ଯ୍ୟଟକମାନେ ଏହାକୁ ମନଭରି ଉପଭୋଗ କରୁଛନ୍ତି। ଏକକାଳୀନ ୩ଶହରୁ ଅଧିକ ପର୍ଯ୍ୟଟକ ବସିବା ଭଳି ସ୍ୱତନ୍ତ୍ର ଚେୟାର ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟା ୬ଟା ୩୦ରୁ ୭ଟା ୧୦ ଏବଂ ୭ଟା ୩୦ରୁ ୮ଟା ୧୦ପର୍ଯ୍ୟନ୍ତ ଦୁଇଟି ସୋ ଚାଲୁଛି। ଗ୍ରୀଷ୍ମ ଦିନରେ ସମୟ ପରିବର୍ତ୍ତନ କରାଯିବ।

## ମହାଗିରି ପ୍ରେସ କ୍ଲବର ଦ୍ୱିତୀୟ ବାର୍ଷିକୋତ୍ସବ



**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଟମକା ଅଞ୍ଚଳର ମହାଗିରି ପ୍ରେସ କ୍ଲବର ଦ୍ୱିତୀୟ ବାର୍ଷିକ ଉତ୍ସବ ସମାରୋହ ଶନିବାର ଉତ୍ସାହ, ଉଲ୍ଲାସ ଓ ଭବ୍ୟତାର ସହିତ ଆୟୋଜିତ ହୋଇଥିଲା। ସଂଘର ସଭାପତି ମଳୟ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ)ର ସଭାପତି କୈଳାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ବାଦିକମାନେ ହିଁ ସମାଜ ଗଠନର ମୂଳ ଶକ୍ତି ଓ ଲୋକତନ୍ତ୍ରର ଚତୁର୍ଥ ଖମ୍ବ ବୋଲି ଉଲ୍ଲେଖ କରିଥିଲେ। ମୁଖ୍ୟଅତିଥି ଶ୍ରୀ ନାୟକ ତାଙ୍କ ଭାଷଣରେ ସାମ୍ବାଦିକମାନଙ୍କ ଉପରେ ବଢୁଥିବା ଚାପ, ସୁରକ୍ଷା ସମସ୍ୟା ଓ ପେଶାଗତ ଅସୁବିଧାକୁ ଉଲ୍ଲେଖ କରି ସରକାରଙ୍କୁ ଏହାର ସ୍ଥାୟୀ ସମାଧାନ ପାଇଁ ତ୍ୱରିତ ଓ ପ୍ରଭାବଶାଳୀ ପଦକ୍ଷେପ ନେବାକୁ ଆହ୍ୱାନ କରିଥିଲେ। ସମାରୋହରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଝାଡେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା, କଳିଙ୍ଗନଗର ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ, ନୟୁଜେର ରାଷ୍ଟ୍ରିୟ ସଂଗଠନ ସମ୍ପାଦକ ଡ. ଚିନ୍ତାମଣି ପାଢ଼ୀ ଏବଂ ଦାନଗଦି ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ସାମ୍ବାଦିକମାନେ ସଂଗଠିତ ହୋଇ ସତ୍ୟ, ସେବା ଓ ସାହସର ପଥରେ ଅଟୁଟ ରହିବାକୁ ଆହ୍ୱାନ କରିଥିଲେ। ଅତିଥିମାନେ ଟମକା ପରି ଛୋଟ ଅଞ୍ଚଳରେ ଏକ ସକ୍ରିୟ ପ୍ରେସ କ୍ଲବର ଗଠନକୁ ସ୍ୱାଗତ କରି ଏହାକୁ ସ୍ଥାନୀୟ ସମସ୍ୟା, ଲୋକଙ୍କ ସ୍ୱର ଓ ଉନ୍ନୟନ ମୁଦ୍ଦାକୁ ଆଗକୁ ଆଣିବାରେ ଏକ ସକାରାତ୍ମକ ମଞ୍ଚ ବୋଲି ମନେ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ଓ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷମାନଙ୍କ ସହିତ ଯାଜପୁର ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳର ସାମ୍ବାଦିକ ସଂଘ ସଭାପତି ଏବଂ ଖବରକାଗଜ ପ୍ରତିନିଧିମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ଦ୍ୱାରା ସାମ୍ବାଦିକତାର ସମ୍ମାନ, ସମର୍ପଣ ଓ ଦାୟିତ୍ୱବୋଧକୁ ଆଉ ଅଧିକ ମଜବୁତ କରାଯାଇଥିଲା। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ବାବାଜି ଚରଣ ଜେନା କରିଥିବା ବେଳେ ସଂଘର କାର୍ଯ୍ୟକାରୀ ସଭାପତି ନରୋତ୍ତମ ବେହେରା, ସହ ସମ୍ପାଦକ ଅନିଲ କୁମାର ଦାସ, କୋଷାଧ୍ୟକ୍ଷ ଅଜୟ କୁମାର ଦେହୁରୀ, ଉପଦେଷ୍ଟା ଉମାକାନ୍ତ ମହାପାତ୍ର, ବରିଷ୍ଠ ସଭ୍ୟ ଭରତ ଚନ୍ଦ୍ର ହୋତା, କାଳନ୍ଦୀ ମିଶ୍ର, ଖଗେଶ୍ୱର ମହାନ୍ତ ଓ ବିଷ୍ଣୁଚରଣ ମହାନ୍ତ ପ୍ରମୁଖ ସଦସ୍ୟମାନେ ସଫଳ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ।

## ଜାମ୍ମୁ କାଶ୍ମୀର ଦଶପଲ୍ଲା କପ ଚାମ୍ପିଅନ



**ଦଶପଲ୍ଲା:ଏକ୍ସପ୍ରେସ୍ ନ୍ୟୁଜ୍**

ଦଶପଲ୍ଲା କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଅନ୍ତିମ ଦିବସ ତଥା ଫାଇନାଲ ମ୍ୟାଚ ଆଜି ଅନୁଷ୍ଠିତ ହୋଇଥିଲା। ଆଜି ଫାଇନାଲକୁ ବିଭିନ୍ନ ପର୍ଯ୍ୟାୟରେ ଉନ୍ନୀତ ହୋଇଥିବା ବିହାର ଦଳ ସହ ଜାମ୍ମୁ କାଶ୍ମୀର ଦଳର ଖେଳ ହୋଇଥିଲା। ପ୍ରଥମାର୍ଦ୍ଧରେ ଉଭୟ କେହି କାହାରିକୁ ଗୋଲ ଦେଇ ପାରି ନଥିଲେ। ଦ୍ୱିତୀୟାର୍ଦ୍ଧର ଖେଳରେ କାଶ୍ମୀର ଦଳ ୨ଟି ଗୋଲ ଦେଇ ଚାମ୍ପିଅନସ ଟ୍ରଫି ହାତେଇ ନେଇଥିଲା। ଖେଳରେ ରେଫରୀ ଦାୟିତ୍ୱ ତୁଲାଇଥିଲେ ରାଜୁ ମହାନ୍ତି। ଆଜି ଖେଳର ଅତିଥି ଭାବେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଜିର ଚାମ୍ପିଅନ ଏବଂ ରନର୍ସ ଅପ ଦଳକୁ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରା ଯାଇଥିଲା। ଏଥି ସହିତ ରାଜ୍ୟ ସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟର ବିଜେତା ଇଟାମାଟି ଓ ଉପ ବିଜେତା ଭୁବନେଶ୍ୱର ଦଳକୁ ମଧ୍ୟ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ପ୍ରତିଦିନ ୧୦ଜଣ ଲେଖାଏଁ ବଛା ଯାଇଥିବା ଶ୍ରେଷ୍ଠ ଦର୍ଶକଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ବ୍ୟକ୍ତିଙ୍କୁ ଲଟେରୀ ମାଧ୍ୟମରେ ବଛାଯାଇ ପୁରସ୍କୃତ କରାଯାଇଥିଲା। ପରି ଶେଷରେ ସୋସାଇଟିର ସଭାପତି ଦିଲ୍ଲୀପ କୁମାର ପଣ୍ଡା, ଉପ ସଭାପତି ପରେଶ କୁମାର ସିଂ, ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ସମସ୍ତଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଜଣାଇଥିଲେ।

## ନରାଜ ବ୍ରିଜ ତଳୁ ନବଜାତକର ମୃତ ଦେହ ଉଦ୍ଧାର

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ନରାଜ ବ୍ରିଜ ତଳୁ ରବିବାର ଏକ ନବଜାତ ପୁତ୍ରର ମୃତ ଦେହକୁ ପୋଲିସ ଉଦ୍ଧାର କରିଛି। ନରାଜ ବ୍ରିଜ ତଳେ ଅଟକି ରହିଥିବା ବେଳେ ନବଜାତକୁ ଉଦ୍ଧାର କରି ପୋଲିସ ବ୍ୟବଚ୍ଛେଦ ପାଇଁ ମେଡ଼ିକାଲକୁ ପଠାଇଛି। ତେବେ ଏଭଳି ଭାବେ ନବଜାତକକୁ କିଏ ଓ କାହିଁକି ଫୋପାଡ଼ି ଦେଇଛି, ତାହାକୁ ନେଇ କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ ନବଜାତ ଶିଶୁଟିକୁ ନରାଜ ସେତୁରୁ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ନଦୀରେ ପଡ଼ିବା ପରିବର୍ତ୍ତେ, ଶିଶୁଟି ବ୍ୟାରେଜ ଗେଟର କଂକ୍ରିଟ ଅଂଶରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମତ୍ସ୍ୟଜୀବିମାନେ ପ୍ରଥମେ ମୃତଦେହକୁ ଦେଖି ତୁରନ୍ତ ପୋଲିସ ଓ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ପାଇ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ପୋଲିସ ଶିଶୁପୁତ୍ରର ମୃତ ଦେହକୁ ପୋଷ୍ଟ ମର୍ଟମ ପାଇଁ ମେଡ଼ିକାଲ ପଠାଇଛି। ଏହାକୁ ନେଇ ଗୋଡ଼ିସାହି ଥାନା ପୋଲିସ ତଦନ୍ତ ଜାରି ରଖିଛି।

## ଛୁଆଙ୍କ ଖାଦ୍ୟରେ ଲୁଟିନେଲେ ୨ କୋଟି

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାରଙ୍କ ପକ୍ଷରୁ ଶିଶୁ, ପ୍ରସୂତୀ ଓ କିଶୋରୀ ବାଳିକାଙ୍କ ପାଇଁ ଆରମ୍ଭ ହୋଇଥିବା 'ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପୁଷ୍ଟିକର ଯୋଜନା' କାକଟପୁର ବ୍ଲକରେ ବାଟବଣା। ୨୦୨୩ ଡିସେମ୍ବରରୁ ୨୦୨୫ ଡିସେମ୍ବର ମଧ୍ୟରେ ଯୋଗାଇ ଦିଆଯାଇଥିବା ରାସନରେ ବ୍ୟାପକ ଓଜନ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏକ ପ୍ରାଥମିକ ହିସାବରୁ ଜଣାପଡିଛି ଯେ, ଯଦି ଦୁଇ ବର୍ଷର କମ୍ ଓଜନର ରାସନକୁ ଆକଳନ କରାଯାଏ, ତେବେ ଏହା ପ୍ରାୟ ୨କୋଟି ଟଙ୍କାର ଅନିୟମିତତା ହୋଇପାରେ ବୋଲି ଅନୁମାନ କରାଯାଉଛି। ଓଜନରେ ମହାଦୁର୍ନୀତି ବିଷୟ ଏକ ନଜର (ବାଙ୍ଗୁରିଗାଁରୁ ମିଳିଥିବା ସାଂଘାତିକ ତଥ୍ୟ)ରୁ ପଦାକୁ ଆସିଲା ଅନିୟମିତତା ବିଷୟରେ। ବେଲବାରୀ ଗ୍ରାମର ନରେନ୍ଦ୍ର ସ୍ୱାଇଁ ଅକ୍ଟୋବର ମାସରେ ଗୋପ ଓ କାକଟପୁର ବ୍ଲକର ରାସନକୁ ତୁଳନା କରି ପ୍ରଶାସନିକ ଅଧିକାରୀଙ୍କ ସମ୍ମୁଖରେ ପ୍ରମାଣ ରଖିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ଚଳିତ ମାସରେ 'ମା ଭବାନୀ' ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା କାକଟପୁର ଓ କଟକଣା ପଞ୍ଚାୟତରେ ଯୋଗାଇ ଦିଆଯାଇଥିବା ଚଣା କଞ୍ଚା ରହିଥିବା ବେଳେ ଲଡୁ ପ୍ୟାକେଟ ଓଜନ ମାତ୍ର ୧୯୦ରୁ ୨୨୦ ଗ୍ରାମ ରହିଥିବା ଦେଖିବାକୁ ମିଳିଛି। ପ୍ରଶାସନ ଓ ଜନପ୍ରତିନିଧିଙ୍କ ପ୍ରତିକ୍ରିୟା



ଅବସରରେ କାକଟପୁର ବ୍ଲକ ବିଡ଼ିଓ ନାରାୟଣ ଦୀକ୍ଷିତ କମ୍ ଓଜନର ରାସନ ମିଳିଲେ ତାହାକୁ ଗ୍ରହଣ ନକରି ସଙ୍ଗେ ସଙ୍ଗେ ଫେରାଇ ଦେବାକୁ ହିତାଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। କାକଟପୁର ପଞ୍ଚାୟତ ସମିତି ସଭ୍ୟ ସମରେନ୍ଦ୍ର ଦୀକ୍ଷିତ ଓ ସୂଚନା କର୍ମୀ କରୁଣାକର ସେନାପତି କହିଛନ୍ତି ଯେ, ଆଗକୁ ହିତାଧିକାରୀଙ୍କୁ ଘରକୁ ଘର ବୁଲି ସଚେତନ କରାଯିବ, ଯାହାଦ୍ୱାରା ଦୁର୍ନୀତି ରୋକାଯାଇପାରିବ। ଚଳିତ ମାସରେ ନୂତନ ସିଡ଼ିପିଓ ଯୋଗଦାନ କରିଛନ୍ତି। ନୂତନ ସିଡ଼ିପିଓଙ୍କ ଯୋଗଦାନ ପରେ ବ୍ୟବସ୍ଥାରେ ସଂସ୍କାର ଆସିବ ବୋଲି ଆଶା କରାଯାଉଛି। କିନ୍ତୁ ଯଦି ସ୍ୱୟଂ ସହାୟିକା ଗୋଷ୍ଠୀମାନେ ନିଜର ଶୈଳୀ ନବଦଳାନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ହିତାଧିକାରୀମାନେ ଚେତାବନୀ ଦେଇଛନ୍ତି।

## ଶ୍ରୀ ଗଣେଶ ସମ୍ମାନ ପ୍ରଦାନ



**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ବ୍ଲକ ଅଧୀନସ୍ଥ ଜୟଦେବ ନିର୍ବାଚନ ମଣ୍ଡଳୀର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଶାନ୍ତିସ୍ତୁପ, ନିର୍ମାଣ ଏଜୁକେଶନାଲ ଟ୍ରଷ୍ଟ, ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ, ଉତ୍କଳ ଜୟଦେବ ଫାଉଣ୍ଡେସନ ଓ ନିୟୁ ଭାର୍ଗବୀ ଫାଉଣ୍ଡେସନ ମିଳିତ ସହଯୋଗରେ ଆୟୋଜିତ ଶ୍ରୀ ଗଣେଶ ସମ୍ମାନ ୨୦୨୫ ବାଲକାଟି ଶ୍ରୀ କନଭେନସନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ୬ଟି ପଞ୍ଚାୟତର ୪୦ଟି ଗଣେଶ ମଣ୍ଡପକୁ ୫ ଜଣିଆ ସଦସ୍ୟ ପରିଦର୍ଶନ କରିଥିଲେ ସେଥି ମଧ୍ୟରୁ ୮ଟି ମଣ୍ଡପକୁ ବିଭିନ୍ନ କ୍ଷେତ୍ରରେ ତଥା ପରିବେଶ ସୁରକ୍ଷା, ସୁନ୍ଦର ସାଜସଜ୍ଜା, ସୁନ୍ଦର ମୂର୍ତ୍ତି, ସମାଜକୁ ସୁନ୍ଦର ବାର୍ତ୍ତା ଓ ଶୃଙ୍ଖଳା ଜ୍ଞାନ ନେଇ ମନୋନୟନ କରାଯାଇଥିଲା। ଶ୍ରେଷ୍ଠ ବିବେଚିତ ଅନୁଷ୍ଠାନକୁ ଅର୍ଥ ରାଶି ଦୁଇ ହଜାର ଟଙ୍କା, ଉତ୍ତରୀୟ, ସ୍ମୃତି ଫଳକ ଓ ପୁଷ୍ପ ଗଛ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଅଞ୍ଚଳରେ ଯୁବକମାନଙ୍କ ଭିତରେ ଭାଇଚାରା ବୃଦ୍ଧି, କଳାସଂସ୍କୃତିର ପ୍ରଚାର ପ୍ରସାର, ପରିବେଶ ସୁରକ୍ଷା ଓ ନିଶାମୁକ୍ତ ସମାଜ ଗଠନ। ଶାନ୍ତି ସ୍ତୁପ ସମ୍ପାଦକଙ୍କ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ପ୍ରଶମନ ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଅଭିଭାଷଣରେ ଯୁବ ସମାଜ ନିଜର କଠିନ କର୍ମ ବଳରେ ଅନ୍ୟକୁ ଉତ୍ସାହିତ କରିପାରିବେ କିନ୍ତୁ ଭାଷଣରେ ନୁହେଁ। ମୁଖ୍ୟ ବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ଡ ଆରବିନ୍ଦ ଢ଼ାଲି, ପରିବେଶବିତ ଲକ୍ଷ୍ମୀଧର ପ୍ରଧାନ, ରାଜଧାନୀ ପୁସ୍ତକ ମେଳାର ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ନିର୍ମାଣ ଏଜୁକେସନାଲ୍ ଟ୍ରଷ୍ଟ ଅଧକ୍ଷ ସିଦ୍ଧେଶ୍ୱର ମହାନ୍ତି, ବିଜେପି ବାଳକାଟି ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ଉତ୍କଳ ଜୟଦେବ ଫାଉଣ୍ଡେସନର ଅଧକ୍ଷ ପ୍ରଦୀପ୍ତ କୁମାର ମହାନ୍ତି ଉପସ୍ଥିତ ଥିଲେ। ଆନି ତ୍ରିପାଠୀ ମଞ୍ଚ ସଞ୍ଚାଳନ କରିବାବେଳେ ପରିଚାଳନରେ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଅଧକ୍ଷ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ଓ ନିୟୁ ଭାର୍ଗବୀ ଫାଉଣ୍ଡେସନ ଅଧକ୍ଷ ଜଗମୋହନ ସେଠୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପୂଜା ମଣ୍ଡପର ୪୦୦ରୁ ଉର୍ଦ୍ଧ କର୍ମକର୍ତ୍ତା ଯୋଗଦାନ କରିଥିଲେ।

## ନିଆଳି ମହୋତ୍ସବ ହୋର୍ଡିଂକୁ ନେଇ ବିବାଦ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ମହୋତ୍ସବ ନହେଉଣୁ ବିବାଦ ଆରମ୍ଭ ହୋଇ ଗଲାଣି। ପ୍ରସ୍ତୁତି ବୈଠକରେ ଖୋଦ ନିଆଳି ବିଧାୟକ ଛବି ମଲିକ ପୂର୍ବ ନିୟମକୁ ବଦଳାଇବା ସହ ନିଜର କାର୍ଯ୍ୟ ବ୍ୟସ୍ତତା ଯୋଗୁ ସଭାପତି ପଦରେ ନରଖିବାକୁ ମହୋତ୍ସବ କମିଟିକୁ ଜଣାଇ ଦେଇଛନ୍ତି। ନିଆଳି ମହୋତ୍ସବ କମିଟିକୁ ନେଇ ବୈଠକରେ ନିଆଳି ବ୍ଲକ ଆମ୍ଭ ଅଧକ୍ଷ ପ୍ରଶ୍ନ ଉଠାଇଥିଲେ। ଏଥି ସହିତ କମିଟି କେତେବେଳେ ଗଢାଗଲା ଓ କମିଟି ପୁନର୍ବାର ଗଢ଼ାଯାଉ ବୋଲି ଦାବି କରିଥିଲେ। ଏବେ କିନ୍ତୁ ସବୁ ଚର୍ଚ୍ଚା ପରେ ମହୋତ୍ସବ ପାଇଁ ମରାଯାଇଥିବା ହୋର୍ଡିଂକୁ ନେଇ ଉଠିଛି ବିବାଦ। ନିଆଳିର ଦୁଇ ବରିଷ୍ଠ କଂଗ୍ରେସ ନେତା ଜଣେ ପୂର୍ବତନ




ଅର୍ଥରାଷ୍ଟ୍ର ମନ୍ତ୍ରୀ ପଞ୍ଚାନନ କାନୁନଗୋ ଓ ଅନ୍ୟ ଜଣେ ବିଧାୟକ ରବୀନ୍ଦ୍ର କୁମାର ମଲିକ। ଏହି ମହୋତ୍ସବ ହୋର୍ଡିଂରେ ପୂର୍ବତନ କଂଗ୍ରେସ ବିଧାୟକ ରବୀନ୍ଦ୍ର କୁମାର ମଲିକ, ପୂର୍ବତନ ବିଜେଡି ବିଧାୟକ ଡ଼. ପ୍ରମୋଦ କୁମାର ମଲିକ ଓ ବର୍ତ୍ତମାନର ବିଧାୟକ ଛବି ମଲିକଙ୍କ ଫୋଟୋ ରହିଥିବା ବେଳେ, ପୂର୍ବତନ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଞ୍ଚାନନ କାନୁନଗୋଙ୍କ ଫୋଟୋ ମରାଯାଇ ନାହିଁ। ମହୋତ୍ସବ କମିଟିରେ ଥିବା ବିଜେପି ନେତାମାନେ ଚକ୍ରାନ୍ତ କରି କଂଗ୍ରେସ ଦଳରେ ବିଭାଜନ ସୃଷ୍ଟି କରିବାକୁ ଏଭଳି କରିଥିବା ପଞ୍ଚାନନ କାନୁନଗୋଙ୍କ ଗୋଷ୍ଠୀ କହି ବୁଲୁଛନ୍ତି। ଏହି ଘଟଣା ଏବେ ସାରା ନିଆଳିରେ ଚର୍ଚ୍ଚା ହୋଇଛି। ମହୋତ୍ସବକୁ ନେଇ ବିବାଦ ଉପୁଜୁ ଥିବା ବେଳେ ଏବେ କଂଗ୍ରେସ ଦଳର ନେତାଙ୍କ ଜଣିଏ ଫୋଟୋ ରହିବା ଓ ଅନ୍ୟ ଜଣଙ୍କ ଫୋଟୋ କାଟି ଦେବା ନେଇ ବିବାଦ ଘନୀଭୂତ ହେଉଥିବା ଆଲୋଚନା ହେଉଛି।

## ରତ୍ନାକର ସମ୍ମିଳିତ ଆଦିବାସୀ ସମାଜର ସଭାପତି

**ଝାରସୁଗୁଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ମିଳିତ ଆଦିବାସୀ ସମାଜର ନିର୍ବାଚନୀ ସଭା ଝାରସୁଗୁଡ଼ା ଜିଲ୍ଲା ସଂସ୍କୃତି ଭବନଠାରେ ଅବସର ପ୍ରାପ୍ତ ଇଞ୍ଜିନିୟର ଲିଳାମ୍ବର କୁମୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଂଗଠନର ଉପଦେଷ୍ଟାମାନଙ୍କ ଅଭିଭାଷଣ ପରେ ନିର୍ବାଚନୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ନିର୍ବାଚନୀ ସଭାରେ ମୁଖ୍ୟ ନିର୍ବାଚନ କମିଶନ ଭାବରେ ପୂର୍ବତନ ଲଇକେରା ଓ କୁଚିଣ୍ଡା ବିଧାୟକ ବୃନ୍ଦାବନ ମାଝୀ, କମିଶନର ଭାବରେ ସଂଗଠନର ଆଇନ ପରାମର୍ଶ ଦାତା ସିଆରାମ ଦାସ ଓ ବରିଷ୍ଠ ସଭ୍ୟ ପରମାନନ୍ଦ ବାଘ ଚୟନ ହୋଇ ନିର୍ବାଚନୀ ପ୍ରକ୍ରିୟା ସୁରୁଖୁରୁରେ ନିର୍ବାହ କରିଥିଲେ। ସମ୍ମିଳିତ ଆଦିବାସୀ ସମାଜର ନୂତନ ଭାବରେ ୧୪ ଜଣିଆ କମିଟି ଗଠିତ ହେଲା। ସଭାପତି ରତ୍ନାକର ପ୍ରଧାନ, ଉପସଭାପତି ସବିତା ପ୍ରଧାନ, ମହାସଚିବ ମହେନ୍ଦ୍ର ନାଏକ, ସଚିବ ଅଶୋକ କୁମାର ମାଝୀ ଓ କୋଷାଧ୍ୟକ୍ଷ




ବିନୋଦ ବିହାରୀ ବାଗ ଓ କାର୍ଯ୍ୟ ନିର୍ବାହୀ ସଭ୍ୟ ଭାବରେ ବୀରେନ ମରେଇ, ରାମତୁଲା ବୁଦୁଲା, ସେବତୀ ବାଗ, ସରସ୍ୱତୀ ପ୍ରଧାନ, ଫକିର କିସାନ, କଷ୍ଟୁ ପିଙ୍ଗ, ବସନ୍ତ ମରେଇ, ରାଜେଶ ମୁଣ୍ଡା ନିର୍ବାଚିତ ହୋଇଛନ୍ତି। ଏହି ସଂଗଠନକୁ ସରକାରଙ୍କ ନିୟମ ଅନୁଯାୟୀ ଯଥା ଶୀଘ୍ର ରାଜ୍ୟ ସ୍ତରରେ ପଞ୍ଜିକରଣ ହେବ। ଇତି ମଧ୍ୟରେ ବ୍ଲକ, ମୁନିସିପାଲିଟି ଓ ପଞ୍ଚାୟତ ସ୍ତରୀ କମିଟି ଗଠନ ହେବ। ଶେଷରେ ନୂତନ କମିଟିକୁ ସମ୍ବର୍ଦ୍ଧନା କରା ଯାଇଥିଲା ଓ ମହାସଚିବ ଶ୍ରୀ ନାଏକ ତାଙ୍କର ବକ୍ତବ୍ୟରେ କହିଥିଲେ ଯେ ପ୍ରତି ଆଦିବାସୀଙ୍କ ପରିବାରର ସମସ୍ୟାଗୁଡ଼ିକ ସମାଧାନ ପାଇଁ ଗ୍ରୀଭାନ୍ସ ସେଲ ଖୋଲା ହେବ ଓ ତାଙ୍କର ସିବିଧା ଅସୁବିଧାଗୁଡ଼ିକ ଜିଲ୍ଲା, ରାଜ୍ୟ, ତଥା ଦେଶର ବିଭିନ୍ନ ଉଚ୍ଚ ସ୍ତରୀୟ ପଦ ପଦବୀରେ ଥିବା ବ୍ୟକ୍ତି ବିଶେଷଙ୍କ ପାଖରେ ଉପସ୍ଥାପନ ହେବ। ଏହି ସଭାରେ ଟ୍ରଷ୍ଟର ସମ୍ପାଦକ ଧର୍ମେନ୍ଦ୍ର କିସାନ, ଭସ୍ମା ପଂଚାୟତର ସରପଞ୍ଚ ଲଳିତ ମୋହନ ପ୍ରଧାନ, କୁଶବନ୍ତ ସେହୁଲ, ଶଶିଭୂଷଣ ମରେଇ, ମୀନକେତନ ମରେଇ, ରମେଶ କିସାନ, ଜୟନ୍ତୀ କିସାନ, ଉଲ୍ଲାସ କିସାନ ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଲବାଣୀ ପଞ୍ଚାୟତର ସମିତି ବୈଠକ

**ଫୁଲବାଣୀ:ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ସଦର ଫୁଲବାଣୀ ପଂଚାୟତ ସମିତି ବୈଠକ ଅଧକ୍ଷା ସସ୍ମିତା କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥିଭାବେ ବିଡିଓ ସୌମ୍ୟରଂଜନ ପାତ୍ର, ଉପାଧ୍ୟକ୍ଷ ଶ୍ରୀନିବାସ ମଳିକଙ୍କ ସହିତ ୧୧ଟି ପଂଚାୟତର ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟାମାନେ ବୈଠକରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ବୈଠକରେ ପ୍ରସ୍ତୁତ କାର୍ଯ୍ୟସୂଚୀ ପ୍ରକାରେ ପ୍ରଥମେ ପୂର୍ବ ବୈଠକର ବିବରଣୀ ପଠନ କରାଯିବ ପରେ ତାକୁ ଦୃଢ଼ୀ କରଣ କରାଯାଇଥିଲା। ପୂର୍ବ ବୈଠକରେ ଗ୍ରହଣ କରାଯାଇଥିବା ପ୍ରସ୍ତାବଗୁଡ଼ିକ ଉପରେ ଅନୁପାଳନ, ଉନ୍ନୟନ ମୂଳକ ଯୋଜନା ସମ୍ବନ୍ଧରେ ଆଲୋଚନା, ସାମାଜିକ ସୁରକ୍ଷା ଯୋଜନା ସମ୍ବନ୍ଧରେ ଆଲୋଚନା, ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ବନ୍ଧୀୟ ଆଲୋଚନା, ମହିଳା ଓ ଶିଶୁ ବିକାଶ ଯୋଜନା ଉପରେ ଆଲୋଚନା, ଶିକ୍ଷା ବ୍ୟବସ୍ଥା, କୃଷିବିକାଶ, ସ୍ୱାସ୍ଥ୍ୟ ବ୍ୟବସ୍ଥା, ଓଡିଶା ଜୀବିକା ମିଶନ, ମାଛ ଚାଷ ଉପରେ, ପଶୁ ପାଳନ, ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ, ଅନୁସୂଚିତ ଜାତି ଓ ଜନ ଜାତି ବିଭାଗର ଯୋଜନା, ପ୍ରାକୃତିକ ବିପର୍ଯ୍ୟସ୍ତ ଯୋଜନା ଉପରେ ଆଲୋଚନା କରାଯାଇଥିଲା।

## ତାରିଣୀଙ୍କ ପୀଠରେ ଯଜ୍ଞ



**ସାକ୍ଷୀଗୋପାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର, ପଞ୍ଚାୟତର ଚଉଦଗୁଣ୍ଠ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀ ମନ୍ଦିର ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ଏକ ଦିବସୀୟ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଶୋଭାଯାତ୍ରା ପରେ ବିଦ୍ୱାନ ପଣ୍ଡିତମାନଙ୍କ ଦ୍ୱାରା ସୂର୍ଯ୍ୟପୂଜା, ଗୋ ପୂଜା କରାଯାଇ ସଣ୍ଡଳ ସ୍ଥାପନ ଓ ମଣ୍ଡପ ସଂସ୍କାର କରାଯାଇଥିଲା। ଯଜ୍ଞ କାର୍ଯ୍ୟରେ, ପୁରୋହିତ, ସନ୍ତୋଷ କୁମାର ପଣ୍ଡା, ଭୋବନୀ ତ୍ରିପାଠୀ, ଆଦିକନ୍ଦ ମହାପାତ୍ର ଓ ତାଙ୍କ ଧର୍ମପତ୍ନି ଦେବସ୍ମିତା ମହାପାତ୍ର, କର୍ତ୍ତାକର୍ତ୍ତା ଭାବେ ଅଂଶଗ୍ରହଣ କରିଥିଲେ। ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନିକଟ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ। ପରେ ସମସ୍ତ ଗ୍ରାମବାସୀ ସହଯୋଗ କରିବା ସହିତ ପ୍ରସାଦ ସେବନ କରିଥିଲେ।

## ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ମୁକ୍ତ ସଚେତନତା




**ରାୟଗଡ଼:ଏକ୍ସପ୍ରେସ୍ ନ୍ୟୁଜ୍**

ରାୟଗଡ଼ ବନାଞ୍ଚଳ ପକ୍ଷରୁ ଆଜି ଗୁମ୍ମା ସେକ୍ସନ ଅନ୍ତର୍ଗତ ସଂକେଶ ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବଣଭୋଜି ସ୍ଥଳଗୁଡ଼ିକୁ ପ୍ଲାଷ୍ଟିକ ମୁକ୍ତ କରିବା ସହ ପରିବେଶ ଅନୁକୂଳ ଦ୍ରବ୍ୟ ବ୍ୟବହାର ପ୍ରତି ସଚେତନତା ସୃଷ୍ଟି କରିବା। ଏହି କାର୍ଯ୍ୟକ୍ରମରେ ଗୁମ୍ମା ଗ୍ରାମପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଥାନୀୟ ଗ୍ରାମବାସୀ, ରାୟଗଡ଼ ଏନ.ସି.ସି କ୍ୟାଡର, ରାୟଗଡ଼ ଜିଲ୍ଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ରିପୁ କୁମାର ସାହୁ ଓ କର୍ମଚାରୀମାନେ, ସହିତ ରାୟଗଡ଼ ବନାଞ୍ଚଳର ସମସ୍ତ ବନ କର୍ମଚାରୀମାନେ ଯୋଗଦାନ କରିଥିଲେ। ଏହି ଅବସରରେ ରାୟଗଡ଼ ବନାଞ୍ଚଳ ଅଧିକାରୀ କାମେଶ୍ୱର ଆଚାରୀ ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ବ୍ୟବହାର କିପରି କମ କରାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମତାମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ସରକାରୀ କର୍ମଚାରୀ, ଗୁମ୍ମା ଗ୍ରାମପଞ୍ଚାୟତର ଗ୍ରାମବାସୀ ଓ ରାୟଗଡ଼ ଏନ.ସି.ସି କ୍ୟାଡର ସଦସ୍ୟମାନେ ସଂକେଶ ବଣଭୋଜି ସ୍ଥଳରେ ଦୀର୍ଘଦିନ ଧରି ପଡ଼ିଥିବା ପ୍ଲାଷ୍ଟିକ ଅବର୍ଜନା ଯଥା ପଲିଥିନ, ପାଣି ପାଉଚ, ମସଲା ଜରି, ଜରି ଆବରଣ, ପେପର ପ୍ଲେଟ ଇତ୍ୟାଦି ସଫା କରି ସେହି ସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ କରିଥିଲେ। ସେହି ବଣଭୋଜି ସ୍ଥଳରେ ପ୍ଲାଷ୍ଟିକ ଅଳିଆ ନ ଫେଙ୍କିବା ପାଇଁ ଶପଥ ପାଠ କରାଯାଇଥିଲା ଓ ଅଳିଆ ନିମନ୍ତେ କୁଣ୍ଡ ରଖାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କାମେଶ୍ୱର ଆଚାରୀ ସୁଚାରୁ ଭାବେ ପରିଚାଳନା କରିଥିଲେ।

## ମା ଉକୁଳେଇଙ୍କ ଜନ୍ମଦିନ

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ହେଉଛି ପବିତ୍ର ତ୍ରିବେଣୀ ଅମାବାସ୍ୟା। ପ୍ରତ୍ୟେକ ବର୍ଷ ମାଘ ମାସ ଅମାବାସ୍ୟାରେ ଏହି ପବିତ୍ର ଦିନରେ ଅସ୍ତରଙ୍ଗର ପ୍ରସିଦ୍ଧ ଶକ୍ତିପୀଠ ମା ଉକୁଳେଇଙ୍କ ପବିତ୍ର ଜନ୍ମଦିନ। ଏହି ଦିନ ମା'ଙ୍କ ଆବିର୍ଭାବ ହୋଇଥିଲା। ମା ଆଦିମାତା କେଉଁ କାଳରୁ ଏଠି ଥିଲେ। କିନ୍ତୁ ଲୋକଲୋଚନକୁ ଆଜିର ଦିନରେ ମାଙ୍କ ଆବିର୍ଭାବ। ବିଶ୍ୱାସ ରହିଛି ଯେ ଯେମିତିକା ଜ୍ୱର କି ଅନ୍ୟ କୌଣସି ରୋଗରେ ଆକ୍ରାନ୍ତ ହେଉ ମାଙ୍କ ପାଦୁକ ପାଣି ଓ ସିଦ୍ଧ ପୋଖରୀରେ ସ୍ନାନ କଲେ ଅସାଧ ରୋଗରୁ ତାକୁ ଉପଶମ ମିଳିଥାଏ ବୋଲି ବିଶ୍ୱାସ ରହିଛି। କେବଳ ସେତିକି ନୁହେଁ ମାଙ୍କ ନିକଟରେ ଯିଏ ବି ନିଜ ଦୁଃଖ ଜଣାଏ ମା ତାଙ୍କ ମାନସିକ ପୂର୍ଣ୍ଣ କରନ୍ତି। ଆଜିର ପବିତ୍ର ଦିନରେ ମାଙ୍କ ଚାପ ଖେଳ ହୁଏ। ମା ସିଦ୍ଧ ପୋଖରୀରେ ମହାସ୍ନାନ କରନ୍ତି, ଅଙ୍କୁରାରୋପଣ, ମଙ୍ଗଳ ଆରତୀ, ସ୍ନାନ, ମାର୍ଜନା, ବେଶ, ବାଲ୍ୟ ଭୋଗ କରାଯାଇ ମାଙ୍କ ଯଜ୍ଞ କାର୍ଯ୍ୟ ଅଭିଜ୍ଞ ପଣ୍ଡିତମାନଙ୍କ ଦ୍ୱାରା କରାଯାଏ। ରାତି ପର୍ଯ୍ୟନ୍ତ ଯଜ୍ଞ କାର୍ଯ୍ୟ, ପୂର୍ଣ୍ଣାହୁତି, ଚଣ୍ଡୀପାଠ କରାଯାଏ। ବିଶ୍ୱାସ ଅଛି ଆଦିମ କାଳରୁ, କେବଳ ଅସ୍ତରଙ୍ଗ କି କାକଟପୁର ନୁହଁ, ରାଜ୍ୟର କୋଣ ଅନୁକୋଣରୁ ଭକ୍ତମାନେ ଛୁଟି ଆସନ୍ତି ଆଜି ମାଙ୍କ ଜନ୍ମଦିନରେ। ମାଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିବାକୁ ସମସ୍ତ ଭକ୍ତଙ୍କ ପାଇଁ ନିଶୁଳ୍କ ଭାବେ ପ୍ରସାଦ ବ୍ୟବସ୍ଥା ହୁଏ, ଘଣ୍ଟ, ବାଜା, ଶଙ୍ଖ ଧ୍ୱନିରେ ଆଜି ଏହି ଶକ୍ତିପୀଠରେ ସ୍ୱତନ୍ତ୍ର ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ଶ୍ରଦ୍ଧାଳୁଙ୍କ ସମାଗମକୁ ଆଖିରେ ରଖି ଅସ୍ତରଙ୍ଗ ଥାନା ନିରୀକ୍ଷକ ଦୁର୍ଗାଚରଣ ମହାପାତ୍ରଙ୍କ ପ୍ରତକ୍ଷେ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

## କଟକ ଆସିବେ ଉପରାଷ୍ଟ୍ରପତି

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଜାନୁୟାରୀ ୨୩ ତାରିଖରେ କଟକ ଆସିବେ ଉପରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନ। ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ସ୍ଥାନୀୟ ଓଡ଼ିଆ ବଜାର ସ୍ଥିତ ନେତାଜୀଙ୍କ ଜନ୍ମ ସ୍ଥାନ ସଂଗ୍ରହାଳୟ ଆସିବେ। ଆସିବା ନେଇ ସହମତି ପ୍ରଦାନ କରିଛନ୍ତି ଉପରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନ। ଉପରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ମଧ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ। ଏ ନେଇ ସୂଚନା ଦେବା ସହ ଚାଲିଥିବା ପ୍ରସ୍ତୁତି କାର୍ଯ୍ୟର ତଦାରଖ ସଂସ୍କୃତି ସଚିବ ବିଜୟ କେତନ ଉପାଧ୍ୟେୟ କରିଛନ୍ତି।

## ସୁଭଦ୍ରା ଶକ୍ତି ମେଳା ପାଇଁ ପ୍ରସ୍ତୁତି

**ବୌଦ୍ଧ:ଏକ୍ସପ୍ରେସ୍ ନ୍ୟୁଜ୍**

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ମେଳା ପାଇଁ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଆସନ୍ତା ଫେବୃୟାରୀ ୭ ତାରିଖରୁ ଫେବୃୟାରୀ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଉକ୍ତ ମେଳାରେ ୧୨୦ଟି ଷ୍ଟଲ ଖୋଲାଯିବ। ତନ୍ମଧ୍ୟରେ ବୌଦ୍ଧ ଜିଲ୍ଲାର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୫୦ଟି ଷ୍ଟଲ, ୨୯ଟି ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ୫୦ଟି ଷ୍ଟଲ, ୧୫ଟି ବିଭାଗୀୟ ଷ୍ଟଲ ଓ ଜରୁରୀ ସେବା ପାଇଁ ୫ଟି ଷ୍ଟଲ ଖୋଲାଯିବ। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ତହସିଲଦାର ଅନୀତା କୁମାରୀ ସାହୁ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ, ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଜଳେଶ୍ୱର କୃଷି ଜିଲ୍ଲାରେ କର୍ମଚାରୀ ମରୁଡି: ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଖରିଫ ଋତୁରେ ସୁବର୍ଣ୍ଣରେଖା ନଦୀରେ ୭ଟି ବନ୍ୟା ଦେଖାଦେଇଥିବାରୁ ଚଳିତବର୍ଷ ରବିଚାଷ ଲାଗି କୃଷକ ଉଦବିଗ୍ନ ହୋଇଥିଲା କିନ୍ତୁ ଜଳେଶ୍ୱର କୃଷି ଜିଲ୍ଲା କାର୍ଯ୍ୟାଳୟରେ ଅର୍ଦ୍ଧାଧିକ ପଦବୀରେ କୃଷି ଅଧିକାରୀ ଓ କର୍ମଚାରୀ ନ ଥିବାରୁ ରବିଚାଷ ପାଇଁ ୩ଟି ବ୍ଲକର କୃଷକମାନେ ସଠିକ୍ ମାର୍ଗଦର୍ଶନ ନପାଇ ଅକଳରେ ପଡିଛନ୍ତି। ଗ୍ରାମାଂଚଳରେ ରହିଥିବା ୪୮ଟି ଗ୍ରାମ୍ୟ କୃଷି ଅଧିକାରୀ କର୍ମଚାରୀ ମଧ୍ୟରୁ ୨୮ଟିରେ କେହିନଥିବା କୃଷକ ପ୍ରତି ଦରଦ ଉପହାସ ଭଳି ପ୍ରତିୟମାନ ହେଉଛି।

ସମଗ୍ର ବାଲେଶ୍ୱର ଜିଲ୍ଲାରେ ୫ଟି କୃଷି ଜିଲ୍ଲା ଥିବାବେଳେ ଜଳେଶ୍ୱର କୃଷି ଜିଲ୍ଲାରେ ବ୍ୟାପକ ରବିଚାଷ ହୋଇଥାଏ। ବିଶେଷକରି ସମଗ୍ର ଜିଲ୍ଲାରେ ୨୫ହଜାର ହେକ୍ଟର ଧାନଚାଷ ହେଉଥିବା ବେଳେ ଜିଲ୍ଲାର ଜଳେଶ୍ୱର, ଭୋଗରାଇ, ବାଲିଆପାଳ ବ୍ଲକରେ ୨୧ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥାଏ। ଏହା ବ୍ୟତିତ ୩୫୦୦ ହେକ୍ଟର ଜମିରେ ଡାଲି ଜାତୀୟ, ୩ ହଜାର ହେକ୍ଟର ଜମିରେ ପନିପରିବା ଚାଷ ମଧ୍ୟ ବହୁଳ ଭାବେ ହୋଇଥାଏ। ଜଳେଶ୍ୱର କୃଷି ଜିଲ୍ଲାର କୃଷକମାନେ ସଚେତନ ହୋଇଥିବାରୁ କୃଷି ଅଧିକାରୀମାନଙ୍କ ପରାମର୍ଶ ଲୋଡିଥାନ୍ତି। ସମଗ୍ର ରାଜ୍ୟରେ ଜାନୁଆରୀ ମାସରେ ରବିଧାନ ତଳି ପଡୁଥିବା ବେଳେ ଜଳେଶ୍ୱର କୃଷି ଜିଲ୍ଲାର ପ୍ରାୟ ୫୦ଭାଗ ରୁଆ ପୋତା ଶେଷ ହୋଇଛି। କିନ୍ତୁ ଗତ କିଛିବର୍ଷ ଧରି କୃଷି କର୍ମଚାରୀଙ୍କ ଅଭାବ ଯୋଗୁଁ ଚାଷୀମାନ କୃଷି ପରାମର୍ଶ ପାଇପାରୁନାହାନ୍ତି।




କୃଷି ବିଭାଗର ତଥ୍ୟ ଅନୁଯାୟୀ ଜଣେ କୃଷି ଜିଲ୍ଲା ଅଧିକାରୀ ରହିବାକୁ ଥିବା ବେଳେ ଦୀର୍ଘ ମାସ ଧରି ଚେୟାର ଫାଙ୍କା ପଡିଛି। ୩ଟି ବ୍ଲକରେ ୩ଜଣ ବ୍ଲକ କୃଷି ଅଧିକାରୀ ପଦବୀ ଥିବା ବେଳେ ଏବେ ଗୋଟିଏ ପଦବୀ ଜଳେଶ୍ୱର ଫାଙ୍କା ପଡିଛି। ସହକାରୀ କୃଷି ଅଧିକାରୀ ଭାବେ ୭ଜଣ ରହିବାର ବ୍ୟବସ୍ଥା ଥିବା ବେଳେ ୫ଟି ପଦବୀରେ କେହି ନାହାନ୍ତି। କୃଷି ଅଧିକାରୀଭାବେ ୧୦ଟି ପଦବୀରୁ ୪ଟି ଫାଙ୍କା ଓ ପିପିଏ ଅଧିକାରୀ ପଦବୀ ଖାଲି ରହିଛି। ଭୋଗରାଇରେ ୧୫ଜଣ ଗ୍ରାମ୍ୟକୃଷି ଅଧିକାରୀ ରହିବାକୁ ଥିବା ବେଳେ ୮ଟି, ଜଳେଶ୍ୱରରେ ୧୯ଟି ମଧ୍ୟରୁ ୭ଟି, ବାଲିଆପାଳରେ ୧୪ଟି ମଧ୍ୟରୁ ୯ଟି ଫାଙ୍କା ପଡିଥିବାରୁ କୃଷକମାନେ ହତୋତ୍ସାହ ହୋଇ ପଡିଛନ୍ତି। କୃଷି ଜିଲାରେ ୩ଜଣ ବରିଷ୍ଠ କିରାଣୀ ଓ କନିଷ୍ଠ କିରାଣୀ ଗୋଟିଏ ରହିବାକୁ ଥିବା ବେଳେ ତାହା ମଧ୍ୟ ଫାଙ୍କା ପଡିଛି। ସେହିଭଳି ପିଅନ୍ ଓ ରାତି ଜଗୁଆଳି ୩ଟି ପଦବୀ ଥିବା ବେଳେ ଦୁଇଜଣ ରହିଛନ୍ତି। ପ୍ରକାଶଯୋଗ୍ୟ କୃଷି ପରାମର୍ଶ ଲାଗି ପଶ୍ଚିମବଙ୍ଗ ଓ ଆନ୍ଧ୍ରରେ ବିଭିନ୍ନ ସୁବିଧା ସୁଯୋଗ ଓ ଅଧିକ କର୍ମଚାରୀ ତଥା କୃଷି କମ୍ପାନୀଗୁଡିକ ପରାମର୍ଶ ଦେବାକ ଥିବା ବେଳେ ଓଡିଶାରେ ତାହା ନଥିବା ପରିତାପର ବିଷୟ। ଏହା ବ୍ୟତିତ ବିଭିନ୍ନ ସରକାରୀ ଯୋଜନାରେ କୃଷି ଅଧିକାରୀ ଏବଂ ଦୈବିଦୁର୍ବିପାକରେ ସେମାନଙ୍କୁ ନିୟୋଜିତ କରାଯାଉଥିବା ବେଳେ କର୍ମଚାରୀ ମରୁଡି ଯୋଗୁଁ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। କୃଷକମାନଙ୍କ ଉନ୍ନତି ହୋଇପାରୁ ନଥିବା ବେଳେ ମାର୍ଗଦର୍ଶକ ଓ ପ୍ରୋତ୍ସାହନ ଅଭାବରୁ ଅର୍ଥକାରୀ ଚାଷରୁ କୃଷକ ମୁହଁ ଫେରାଉଛନ୍ତି। ଦୀର୍ଘଦିନ ହେବ କର୍ମଚାରୀ ଅଭାବ ଲାଗି ରହି ଥିବାରୁ କୃଷକ ସଂଗଠନ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନ ସମ୍ପର୍କରେ ଆଭାସ ମିଳୁଥିବା ସୂଚନା ମିଳୁଛି।

**AFFIDAVIT**

By virtue of an affidavit before the Executive Magistrate, Marshaghai, I Pramod Kumar Malik, aged about 44years S/o Late Kanda Malik of vill-Juna,Po/Ps-Marshaghai, Dist.-Kendrapara I have change my name from Babuli Malik S/o- Late Kanda Malik to Pramod Kumar Malik S/o Late Kanda Malik. Hencforth I shall be knonw as Pramod Kumar Malik, S/o Kanda Malik of above village for all purposes.

**Pramod Kumar Malik**

ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 19th January, 2026 Monday | RNI Regd. No. ODIODI/2009/28880

## ପଥରଦିନର ସିଙ୍ଗଡ଼ା

### ହେଲ୍ଥ ଟନିକ୍



ସିଙ୍ଗଡ଼ା ପ୍ରିୟ ଜଣେ ବ୍ୟକ୍ତି ଜଳଖିଆ ଦୋକାନରେ ସିଙ୍ଗଡ଼ା ଖାଇବା ପରେ ମୁହଁକୁ ବିକୃତ କରି କହିଲେ- ନା, ଏ ସିଙ୍ଗଡ଼ା ସେ ସିଙ୍ଗଡ଼ା ନୁହେଁ।

ଦୋକାନୀ ହଠାତ୍ ବୁଝିନପାରି ପଚାରିଲେ- ଆପଣ କୋଉ ସିଙ୍ଗଡ଼ା କଥା କହୁଛନ୍ତି ?

ସିଙ୍ଗଡ଼ା ପ୍ରିୟ ବ୍ୟକ୍ତି କହିଲେ- ଆଜି ସିଙ୍ଗଡ଼ା କେମିତି ଅଲଗା ଅଲଗା ଲାଗୁଛି। ମୁଁ ପଥରଦିନ ତମ ଦୋକାନରୁ ଯୋଉ ସିଙ୍ଗଡ଼ା ଖାଇଥିଲି ସେଇଟା ଭିନ୍ନ ଥିଲା। ତାଜା ସୁଆଦ ଥିଲା।

ଦୋକାନୀ ସ୍ମିତ ହସି କହିଲେ- ନାଇଁ ଆଜ୍ଞା, ଆପଣଙ୍କୁ ସେଇ ଜିନିଷ ଦେଇଛି। ଆପଣ ପଥରଦିନ ଯୋଉ ସିଙ୍ଗଡ଼ା ଖାଇଥିଲେ ଏଇଟା ସେଇ ସିଙ୍ଗଡ଼ା।

# ଘରୋଇ ଡାକ୍ତରଖାନାରେ ସର୍ବାଧିକ ସିଜରିଆନ ପ୍ରସବ

**ଭୁବନେଶ୍ୱର,୧୮।୧**
**ତଥ୍ୟ**

ସରକାରୀ ଡାକ୍ତରଖାନାରେ ପ୍ରସୂତୀମାନଙ୍କ ପାଇଁ ସରକାର ସମସ୍ତ ପ୍ରକାର ସୁବିଧା ପ୍ରଦାନ ସତ୍ତ୍ୱେ ରାଜ୍ୟରେ ଘରୋଇ ଡାକ୍ତରଖାନାରେ ପିଲା ଜନ୍ମ ସଂଖ୍ୟା ବୃଦ୍ଧି ପାଉଛି । ବର୍ଷକୁ ବର୍ଷ ଘରୋଇ ଡାକ୍ତରଖାନାରେ ଅପରେସନ ପଦ୍ଧତିରେ ପିଲାଜନ୍ମ (ସିଜରିଆନ୍) ସଂଖ୍ୟା ବଢ଼ି ଚାଲିଥିବା ଲକ୍ଷ୍ୟ କରାଯାଉଛି ।

ଗର୍ଭବତୀ ମହିଳାମାନଙ୍କ ଲାଗି ସରକାରୀ ଡାକ୍ତରଖାନାରେ ମାଗଣାରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ଠାରୁ ଆରମ୍ଭକରି ପିଲାଜନ୍ମ ପର୍ଯ୍ୟନ୍ତ ସମସ୍ତ ସୁବିଧା ରହିଥିବା ସରକାର ବାରମ୍ବାର କହୁଛନ୍ତି । ଏଥି ସହିତ ଯେଉଁମାନେ ସରକାରୀ ଡାକ୍ତରଖାନାରେ ପିଲାଜନ୍ମ କରୁଛନ୍ତି ସେମାନଙ୍କୁ ଆର୍ଥିକ ସହାୟତା ଓ ପରିବହନ ଖର୍ଚ୍ଚ ଯୋଗାଇ ଦିଆଯାଉଛି ।

ଏହା ସତ୍ତ୍ୱେ ବି ଗର୍ଭବତୀ ମହିଳାମାନେ ଘରୋଇ ଡାକ୍ତରଖାନାକୁ ପ୍ରଥମ ପସନ୍ଦ କରୁଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ୨୦୨୦-୨୧ ବର୍ଷରେ ରାଜ୍ୟର ବେସରକାରୀ ତଥା ଘରୋଇ ଡାକ୍ତରଖାନାରେ ସାଧାରଣ ପଦ୍ଧତିରେ ୩୯,୮୪୧ ଜଣ ପିଲା ଜନ୍ମ ହୋଇଥିବାବେଳେ ସିଜରିଆନ ପଦ୍ଧତିରେ ୭୨ହଜାରରୁ ଅଧିକ ପିଲା ଜନ୍ମ ହୋଇଥିଲେ । ଏହିବର୍ଷ ସରକାରୀ ଡାକ୍ତରଖାନାରେ ସାଧାରଣ ପ୍ରସବ ତୁଳନାରେ ପ୍ରାୟ ୩୦ହଜାର ଅଧିକ ପ୍ରସବ ସିଜରିଆନ ପଦ୍ଧତିରେ ହୋଇଥିଲା ।

୨୦୨୧-୨୨ ବର୍ଷରେ ଘରୋଇ ଡାକ୍ତରଖାନାରେ ପୂର୍ବବର୍ଷ ତୁଳନାରେ ସାଧାରଣ ପ୍ରସବ ସଂଖ୍ୟା ହ୍ରାସ ପାଇଥିଲା । ଏହିବର୍ଷ ୨୭,୨୩୮ଟି ପ୍ରସବ ସାଧାରଣ ପ୍ରକ୍ରିୟାରେ ହୋଇଥିବାବେଳେ ୮୦ ହଜାରରୁ ଅଧିକ ପ୍ରସବ ସିଜରିଆନ ପଦ୍ଧତିରେ ହୋଇଥିଲା । ଏହିବର୍ଷ ସରକାରୀ ଡାକ୍ତରଖାନାରେ ସିଜରିଆନ ପ୍ରସବ ସଂଖ୍ୟା ୮୬ ହଜାରକୁ ଟପିଯାଇଥିଲା ।



୨୦୨୨-୨୩ ବର୍ଷରେ ଘରୋଇ ଡାକ୍ତରଖାନାରେ ଏକ ଲକ୍ଷ ୩୦ହଜାର ପ୍ରସବ ହୋଇଥିବାବେଳେ ଏଥି ମଧ୍ୟରେ ପାଖାପାଖି ୧ଲକ୍ଷ ପ୍ରସବ ସିଜରିଆନ ପଦ୍ଧତିରେ ହୋଇଥିଲା । ସେହିବର୍ଷ ସରକାରୀ ଡାକ୍ତରଖାନାରେ ସିଜରିଆନ ପ୍ରସବ ସଂଖ୍ୟା ୮୩ ହଜାରକୁ ଟପିଯାଇଥିଲା ।

୨୦୨୩-୨୪ ବର୍ଷରେ ରାଜ୍ୟରେ ଘରୋଇ ଡାକ୍ତରଖାନାଗୁଡିକରେ ସିଜରିଆନ ପ୍ରସବ ସଂଖ୍ୟା ୧ଲକ୍ଷ ୧୩ହଜାରକୁ ଅତିକ୍ରମ କରିଥିବାବେଳେ ସରକାରୀ ଡାକ୍ତରଖାନାରେ ସିଜରିଆନ ସଂଖ୍ୟା ୮୨ ହଜାରକୁ ହ୍ରାସ ପାଇଥିଲା । ୨୦୨୪-୨୫ ବର୍ଷରେ ରାଜ୍ୟର ଘରୋଇ ଡାକ୍ତରଖାନାଗୁଡିକରେ ସିଜରିଆନ ପ୍ରସବ ସଂଖ୍ୟା ୧ଲକ୍ଷ ୨୪ ହଜାରକୁ ଟପିଥିବାବେଳେ ସରକାରୀ ଡାକ୍ତରଖାନାରେ ପୂର୍ବବର୍ଷ ତୁଳନାରେ ଏହି ପ୍ରସବ କିନ୍ତୁ ସାମାନ୍ୟ ହ୍ରାସ ପାଇଥିଲା ।

ଘରୋଇ ଡାକ୍ତରଖାନାରେ ସିଜରିଆନ ପ୍ରସବ ସଂଖ୍ୟା ବୃଦ୍ଧି ପାଇବା ଏବେ ସ୍ୱାସ୍ଥ୍ୟ ପ୍ରଶାସନ ଓ ବିଶେଷଜ୍ଞମାନଙ୍କୁ ଆଚମ୍ବିତ କରିଛି । ସରକାରଙ୍କର ସମସ୍ତ ପ୍ରକାର ମାଗଣା ଯୋଜନା ସତ୍ତ୍ୱେ ଲୋକେ ଏତେ ସଂଖ୍ୟାରେ କାହିଁକି ଘରୋଇ ଡାକ୍ତରଖାନାକୁ ଯାଉଛନ୍ତି ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ଏହା ପଛରେ ବୀମା ହିଁ ମୁଖ୍ୟ କାରଣ ବୋଲି କୁହାଯାଉଛି । ବୀମା ଅର୍ଥ ପାଇବାପାଇଁ ଉଭୟ ଚିକିତ୍ସକ ଓ ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷ ଗର୍ଭବତୀ ମହିଳାମାନଙ୍କୁ ଘରୋଇ ଡାକ୍ତରଖାନା ମୁହାଁ କରୁଥିବାବେଳେ ବହୁ ଗର୍ଭବତୀଙ୍କ ପରିବାର ବୀମା ଅର୍ଥ ସହିତ ବ୍ୟାପକ ଖର୍ଚ୍ଚାନ୍ତ ବି ହେଉଛନ୍ତି ।

ଏଭଳି ଘଟଣା ନଜରକୁ ଆସିବାପରେ ଗତ ସରକାର ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀମାନଙ୍କୁ ସିଜରିଆନ ପ୍ରସବ ଉପରେ ବିସ୍ତୃତ ରିପୋର୍ଟ ମଗାଯାଇଥିଲା । ମାତ୍ର କିଛି ଦିନର ତୁମ୍ବିତୋଫାନ ପରେ ତାହା ନାଲିଫିତା ତଳେ ରହିଯାଇଥିବା ଜଣାଯାଇଛି ।

## ଶୁଭକାନ୍ତଙ୍କୁ 'ରାଇଜିଂ ଷ୍ଟାର ଅଫ ଦ ସ୍କୁଲ'

**ଆଳି,୧୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚକ୍ରଧର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବର ଉଦଯାପନୀ ଦିବସରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଆଳିର ଅତିରିକ୍ତ ତହସିଲଦାର ମାନସ କୁମାର ସ୍ୱାଇଁ, ମୁଖ୍ୟ ବକ୍ତା ଆଳି ବ୍ଲକ ସଂଯୁକ୍ତ ପ୍ରଧାନ ଶିକ୍ଷକ ତଥା ସହଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ବିଶିଷ୍ଟ ଅତିଥି ଭାବେ ରମେଶ କୁମାର ମହାନ୍ତି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଓ ସମ୍ମାନିତ ଅତିଥି ଭାବେ ସିଙ୍ଗିରି ଗ୍ରାମ ପଂଚାୟତର ସରପଞ୍ଚ ଅକ୍ଷୟ କୁମାର ଦାସ, ଏବଂ ସମିତି ସଭ୍ୟ ପ୍ରତାପ ବାରିକ ଯୋଗ ଦେଇଥିଲେ। ଶିକ୍ଷକ ହରିଶଙ୍କର ତରାଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପାସନା ପାତ୍ର ବାର୍ଷିକ ବିବରଣୀ ଶିକ୍ଷକ ପାଠ କରିଥିଲେ। ନିରଞ୍ଜନ ସୁତାର ଓ ସଞ୍ଜୟ ମହାଳିକ ସଂଯୋଜନା କରିଥିଲେ। ସିନିଅର ବିଭାଗରେ ନରସିଂହ ସାହୁ ଓ ଅର୍ଚ୍ଚିତା ମଳିକ ଚାମ୍ପିୟନ ହୋଇଥିବା ବେଳେ ଜୁନିଅର ବିଭାଗରେ ସୁଧାଂଶୁ ଶେଖର ମଳିକ ଓ ସିଦ୍ଧି ବିନାୟକ ନାୟକ ଚମ୍ପିୟାନ ହୋଇଥିଲେ। ଉପ ଜୁନିଅର ବିଭାଗରେ ଦେବବ୍ରତ ଦାସଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା।

ସୂଚନାଯୋଗ୍ୟ ଗାଇଡ ଶିକ୍ଷକ ପ୍ରତିଭା ଦାଶଙ୍କ ଉଦ୍ୟମରେ ନବମ ଶ୍ରେଣୀର ଛାତ୍ର ଶୁଭକାନ୍ତ ସାହୁ ରାଜ୍ୟ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନିରେ ଉତ୍କର୍ଷତା ପ୍ରତିପାଦିତ କରି ଜାତୀୟ ସ୍ତରକୁ ମନୋନୀତ ହୋଇଥିବାରୁ ବିଦ୍ୟାଳୟ ତରଫରୁ ତାଙ୍କୁ 'ରାଇଜିଂ ଷ୍ଟାର ଅଫ ଦ ସ୍କୁଲ' ପୁରସ୍କାର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଛାତ୍ରୀ ଦିବ୍ୟାନନ୍ଦିନୀ ବେହେରାଙ୍କୁ ବଂଶୀଧର ମହାପାତ୍ର ସ୍ମୃତି ସଂମାନ ଓ ବିଦ୍ୟାଳୟର ସର୍ବଶ୍ରେଷ୍ଠ ଛାତ୍ର ଭାବେ ଦଶମ ଶ୍ରେଣୀର ସୁଧାଂଶୁ ଶେଖର ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡା ଶିକ୍ଷକ ଜୟନ୍ତ ବାରିକଙ୍କ ସମେତ ସୁବାଷ ଜନା, ଶୁଭାଲକ୍ଷ୍ମୀ ତରାଇ, ଶୁଭାସିନୀ ସାହୁ, ପ୍ରଭାତୀ ବେହେରା, ପ୍ରତିଭା ଦାଶ, ଗିତାଞ୍ଜଳି ସାହୁ, ରୋଜାଲିନି ବେହେରା, ଚିନ୍ମୟୀ ମୁଦୁଲି, ଅନସୂୟା ପଣ୍ଡା, ନୀଳାମ୍ବର ଜେନା, ସଂଜୀବ ପରିଡା, ଲକ୍ଷ୍ମୀପ୍ରିୟା ମାନ ସିଂ, ଶିଶିର ତରାଇ ଏବଂ ପ୍ରାକ୍ତନ କ୍ରୀଡା ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଜେନା, ଗ୍ରାମ ବାସୀ, ବିଦ୍ୟାଳୟ ପରିଚାଳନା କମିଟି, ପଞ୍ଚ ଶିକ୍ଷା ସେତୁ ଏବଂ ସମସ୍ତ ପ୍ରାକ୍ତନ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ମାନଙ୍କ ସହଯୋଗରେ କ୍ରୀଡା ଓ ବାର୍ଷିକ ଉତ୍ସବ ବହୁ ଆଡମ୍ବରରେ ସମ୍ପାଦିତ ହୋଇଥିଲା। ସହଯୋଗ ପାଇଁ ପ୍ରଧାନ ଶିକ୍ଷକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ମାଟି ଗାର୍ଡୱାଲ କାମରେ ଦୁର୍ନୀତି: ଅବଧି ପୂରିଥିଲେ ବି ବାଇପାସ ରାସ୍ତା ସରୁନି

**ପଟ୍ଟାମୁଣ୍ଡାଇ,୧୮।୧: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବାଇପାସ ରାସ୍ତା କାମର ଅବଧି ୨ ବର୍ଷହେବ ସରିଥିବା ବେଳେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଅଧା ହୋଇନାହିଁ। ଯେତିକି ବି ନିର୍ମାଣ ହୋଇଛି, ସେଥିରେ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହୋଇପଡୁଥିବା ଲୋକେ ଅଭିଯୋଗ ଉଠାଉଛନ୍ତି। ମାଟି ଠାରୁ ଆରମ୍ଭ କରି ଗାଡୱାଲ ଢଳେଇ କାମରେ ବହୁ ଅନିୟମିତତା ହେଇଥିବା ବେଳେ ରାସ୍ତା କାମ ନିମ୍ନମାନର ହେଉଛି। ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏକାଧିକ ପ୍ରକଳ୍ପ କାର୍ଯ୍ୟରେ ଜନୈକ ଠିକାସଂସ୍ଥା ଦୁର୍ନୀତି କରିଥିବା ଲୋକେ ଦାବୀ କରିଛନ୍ତି। ଅପରପକ୍ଷେ ଜନୈକ ଠିକାସଂସ୍ଥା ଦ୍ୱାରା ଅଂଚଳର ଏକାଧିକ ପ୍ରକଳ୍ପ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଇ ମାସ କେଇଟାରେ ଖରାପ ହୋଇଥିବା ପୂର୍ବରୁ ବହୁ ବାର ଧାରଣା ଅନ୍ଦୋଳନ ମଧ୍ୟ ହୋଇଛି। ମାତ୍ର ପ୍ରଶାସନ ଏଥପ୍ରତି ଦୃଷ୍ଟି ଦେଉନଥିବା ବେଳେ ଜନୈକ ଠାକାସଂସ୍ଥା ବହୁ କାର୍ଯ୍ୟ ହାତକୁ ନେଇ ଜେନତେନ ପ୍ରକାର କାମ କରୁଛନ୍ତି। ଯାହା ପ୍ରଶାସନ ଓ ଠିକାସଂସ୍ଥାର ମଧୁଚନ୍ଦ୍ରିକା ଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହିତ ଭିଜିଲାନ୍ସ ଦାବି ଉପସ୍ଥାପନ କରିଛନ୍ତି।

ଲୋକଙ୍କ କହିବା ଅନୁଯାଇ ଭିତରକନିକାକୁ ଏକ ବାଇପାସ ରାସ୍ତାର ନିର୍ମାଣ ପାଇଁ ୨୦୨୩ରେ ୧୭.୨୯ କୋଟି ଟଙ୍କା ବ୍ୟୟ ଅଟକଳରେ ଶୁଭ ଶିଳାନ୍ୟାସ କରାଯାଇଥିଲା। ପରବର୍ତି ସମୟରେ ତାହା ୨୧ କୋଟିକୁ ବୃଦ୍ଧି କରାଯାଇଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଠିକାଦାର ଶିବ ପ୍ରସାଦ ପରିଡ଼ା ଟେଣ୍ଡର ପାଇ ବାଇପାସ ରାସ୍ତାର କାର୍ଯ୍ୟ ଆରମ୍ଭ କରିଥିଲେ। ଚୁକ୍ତିନାମା ଅନୁଯାୟୀ ପୁରୁଣା ବାଇପାସ ଠାରୁ କଖାରୁଣି ପୋଲ ପର୍ଯ୍ୟନ୍ତ ୪.୦୯୭ କିମି ରାସ୍ତା ପାଇଁ ପ୍ରାୟ ୩୦.୯୭୯ ଘନମିଟର ମାଟି ବ୍ୟବହାର ନେଇ ଏଷ୍ଟିମେଂଟର ଥିବା ତତକ୍ରାଳିନ ଯନ୍ତ୍ରୀ ସୁଚନା ଦେଇଥିଲେ। ମାତ୍ର ଠିକା ସଂସ୍ଥା ଏହି ପ୍ରକଳ୍ପରେ ନିକଟସ୍ଥ ରାସ୍ତା ପାର୍ଶ୍ୱ, କେନାଲ, ନୟନଜୋରି ଓ ବିଲରୁ ମାଟି ଉଠାଇ ମସୁଧା କରି ବିଲ୍ ଉଠାଇନେଇଛନ୍ତି। ଏହି ପ୍ରକଳ୍ପରେ ବାଲିଆମାଟି ପରିବର୍ତ୍ତେ କେନାଲର ମାଟି ଓ ଦକ୍ଷୀଣ ପାର୍ଶ୍ୱ ନୟନଜୋରିର ପଙ୍କକୁ ରାସ୍ତାରେ ପାକାଇଥିବା ନେଇ ସେତେବେଳେ ଘୋର ଅଭିଯୋଗ ହୋଇଥିଲା। ଯାହା ରାସ୍ତା ଧସିବା ଓ ଫାଟିବା ସମ୍ଭାବନା ଅଧିକ ରହିଛି। କେନାଲ ପାର୍ଶ୍ୱକୁ ନିମ୍ନମାନର ୱାଲ କରାଯାଇଛି। ଏଭଳି ପ୍ରକ୍ରିୟାରେ ରାସ୍ତା କାର୍ଯ୍ୟକରିବାକୁ ନିୟମ ନଥିବା ବେଳେ ଠିକାଦାର ବିଭାଗୀୟ ଯନ୍ତ୍ରୀଙ୍କୁ ହାତବାରିସି କରି କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଆସୁଛି। କେନାଲ ଭିତରୁ ଠିକାଦାର ବେଆଇନ ମାଟିଉଠାଇ ନେଇଥିବାରୁ କେନାଲ ଭିତରେ ଆଉ ଏକ ନୂତନ କେନାଲ ସୃଷ୍ଟି ହୋଇଛି । ଫଳରେ ପାଟ କେନାଲ ଓ କଲଭଟରୁ ଜମିକୁ ଜଳପରିଚାଳନା ହୋଇପାରୁନି। ଚଳିତ ଖରିପ ରୁତୁରେ ୧୦ ହଜାର ହେକ୍ଟର ଚାଷଜମିକୁ କେନାଲ ଜଳପରିଚାଳନା ହେବାରେ ତୃଟିବାହରିଥିଲା । ଏପରି ଚାଷଜମିକୁ ଜଳଚଳାଚଳ ଅନୁପଯୋଗୀ କରିବା କେତେଦୂର ଯଥାର୍ଥ ବୋଲି ସ୍ଥାନୀୟ ଚାଷୀ ପ୍ରଶ୍ନ ଉଠାଇଛନ୍ତି । ଏଠି ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ଭିତିରି ବୁଝାମଣା ପଦାରେ ପଡ଼ିଛି। ରାସ୍ତା କାମର ଅବଧି ୨୧ ଫେବୃଆରି ୨୦୨୪ ଥିବା ବେଳେ ୨ ବର୍ଷ ହେବ ଶେଷ ହେଇସାରିଛି। ଠିକାଦାର ଉତମ କାର୍ଯ୍ୟ କରିବା ପରିବର୍ତ୍ତେ ସଂପ୍ରତି ଦୁର୍ବଳ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି।

କଂଗ୍ରେସ ନେତା ମଳୟ ଦାସ, ସତ୍ୟପ୍ରୀୟ ସାମଲ କୁହନ୍ତି ଉକ୍ତ ଠିକାସଂସ୍ଥା ପଟ୍ଟାମୁଣ୍ଡାଇ ଅଂଚଳରେ ଅନେକ ରାସ୍ତା କାର୍ଯ୍ୟକରିଥିବା ବେଳେ ପ୍ରତ୍ୟକ ପ୍ରକଳ୍ପ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଆସୁଛି। ପଟ୍ଟାମୁଣ୍ଡାଇ-ରାଜନଗର ଘେରିବନ୍ଧ ରାସ୍ତା ୨୧ କୋଟିରେ ଉକ୍ତ ସଂସ୍ଥା କରିଥିଲେ ମଧ୍ୟ ତାହା ସ୍ୱଳ୍ପ ଦିନରେ ଖରାପ ହୋଇଗଲା । ଯାହାକୁ ନେଇ ବହୁବାର ଧାରଣା ଆନ୍ଦୋଳନ ମଧ୍ୟ ହୋଇଥିଲା। ସେହିପରି ମାଳିବସାରୁ ଗଣ୍ଡାକିଆ ରାସ୍ତା ଅନୁପଯୋଗି ହୋଇରହିଛି । ଗତ ୨୦୨୫ରେ କଖାରୁଣି ପୋଲଠାରୁ ଗଣ୍ଡାକିଆ କେନାଲର ଦକ୍ଷୀଣ ପାର୍ଶ୍ୱ ରାସ୍ତା କାମ ପ୍ରାୟ ୧୧ କୋଟି ବ୍ୟୟରେ ଜଳସଂପଦ ବିଭାଗ ପକ୍ଷରୁ ଉକ୍ତ ଠିକାସଂସ୍ଥା କରିଥିଲା। ହେଲେ ତାହା ଏବେ ଅନେକ ସ୍ଥାନରେ ଖାଲଖମା ହୋଇପଡିଛି । ଉକ୍ତ ରାସ୍ତାରେ ସଂପ୍ରତି ଗୋଟିଏ ବି ଗାଡି ଯାତାୟତ କରିପାରୁ ନାହାଁନ୍ତି । ସେହିପରି ପଟ୍ଟାମୁଣ୍ଡାଇ-ଇନ୍ଦୁପୁର ରାସ୍ତାର ଅବସ୍ଥା ବର୍ଷକ ଭିତରେ ଖାଲଖମାରେ ଭର୍ତି ହୋଇଗଲାଣି । ଉକ୍ତ ଠିକାସଂସ୍ଥା ମନମୁଖି କାର୍ଯ୍ୟ ତଦନ୍ତ ସାପେକ୍ଷ । ଏଥି ପ୍ରତି ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ପ୍ରକାଶ ମହାନ୍ତି ପଟ୍ଟାମୁଣ୍ଡାଇ ବ୍ଲକ୍ କଂଗ୍ରେସ ସଭାପତି

**ପଟ୍ଟାମୁଣ୍ଡାଇ,୧୮।୧: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲା ରାଜନଗର ନର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ଭାବେ ପ୍ରକାଶ ମହନ୍ତିଙ୍କୁ ନିଯୁକ୍ତି ମିଳିଛି। କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ସଭାପତି ଡ଼. ଦେବସ୍ମିତ ଶର୍ମାଙ୍କ ନେତୃତ୍ୱରେ ଗଠନ ହୋଇଥିବା ତାଲିକା ଉପରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ମୋହର ମାରିଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଂଟା ଗ୍ରାମର ପ୍ରକାଶ ମହାନ୍ତି କଂଗ୍ରେସ ଦଳର ଜଣେ ସକ୍ରିୟ ସଂଗଠକ ଭାବେ ଅନେକ ଗୁରୁ ଦାୟିତ୍ୱ ନିଭାଇଛନ୍ତି। ସାଧାରଣ ନିର୍ବାଚନ ହେଉ କି ପଂଚାୟତ ନିର୍ବାଚନ ସବୁ ସମୟରେ ସେ କଂଗ୍ରେସର ସଂଗଠନ ବୃଦ୍ଧି କରାଇଆସିଛନ୍ତି । ଆଜି ପ୍ରଦେଶ କମିଟି ପକ୍ଷରେ ତାଙ୍କୁ ବ୍ଲକ କଂଗ୍ରେସ ସଭାପତି ଭାବେ ମନୋନୀତ କରିଥିବାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଦାସ, ପ୍ରଦେଶ କଂଗ୍ରେସ କମଟିର ପ୍ରଭାରୀ ଅଜୟ ଲଲ୍ଲୁ, ପ୍ରଦେଶ କଂଗ୍ରେସ କମିଟିର କୋଷାଧକ୍ଷ ସିଦ୍ଧାର୍ଥ ସ୍ୱରୋପ ଦାସ, ଜିଲା ସଭାପତି ଦେବସ୍ମିତା ଶର୍ମା, ପୂର୍ବତନ ବ୍ଲକ କଂଗ୍ରେସ କମିଟିର ସଭାପତି ଧନେଶ୍ୱର ଦାସ, ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ ତାଙ୍କ ଉପରେ ଭରସା ରଖିଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ବଦଳି ହେବା ପରେ ବି କ୍ୱାର୍ଟର୍ସ ଛାଡୁନାହାନ୍ତି କର୍ମଚାରୀ

**କେନ୍ଦ୍ରାପଡ଼ା,୧୮।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସାଧାରଣ ଲୋକଙ୍କୁ ବିଭିନ୍ନ କାମରେ ନୀତି ନିୟମ ର ପାଠ ପଢୁଉଥିବା ସରକାରୀ ବାବୁମାନେ ନିଜ କଥା ପଡ଼ିଲେ ନୀତି ନିୟମକୁ ଫୁ କରି ଦିଅନ୍ତି । ଏହାର ବହୁ ଉଦାହରଣ ରହିଛି । ତେବେ ସରକାରୀ କ୍ୱାର୍ଟର୍ସ ରେ ରହୁଥିବା ବାବୁମାନେ ଅବସର ନେଲେ କି ୮କିମି ଦୂରକୁ ବଦଳି ହେଲେ ୩ମାସ ମଧ୍ୟରେ କ୍ୱାର୍ଟର୍ସ ଛାଡ଼ିବାର ବ୍ୟବସ୍ଥା ରହିଛି । ଆଉ ୩ମାସ ମଧ୍ୟରେ ନଛାଡ଼ିଲେ ବଜାର ଦରରେ ସରକାରଙ୍କୁ ଭଡ଼ା ଦେବା କଥା । ହେଲେ ଏଠାରେ ସରକାରୀ ବାବୁମାନେ ବଦଳି ହେବାର ବର୍ଷାଧିକ କାଳ ପରେ ବି କ୍ୱାର୍ଟର୍ସ ଛାଡୁ ନାହାଁନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଅଫିସ୍‌ର ୫ଜଣ କର୍ମଚାରୀ ଦୀର୍ଘ ଦିନ ହେଲା ଜିଲ୍ଲା ସଦର ମହକୁମା ବାହାରକୁ ବଦଳି ହୋଇ ଯାଇଥିଲେ ମଧ୍ୟ ଏଠାରେ କ୍ୱାର୍ଟର୍ସ ଛାଡୁନାହାଁନ୍ତି । ଫଳରେ ଜିଲ୍ଲାପାଳଙ୍କ ଅଫିସ୍‌ର କର୍ମଚାରୀମାନେ କ୍ୱାର୍ଟର୍ସଟିଏ ନପାଇ ବାର ଦୂଆର ବୁଲୁଛନ୍ତି । ଯାହାଦ୍ୱାରା ସରକାରୀ କାମରେ ବାଧା ଉପୁଜୁଥିବା ଅଭିଯୋଗ ହେଉଛି । ହେଲେ ପ୍ରଶାସନିକ ଅଧିକାରୀଙ୍କର ଏଥିପ୍ରତି ଦୃଷ୍ଟି ନପଡ଼ିବା ବିସ୍ମୟ ସୃଷ୍ଟି କରିଛି।

## ପ୍ରଥମ ପୃଷ୍ଠାରୁ...

### ପୁଲିସ ଉପରକୁ...

କରିବା ପରେ ପୋଲିସ ପାଇଥିଲା ଏକ ବଡ଼ ସୂଚନା। କଟକ ସିଡିଏ ଏବଂ ସ୍ଥାନୀୟ ଅଞ୍ଚଳର ୭ ଜଣ ଦୁର୍ବୃତ୍ତଙ୍କୁ ପୋଲିସ ଉଠାଇ ଆଣିଛି। ସବୁଠାରୁ ଚାଞ୍ଚଲ୍ୟକର ତଥ୍ୟ ହେଉଛି, ଗିରଫ ୭ ଜଣଙ୍କ ମଧରୁ ଜଣେ ଦୁର୍ଦ୍ଧାନ୍ତ ଡି-ବ୍ରଦର୍ସ ଗ୍ୟାଙ୍ଗର ସକ୍ରିୟ ସଦସ୍ୟ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ପୋଲିସ ପ୍ୟାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। କଟକରେ ପୁଣିଥରେ ଡି-ବ୍ରଦର୍ସ ଗ୍ୟାଙ୍ଗର କାୟା ବିସ୍ତାରକୁ ନେଇ ପୋଲିସ ଗୁରୁତର ସହ ତଦନ୍ତ ଆରମ୍ଭ କରିଛି। ବିଲଡର ସଂସ୍ଥାମାନେ କିଭଳି ଗ୍ୟାଙ୍ଗଷ୍ଟରଙ୍କ ସହଯୋଗ ନେଉଛନ୍ତି, ତାହାର ମଧ୍ୟ ଖୋଳତାଡ଼ କରାଯାଉଛି।

### ଭାଙ୍ଗି ଚାଲିଛି...

ଲୋକହସା ହେବା ସାର ହେଲା । ବିଜେଡ଼ିର ଏହି ଓଲଟା ଗତିକୁ ଶାସକ ବିଜେପି ବେଶ୍ ଉପଭୋଗ କରୁଥିବାବେଳେ ସାଧାରଣରେ ଗ୍ରହଣୀୟତା ହରାଉଥିବା ଦଳ ଓ ଏହାର ନେତାଙ୍କୁ ଦଳୀୟ କର୍ମୀମାନେ ମୁହଁ ମୋଡ଼ିବା ଆରମ୍ଭ କଲେଣି । ଏଭଳି ସ୍ଥିତିରେ ବିଜେଡ଼ି ଆଗକୁ ସୁଦୃଢ ହେଉଛି କି ଭାଙ୍ଗି ଭାଙ୍ଗି ଖପରା ହେଉଛି ତାକୁ ଦେଖିବାକୁ ବାକି ରହିଲା ବୋଲି କୁହାଯାଉଛି ।

### କୋଟେରୀକୁ ଆହ୍ୱାନ...

ଲିପ୍ତ ଅଛନ୍ତି ତାହା ନିର୍ବାଚନ ମଣ୍ଡଳୀର ଦଳର କୌଣସି ନେତା ଓ କର୍ମୀ ଜାଣିପାରିଲେନି । ଦଳ ପାଖରେ ଯଦି ପ୍ରମାଣ ଅଛି ତେବେ ତାହା ସ୍ପଷ୍ଟ କରିବାକୁ କର୍ମୀମାନେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ଶ୍ରୀସିଂହ ଆହୁରି କହିଥିଲେ ଯେ, ପାଟକୁରା ବିଧାୟକ ଭାବେ ଅରବିନ୍ଦ ମହାପାତ୍ରଙ୍କ କାର୍ଯ୍ୟ ଓ ବିଧାନସଭାରେ ତାଙ୍କର ବିଭିନ୍ନ ପ୍ରସଙ୍ଗ ଉଥାପନ ପାଟକୁରା କାହିଁକି ସାରା ରାଜ୍ୟରେ ତାଙ୍କର ଗ୍ରହଣୀୟତା ସର୍ବଜନ ବିଦିତ । ଏହି ସମ୍ମିଳନୀରେ ବରିଷ୍ଠ ନେତା ହଳଧର ଦାସ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ ଗତ ୨୦୨୪ ମସିହା ପରେ ଦଳୀୟ ନେତୃମଣ୍ଡଳୀଙ୍କ ନିଷ୍ପତି ଅନୁଯାୟୀ ଦଳର ପ୍ରତିଷ୍ଠା ଦିବସ ହେଉ, ପଦଯାତ୍ରା ହେଉଁ କିମ୍ବା ଅନ୍ୟାନ୍ୟ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ବିଧାୟକ ଅରବିନ୍ଦ ସଠିକ ଭାବେ କାର୍ଯ୍ୟକାରୀ କରି କର୍ମୀମହଲରେ ପ୍ରିୟଭାଜନ ହୋଇଥିବା ବେଳେ କେବେ ଦଳବିରୋଧର କାର୍ଯ୍ୟ କଲେ ତାହାର ଦୃଷ୍ଟାନ୍ତ କର୍ମୀମହଲରେ ନାହିଁ। ବରିଷ୍ଠ ନେତା ବଚ୍ଚକୃଷ୍ଣ ସାମଲ ଏହି ନିଲମ୍ବନ ପଛରେ ଚକ୍ରାନ୍ତକାରୀ କୋଟେରୀ ଗୃପର ପ୍ରଚ୍ଛନ୍ନ ହାତ ରହିଥିବା ସୁଚନା ଦେଇଥିଲେ। ସେହିପରି ବରିଷ୍ଠ ନେତା ତ୍ରିଲୋଚନ ରାଉତ, ସୁଧିର କୁମାର ଖଟୁଆ ଓ ଯୋଗାନନ୍ଦ ମହାନ୍ତି ଗତ ସାଧାରଣ ନିର୍ବାଚନରେ ପାଟକୁରାର ବିଧାୟକ ପ୍ରାର୍ଥି ଭାବେ ଅରବିନ୍ଦକୁ ଦଳୀୟ ଟିକେଟ ଦିଆଯାଇଥିଲା। ଅରବିନ୍ଦଙ୍କୁ ଜିତାଇବା ପାଇଁ ଦଳ ପକ୍ଷରୁ ଦିଆଯାଇଥିବା ଆହ୍ୱାନକୁ କର୍ମୀମାନେ ସଂକଳ୍ପର ସହ କାର୍ଯ୍ୟ କରି ବିପୁଳ ବିଜୟ କରିଥିଲେ। ମାତ୍ର ଦଳ ବିରୋଧି କାର୍ଯ୍ୟ ବିଧାୟକ କ'ଣ କଲେ କର୍ମୀମାନଙ୍କୁ ନଜଣାଇ କିମ୍ବା କାରଣ ଦର୍ଶାଅ ନୋଟିସ ନଦେଇ ନିଲମ୍ବନ କରିବା ଦଳୀୟ କର୍ମୀଙ୍କୁ ହତୋତ୍ସାହିତ କରିଛି । ଯେଉଁମାନେ ଗଣମାଧମରେ ପାଟକୁରା ଏବଂ ବିଧାୟକଙ୍କ ବିଷୟରେ ଶସ୍ତା ମନ୍ତବ୍ୟ ଦେଉଛନ୍ତି ଏହା ପାଟକୁରାବାସୀଙ୍କୁ ଅତି ଦୁଃଖିତ କରିଛି ଏବଂ ସେମାନେ ଏଥିରୁ ନିବୃତ ରହିବା ପାଇଁ ସମ୍ମିଳନୀରେ ଉପସ୍ଥିତ ଥିବା ବରିଷ୍ଠ ନେତା ଲକ୍ଷ୍ମୀଧର ମହାପାତ୍ର ଓ ସଚ୍ଚିଦାନନ୍ଦ ରଥ ଚେତାଇ ଦେଇଥିଲେ। ଏହି ସମ୍ମିଳନୀରେ ସ୍ଥାନୀୟ ଚାଟରାଚକଡା ପଂଚାୟତ ସମିତିସଭ୍ୟ ନିରଞ୍ଜନ କର, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ଫନିନ୍ଦ୍ର ବେହେରା, ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ସସ୍ମିତା ବଳ, ସରପଂଚ ସୁରେନ୍ଦ୍ର ମଳିକ, ଶିଶିର କୁମାର ସାମଲ, ଅରକ୍ଷିତ କାଣ୍ଡି, କାଶିନାଥ କାଣ୍ଡି, ମାନସୀ ସାମଲଙ୍କ ସମେତ ଦଳର ବହୁ ଲୋକ ପ୍ରତିନିଧି ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ରାଜକିଶୋର ମଲ୍ଲ, ସରଳରେଖା ସାହୁ, ଦିଲ୍ଲୀପ ଦାସ, ସତ୍ୟରଞ୍ଜନ ସାମଲ, ପ୍ରଶାନ୍ତ ସାମନ୍ତରାୟ, ସାହାଜାନ ଖାନ୍, ସୁଜିତ କୁମାର ବଳ, ଅଭିମନ୍ୟୁ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

### ନବୀନଙ୍କୁ ଭେଟିଲା...

ବିଜେଡିର ସବୁ ଅଭିଯୋଗ ସଂପୂର୍ଣ୍ଣ ମିଥ୍ୟା। ସେମାନେ ଗୁମର ଖୋଲିଲେ ମୁଁ ତାକୁ ଚ୍ୟାଲେଞ୍ଜ କରିବି ବୋଲି ଅରବିନ୍ଦ ମହାପାତ୍ର କହିଛନ୍ତି।

ସୂଚନାଯୋଗ୍ୟ ଯେ, ବିଜେଡି ସାଧାରଣ ସମ୍ପାଦକ ଅମରେଶ ପତ୍ରି କହିଥିଲେ ୨୨ ମାସ ହେଲା ଗୁଇନ୍ଦା ରିପୋର୍ଟ ନେଉଥିଲା ବିଜେଡି। ଟିକେଟ୍ ନେବା ପରଦିନରୁ ଦଳ ସହ ବିଶ୍ୱାସଘାତକତା କରିଥିଲେ। ବାପ-ପୁଅ ଦଳ ଭାବେ ପାଟକୁରାରେ ଶାସନ କରୁଥିଲେ। ସାଂସଦ ପ୍ରାର୍ଥୀଙ୍କୁ ହରାଇବାକୁ ଷଡ଼ଯନ୍ତ୍ରର ମଙ୍ଗ ଧରିଥିଲେ ଅରବିନ୍ଦ। କାର୍ଯ୍ୟକ୍ରମରେ ଦଳୀୟ ଚିହ୍ନ ଓ ସଭାପତିଙ୍କ ଫଟୋ ରଖୁନଥିଲେ। ପଞ୍ଚାୟତରେ ଦଳ ଲୋକଙ୍କୁ ହଟାଇ ନିଜ ଲୋକ ରଖୁଥିଲେ ଅରବିନ୍ଦ। ବାପାଙ୍କ କଥାରେ ଚାଲିଥିଲେ ପୁଅ ଅରବିନ୍ଦ।

ଯୁବ ପ୍ରତିଭାଙ୍କୁ ନବୀନ ପଟ୍ଟନାୟକ ଅନେକ ସମୟରେ ସୁଯୋଗ ଦେଇଛନ୍ତି। ଆଗକୁ ବଢ଼ିବାକୁ ଦଳର ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ମଧ୍ୟ ରଖିଛନ୍ତି। ଅମରେଶ ପତ୍ରି ଅନେକ ବର୍ଷ ଧରି ବିଜୁ ଜନତା ଦଳ ସହ ଅଛନ୍ତି। ତାଙ୍କୁ ପାଟକୁରା ଟିକେଟ ଦିଆନଯାଇ ଦଳ ଅମରେନ୍ଦ୍ରଙ୍କ ଉପରେ ଭରସା କଲା। କିନ୍ତୁ ଦୁର୍ନୀତି ଓ ବିଶ୍ୱାସଘାତକ ଏହି ଦୁଇ କାରଣ ପାଇଁ ନିଲମ୍ବନ ହୋଇଛନ୍ତି ଦୁଇ ବିଧାୟକ। ବିନା ତଥ୍ୟରେ ଦଳର ସଭାପତି ନିଷ୍ପତି ନିଅନ୍ତିନି। ପ୍ରମାଣ ଅଛି ତେଣୁ ନିଷ୍ପତି ହୋଇଛି।

ବାରମ୍ବାର ଅରବିନ୍ଦ ପ୍ରଶ୍ନ କରୁଛନ୍ତି ମୁଁ କ'ଣ ପାଇଁ ନିଲମ୍ବନ ହୋଇଛି। ସେ କେବଳ ଦଳ ସହ ବିଶ୍ୱାଘାତକ କରିନାହାନ୍ତି ବରଂ ପାଟକୁରାବାସୀଙ୍କ ସହ କରିଛନ୍ତି। ୨୫ ବର୍ଷ ତଳେ ତାଙ୍କ ବାପା ଯାହା କରିଥିଲେ ତାକୁ ଭୁଲି ତାଙ୍କୁ ଟିକେଟ୍ ଦିଆଗଲା। ଆଉ ଟିକେଟ୍ ପାଇ ଜିତିବା ପରେ ପ୍ରଥମ ଦିନରୁ ଆରମ୍ଭ ହେଲା ତାଙ୍କର କାମ। ଟିକେଟ୍ ମିଳିବ ସମୟରେ ଅରବିନ୍ଦ ସାଂସଦ ପ୍ରାର୍ଥୀଙ୍କୁ ହରେଇବାକୁ ଗୁରୁ ଦାୟିତ୍ୱ ନେଇଥିଲେ ଓ ଷଡ଼ଯନ୍ତ୍ର କରିଥିଲେ। ଦୀର୍ଘ ୨୨ ମାସ ହେଲା ଗୁଇନ୍ଦା ତଥ୍ୟ ଦେଇଥିଲା। ପାଟକୁରାରେ ଅନେକ କାର୍ଯ୍ୟକ୍ରମରେ ଦଳୀୟ ସଂକେତ ନାହିଁ କିମ୍ବା ସଭାପତିଙ୍କ ଫଟୋ ନାହିଁ। ଯେମିତି ବୃକ୍ଷ ସେମିତି ଫଳ। ବାପା ଯାହା ଶିକ୍ଷା ଦେଇଛନ୍ତି ସେ ସେମିତି କରୁଛନ୍ତି। ସନା ମହାକୁଡଙ୍କ ସହ କଥା ନ ହେବା କଥା ଯାହା ଅରବିନ୍ଦ କହିଥିଲେ, ଷଡ଼ଯନ୍ତ୍ର କଣ ବିଧାନସଭାରେ ବସିକି ହୁଏ। ମିଡିଆରେ ଯାହା ପଚାରୁଛନ୍ତି ସେ ନିଜକୁ ପଚାରନ୍ତୁ ବୋଲି ଅମରେଶ କହିଛନ୍ତି।




Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at **Janachetana Parisad Bhawan, At-Kajala, P.O/Dist -Kendrapara**, Pin-754211, Ph. : 9439698412, 9583706460

Editor : **Ambika Prasad Das** ସମ୍ପାଦକ : **ଅମ୍ବିକା ପ୍ରସାଦ ଦାସ** Chief Editor : **Umapada Bose** ମୁଖ୍ୟ ସମ୍ପାଦକ : **ଉମାପଦ ବୋଷ**